A Comrade in Arms

Souribandhu Kar

(A Felicitation Volume)

ସାଥୀ ସୌରୀବନ୍ଧୁ କର

ଅଭିନନ୍ଦନିକା

Digitized by srujanika@gmail.com

A COMRADE IN ARMS
Souribandhu Kar
(A Felicitation Volume)

Published by
The Felicitation Committee, Bhubaneswar, Orissa

Digitized by srujanika@gmail.com

CONTENTS

Editor's Note		5
ଅବସର ଗ୍ରହଣ ଅବସରରେ ସାଥୀ ସୌରୀବଂଧୁ	ଦୂତୀକୃଷ୍ଣ ପଣ୍ଡା	7
'ଯୋଗ କର୍ମସୁ କୌଶଳମ୍'	ସାତକଡି ହୋତା	10
ବଂଧୁ ମୋର ଉଦାର ଚେତା	ବାସୁଦେବ ସାମଲ	15
ସୌରୀବଂଧୁ ଙ୍କ ଅବସର	ଗଣେଶ୍ୱର ମିଶ୍ର	18
ସୌରୀବଂଧୁ କର-ବ୍ୟକ୍ତି ଓ ବ୍ୟକ୍ତିତ୍ୱ	ଗୋପାଳ କୃଷ୍ଣ ଶ୍ରୀଚନ୍ଦନ	20
ସଂଗଠକ- ସାହିତ୍ୟିକ	କିଶୋର ଚନ୍ଦ୍ର ପାଢ଼ୀ	23
ସେ ଆମ ଅଞ୍ଚଳର ଗର୍ବ ଓ ଗୌରବ	ନୃସିଂହ ଚରଣ ସାହୁ	26
ସଫଳ କର୍ମଜୀବନ	ଆଦିକନ୍ଦ ସାହୁ	28
ସ୍ମୃତି ଓ ଅନୁଭୂତି	ବିପିନ ବିହାରୀ ପାଢ଼ୀ	32
ସୌରୀବଂଧୁ - ମଣିଷର ବନ୍ଧୁ	ରଞ୍ଜନ ସାହୁ	35
ସାଥୀ ସୌରୀବଂଧୁ କରଙ୍କୁ ସଶ୍ରଦ୍ଧ ଅଭିନନ୍ଦନ	କିଶୋର ଜେନା	38
ଶ୍ରମିକ ସେନାପତି ସୌରୀବଂଧୁ	ବେଣୁଧର ସାମନ୍ତ	42
ନିଆରା କର୍ମକାର:ସୌରୀବଂଧୁ କର	ଦାଶ ବେନହୁର	45
କର୍ମକୁଶଳୀ ସୌରୀବଂଧୁ ବାବୁ	ଲକ୍ଷ୍ମୀନାରାୟଣ ରାୟସିଂହ	48
ବେଦାନ୍ତପ୍ରେମୀ ସୌରୀବଂଧୁ କର	ଗଣେଶ ପ୍ରସାଦ ଦାସ	50
ମୁଁ ତାଙ୍କୁ ଯେମିତି ଜାଣିଛି	ବଳରାମ ମିଶ୍ର	56
ସୌରୀବନ୍ଧୁ କର : ଏକ ଅମ୍ଳାନ ବ୍ୟକ୍ତିତ୍ୱ	ଭାସ୍କର ଜେନା	58
ଚିହ୍ନି ଚିହ୍ନାଇବାର ସଫଳ ଉଦ୍ୟମ : ହରେକୃଷ୍ଣ ମହତାବ, ସମୀକ୍ଷା	ଲକ୍ଷ୍ମୀକାନ୍ତ ଖୁଣ୍ଟିଆ	62
ଗଦ୍ୟସ୍ରଷ୍ଟା ସୌରୀବଂଧୁଙ୍କ ଶ୍ରୀମା ସାରଦାଦେବୀ	ବିରାଜ ମୋହନ ଦାସ	65
ପରମ ..."ଶ୍ରୀ ଶ୍ରୀ ପରମହଂସ ରାମକୃଷ୍ଣ" ଏକ ସମୀକ୍ଷା	ସଂଘମିତ୍ରା ମିଶ୍ର	73

Digitized by srujanika@gmail.com

ବିବେକାନନ୍ଦ... (ଦ୍ୱିତୀୟ ଭାଗ) : ଏକ ଅନୁଶୀଳନ	ଶରତ ଚନ୍ଦ୍ର ରଥ	79
COM.S.B.KAR	D.D.Rustagi	86
My Friend and Comrade in Arms S. B. Kar	Abani Baral	90
The World of Souribandhu Kar	Jatindra Kumar Nayak	92
Multi-faceted Souribandhu Kar	N. Krishna Swamy	95
Com. Souribandhu Kar Living for a Cause	Prafulla K. Tripathy	98
Kar… a Sincere Leader	HV Rai	102
Different Breezes Kar babu	V. Ananthanarayan	104
Com. S. B. Kar as I Know Him	Subas Chandra Nayak	107
Letter from	P.S. Sundaresan	110
Com. S. B. Kar: In the Service of Bank Employees	G.V. Sambasiva Rao	111
Message to Com S. B. Kar	A.N. Balsubramaniam	113
Profile-(I)		116
Profile - (II)		121
Photograph		125

❖❖

Digitized by srujanika@gmail.com

Editor's Note

This volume is in honour of a man who has proved himself to be a tireless banker, who is retiring from his job. He is also a union leader, a staunch communist, a successful writer, and an orator. To find all these qualities in a single person is very rare and surprising.

Mr Souribandhu Kar would have gone unremembered had he devoted his professional career only as a banker. But he embraced the public cause and he never relented in his determination to work for the cause of his fellow bankers and thus acquired everyone's confidence and admiration. A union leader's work is a thankless job, for sometimes both the sides misunderstand you. But Mr Kar chose to live in that trouble water through out his career. On his retirement, thousands of his colleagues would miss his professional advice, but I am sure unofficially they would avail the same as they did in past.

As a union leader, Mr Kar came closer to Communist Party of India and he went on to become a leader of the state unit of CPI. This enabled him to have a broader vision of society and he became aware of much that we would learn for sure only later. In the last decade or so as a party worker and a leader of the CPI he has voiced his concern for all the issues concerning our state as well as country. Be it the issue of establishment of multinational steel industries in different parts of the state, or the development-based displacement, or price-rise of essential commodities or a hike in the monthly stipend of Anganwadi workers, he is always

Digitized by srujanika@gmail.com

at the forefront of any hartal, protest march or dharna. This shows his commitment and conviction, which would continue as ever before.

Mr Kar, fondly called as, Souri babu is well known in Oriya literary circle. He is a powerful storywriter, columnist, translator, reviewer, and critic. And quite interestingly, he has proved his worth equally alike in this sphere. In most of Souri babu's writings, there is a concern for the down trodden. He brings this message very clear— that we have a larger role to play in society. His pen is bolder and voice sharper in the political columns he writes.

A man is evaluated not on the basis of his social role, but for the humane qualities he possesses. As I know Souri babu, he is an extremely humble, sympathetic, benevolent person. The principle guiding his life is 'Vasudhaiba Kutumbakam' (The whole world is one family.) As a sincere devotee of Sri Ramakrishna, he has love and affection for one and all. He is a karma yogi. Perhaps, that is why he has voluntarily associated himself with numerous organisations, ranging from political to religious, and literary to labour unions.

I am thankful to all the contributors of this felicitation volume, but for their generous contributions this volume would not have been possible. This shows their love and respect for Souri babu. He may be retiring from his job in Canara Bank, but he still has a long innings to play as a trade union leader. We wish him a long and healthy life.

Suvas Satpathy
Editor
A Comrade in Arms : Souribandhu Kar
(A Felicitation Volume)

Digitized by srujanika@gmail.com

ଅବସର ଗ୍ରହଣ ଅବସରରେ
ସାଥୀ ସୌରୀବଂଧୁ

ଦୂତୀକୃଷ୍ଣ ପଣ୍ଡା

ପଞ୍ଚତିରିଶି ବର୍ଷ ବ୍ୟାଙ୍କ ଅଫିସର ରହିବା ପରେ ଚାକିରୀ ଶେଷ । ବ୍ୟାଙ୍କ କର୍ମଚାରୀ ଭାବରେ ସଂଗଠନ ଓ ସଂଗ୍ରାମର ଅନୁଭୂତି ସହ ସେ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଛନ୍ତି । ଚାକିରୀରେ ରହି ସଦାବେଳିଆ ନହୋଇ ଏ.ଆଇ.ଟି.ୟୁ.ସି.ର ସମ୍ପାଦକ ଦାୟିତ୍ୱ ତୁଲାଇବା କଷ୍ଟକର ବ୍ୟାପାର ଓ ମୋର ସନ୍ଦେହ ଥିବା ସତ୍ତ୍ୱେ ସେ ତାଙ୍କର ଅକ୍ଳାନ୍ତ ପରିଶ୍ରମ , ନିଷ୍ଠା, ଓ ଅଧ୍ୟବସାୟ ଫଳରେ ଦାୟିତ୍ୱ ସମ୍ପନ୍ନ କରିପାରିଛନ୍ତି । ରାଜ୍ୟ ସଭାପତି ମୁଁ ଓ ସେ ରାଜ୍ୟ ସମ୍ପାଦକ । ମିଳିତ ଭାବେ ଅନୁଷ୍ଠାନର ଅଗ୍ରଗତି ପାଇଁ ନିଷ୍ଠାପର ଉଦ୍ୟମ କରିଚାଲିଛୁ ।

ସାଥୀ ସୌରୀବଂଧୁ ଯେଉଁକାମ ହାତକୁ ନିଅନ୍ତି ସେ ତାହା ନିଷ୍ଠା ଓ ସଫଳତାର ସହିତ ସମ୍ପାଦନ କରନ୍ତି । ସେ ଜଣେ ସୁପରିଚିତ ଲେଖକ, ବୁଦ୍ଧିଜୀବି ମାନଙ୍କ ଗହଣରେ ତାଙ୍କର ଗଳ୍ପ ଓ ଅନ୍ୟାନ୍ୟ ବହୁ ଲେଖା ଆଦୃତ ହୋଇଛି । କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ମଣ୍ଡଳୀର ସଭ୍ୟ ରହି ମଧ୍ୟ ଦାୟିତ୍ୱ ତୁଲାଇବାକୁ ସକ୍ଷମ ହୋଇଛନ୍ତି । ନୂଆ ଦୁନିଆ ପ୍ରକାଶନ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ କରାଗଲା । ସେ ସୁଚାରୁରୂପେ ଏହାକୁ ଦୀର୍ଘ ସମୟ ଧରି ନିୟମିତ ପ୍ରକାଶନ କରାଇପାରିଥିଲେ । ଏଥିରେ ତାଙ୍କର ଅବଦାନ ସବୁଠାରୁ ବେଶୀ । ତାଙ୍କର ଦୃଢ ସଂକଳ୍ପ ଓ ଅଧ୍ୟବସାୟ ଫଳରେ ସେ ଜଣେ ଲବ୍ଧ ପ୍ରତିଷ୍ଠ ଲେଖକ ରୂପେ ପରିଚିତ । ସେ ଜଣେ ନିର୍ଭିକ ସମାଲୋଚକ ହେବା ଯୋଗ୍ୟତା ହାସଲ କରିଛନ୍ତି । ଆବଶ୍ୟକ ସ୍ଥଳେ କାର୍ଯ୍ୟକ୍ଷେତ୍ରରେ ତାହା ପ୍ରକଟ ହୋଇନାହିଁ । ଏହା ବୋଧେ ହୁଏ ତାଙ୍କର ସହନଶୀଳତା ।

ସମଅଧିକାର ପ୍ରତିଷ୍ଠା ଲାଗି ମୋ ସହ ସେ ବାରବର୍ଷ ଧରି ମିଳିତ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ଟ୍ରେଡ୍‌ୟୁନିୟନ କାମ ହେଉଛି ତାଙ୍କର ଦୈନ୍ୟଦିନ

Digitized by srujanika@gmail.com

କାମ । ତାହା ସହିତ ଗଣଆନ୍ଦୋଳନ ମାନଙ୍କ ମଧ୍ୟରେ ଅଗ୍ରଣୀ ହିସାବରେ ଦକ୍ଷତା ପ୍ରତିପାଦନ କରିଛନ୍ତି ।

ଯେଉଁମାନେ ବିବେକାନନ୍ଦଙ୍କ ଦର୍ଶନକୁ ଗ୍ରହଣ କରିଛନ୍ତି ସେମାନେ ସମାଜବାଦ ପ୍ରତିଷ୍ଠା ପାଇଁ ଜୀବନକୁ ଉତ୍ସର୍ଗ କରିବାରେ ଆଶ୍ଚର୍ଯ୍ୟ ହେବାରେ କିଛିନାହିଁ । ବିବେକାନନ୍ଦଙ୍କ ଲେଖା ଓ କାର୍ଯ୍ୟ ତାଙ୍କ ପାଇଁ ପ୍ରେରଣାର ଉତ୍ସ । କିନ୍ତୁ ସେ ବୈଜ୍ଞାନିକ ଦୃଷ୍ଟି କୋଣରୁ ମାର୍କସବାଦୀ ବିଶ୍ଳେଷଣ କରି ଜଣେ ମାନବବାଦୀ ହିସାବରେ କମ୍ୟୁନିଷ୍ଟ ପାର୍ଟିର ଗଣସଂଗଠନ ଓ ସଂଗ୍ରାମରେ ଅବିଚଳ ଓ ଅବାରିତ ଭାବେ କାର୍ଯ୍ୟକରି ଚାଲିଛନ୍ତି । ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ବଦ୍ଧପରିକର । ମାନବବାଦ ଓ ମାର୍କସବାଦର ପରିପନ୍ଥୀ ନୁହେଁ, ଏଠାରେ ଉଭୟେ ପରିପୂରକ ।

ମୁଁ ବିଧାନସଭାସଭ୍ୟ ଥିଲାବେଳେ ଏ.ଆଇ.ଟି.ୟୁ.ସି.ର ଡେପୁଟି ସେକ୍ରେଟାରୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତାର ପ୍ରମାଣ ପାଇଥିଲି । ଭୁବନେଶ୍ୱରରେ ଏକ ମିଳିତ ଟ୍ରେଡ୍ ୟୁନିୟନ ନେତୃତ୍ୱରେ ଆହୁତ ଗଣ କନଭେନ୍‌ସନରେ ତାଙ୍କର ଦକ୍ଷତା ପ୍ରମାଣିତ ହୋଇଥିଲା ।

ଦିନ ଟା ୨୪ଘଣ୍ଟା । ଏହି ସମୟ ମଧ୍ୟରେ ହିଁ ଗୋଟାକ ପରେ ଗୋଟାଏ କାମର ଯେତେ ବୋଝ ପଡିଲେ ମଧ୍ୟ ସେ ତାକୁ ତୁଲାଇବା ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । ଦାୟିତ୍ୱ ନେବାକୁ କେବେ ପଛାଇ ନାହାଁନ୍ତି ।

ସେ ଜଣେ ବନ୍ଧୁ ବତ୍ସଳ । ବିଭିନ୍ନ ସମୟରେ ତାଙ୍କ ଘରକୁ ଡାକି ଚର୍ଚ୍ଚା କରିବାରେ ତାଙ୍କର ଆଗ୍ରହ ଯଥେଷ୍ଟ ରହିଛି । ବନ୍ଧୁମାନଙ୍କୁ ଖୁଆଇବାରେ ତାଙ୍କର ଅନାବିଳ ସ୍ନେହ ଓ ଶ୍ରଦ୍ଧା ଥାଏ । ସେ ନିଜ ପରିବାରକୁ ଏକ ଶିକ୍ଷିତ ଓ ସଂସ୍କୃତି ସମ୍ପନ୍ନ ପରିବାର ମଧ୍ୟ ଗଠନ କରିପାରିଛନ୍ତି ।

ବର୍ତ୍ତମାନ ଶ୍ରମିକ ଶ୍ରେଣୀ ଉପରେ, ଶ୍ରମ ଅଧିକାର ଉପରେ ସାମ୍ରାଜ୍ୟବାଦୀ ଜଗତୀକରଣ ପ୍ରକ୍ରିୟାରେ ଉଗ୍ରରୁ ଉଗ୍ରତର ଆକ୍ରମଣ ଚାଲିଛି । ବିଶ୍ୱକରଣ ନାମରେ ଭାରତ ତଥା ଓଡ଼ିଶାର ସମ୍ପଦ ଓ ସାର୍ବଭୌମତ୍ୱକୁ ଲୁଣ୍ଠନ କରିଚାଲିଛନ୍ତି । ତାହା ବିରୁଦ୍ଧରେ ସେ ବୈପ୍ଲବିକ ଆନ୍ଦୋଳନକୁ ଅଧିକ ପ୍ରସାରିତ ଓ ସଂଗଠିତ କରିବା ପାଇଁ ତାଙ୍କର ଅଦମ୍ୟ ଉଦ୍ୟମକୁ ଅବ୍ୟାହତ ରଖନ୍ତୁ ଏହା ହିଁ ଆମ ସମସ୍ତଙ୍କର କାମନା । ବିଭିନ୍ନ ଶିକ୍ଷିତ ମହଲରେ ସେମିନାର ପ୍ରଭୃତିରେ ଅଧିକ ସକ୍ରିୟ ଅଂଶ ଗ୍ରହଣ କରିବେ ଓ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରସାର ଦିଗରେ ଯଥୋଚିତ ପ୍ରଚେଷ୍ଟା କରିବେ ବୋଲି ଆଶା କରୁଛୁ । ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଯେପରି ଦାରିଦ୍ର୍ୟରେ ସଢୁଛି ତାକୁ ଦୂରକରିବା ଦିଗରେ ଶ୍ରମିକଶ୍ରେଣୀ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ ଓ ବ୍ୟାପକ କରିବା ପାଇଁ ସେ

Digitized by srujanika@gmail.com

ଅଧିକ ତ୍ୟାଗ ଓ ସଂକଳ୍ପ ବଦ୍ଧହେବେ ବୋଲି ମୋର ଦୃଢ ଆତ୍ମ ପ୍ରତ୍ୟୟ ରହିଛି ।

ଆମକୁ ମନେରଖିବା ଦରକାର :- ବିବେକାନନ୍ଦ କହିଛନ୍ତି - 'Practice and Action is the main source of Knowledge. The Religion must stand the test of Reason'

ଏନଜେଲସ କହିଛନ୍ତି- Labour is the Source of all Wealth and It is the Source next to Nature, which supplies it with the material that it converts wealth.

But it is even infinitely more than this. It is the prime basic condition for all Human existance and this to such an extent in a sense. We have to say that labour created man himself.'

(ଜାତୀୟ) ଉପସଭାପତି
ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ

❖❖

Digitized by srujanika@gmail.com

'ଯୋଗ କର୍ମସୁ କୌଶଳମ୍'

ସାତକଡି ହୋତା

କେବଳ ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ଅଂଚଳର ବୁଦ୍ଧିଜୀବି ମାନଙ୍କର ସାମାଜିକ ଅଙ୍ଗୀକାର ନିଷ୍ପ୍ରଭ ଅବସ୍ଥାରେ ଥିବାରୁ ସମାଜ ଅଗ୍ରଗତି କରୁଥିବା ବେଳେ ସାଧାରଣ ଲୋକ ମୁଖ୍ୟସ୍ରୋତରୁ ବାଦ ପଡି କଡ଼ର ମଣିଷ ହୋଇ ଯାଉଥିବା ଦୃଶ୍ୟ ସର୍ବତ୍ର ଦେଖିବାକୁ ମିଳେ । ଓଡ଼ିଶାର ଚିତ୍ର ଆହୁରି ଖରାପ । ଓଡ଼ିଶାର ସାମାଜିକ ଅବସ୍ଥା ଅନ୍ୟାନ୍ୟ ରାଜ୍ୟଠାରୁ ଟିକେ ଅଲଗା । ଓଡ଼ିଶା ଦେଶର ସବୁଠାରୁ ଦୁର୍ବଳ ଓ ଦରିଦ୍ର ରାଜ୍ୟ । ଓଡ଼ିଶାର ୪୭ ପ୍ରତିଶତ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ, ଏବଂ ପ୍ରାୟ ଚାଳିଶ ପ୍ରତିଶତ ନିରକ୍ଷର । ନିରକ୍ଷରତା ଓ ଦାରିଦ୍ର୍ୟ ଓଡ଼ିଶା ବାସୀଙ୍କୁ କରିଛି ଦୁର୍ବଳ । ମାନବ ସମ୍ବଳ ବିକାଶ ନହେଲେ ମଣିଷର ଯୋଗ୍ୟତା, ସାମର୍ଥ୍ୟ ଓ ସଚେତନତା ବୃଦ୍ଧି ପାଏ ନାହିଁ ଏବଂ ସର୍ଜନାତ୍ମକତା ମଧ୍ୟ ନିଷ୍ପ୍ରଭ ହୋଇ ରହିଥାଏ । ଆମ ଚାରି ପାଖରେ ଥିବା ଦୁର୍ବଳ ଓ ଦରିଦ୍ର ମଣିଷ ସମାଜରେ ଉପଲବ୍ଧ ସୁଖ , ସୁବିଧା ଓ ସୁଯୋଗରୁ ବଂଚିତ । ତେଣୁ ସେମାନେ ପ୍ରତିବେଶୀ ମାନଙ୍କ ପରି ସଂପନ୍ନ ବା ସକ୍ରିୟ ନୁହଁନ୍ତି ଏବଂ ସେମାନଙ୍କର ଉପାର୍ଜନଶକ୍ତି କମ୍ । ଏପରି ପରିସ୍ଥିତିରେ ନିଶ୍ଚିତ ହୋଇ ବସି ନରହି ଯେଉଁ ହାତଗଣତି ଲୋକ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିଛନ୍ତି ଏବଂ ସେ ଦିଗରେ ଉଦ୍ୟମ ଜାରୀ ରଖିଛନ୍ତି ସେମାନଙ୍କ ମଧ୍ୟରୁ ସୌରୀବଂଧୁ କର ବାରି ହୋଇପଡ଼ନ୍ତି । ଜଣେ ସାହିତ୍ୟିକ ଓ ଶ୍ରମିକ ନେତାଭାବେ ସେ ଓଡ଼ିଶାର ସାମଗ୍ରିକ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ।

ସୌରୀବଂଧୁ ବାବୁଙ୍କ ସହିତ ମୋର ସମ୍ବନ୍ଧ ପଚିଶ ବର୍ଷରୁ ଅଧିକ । ଏହି ସମୟ ଜଣେ ମଣିଷକୁ ଜାଣିବା ଓ କହିବା ପାଇଁ ଯଥେଷ୍ଟ । ସେ କାନାରା ବ୍ୟାଙ୍କର କର୍ମଚାରୀନେତା । ଦୀର୍ଘ ସମୟ ବ୍ୟାଙ୍କ କର୍ମଚାରୀ ମାନଙ୍କୁ ନ୍ୟାୟ ଦେବା ପାଇଁ ସଂଘର୍ଷ କରିଛନ୍ତି ସଂସ୍ଥା ସହିତ ଏବଂ ଏହାର ସୁଫଳ ପାଇଛନ୍ତି କର୍ମଚାରୀମାନେ । ଏକ ସମୟରେ ସେ ଜଣେ ଲେଖକ ମଧ୍ୟ । ସମାଜପ୍ରତି ଅଂଗୀକାର ତାଙ୍କର ଅଛି ବୋଲି ସେ

Digitized by srujanika@gmail.com

ମାର୍କସ୍‌ବାଦକୁ ଗ୍ରହଣକରି ନେଇଛନ୍ତି ନିର୍ଯ୍ୟାତିତ ଓ ଶୋଷିତ ମଣିଷ ମାନଙ୍କର ଦୁଃଖ ଦୂର କରିବା ପାଇଁ । ଲେଖକ ଭିତରେ ସମାଜପ୍ରତି, ସମଷ୍ଟି ପ୍ରତି ଓ ସାଧାରଣଙ୍କ ପ୍ରତି ସଂବେଦନ ଓ ଦରଦ ଥାଏ ବୋଲି ସେ ଅନ୍ୟମାନଙ୍କ ଦୁଃଖ, ଅନ୍ତର୍ଦାହ ଅନୁଭବ କରିପାରେ । କିନ୍ତୁ ସୌରୀବାବୁ ଯଦି କେବଳ ସାଧାରଣ କର୍ମଚାରୀ ନେତା ଓ ଲେଖକ ହୋଇ ରହି ଯାଉଥାନ୍ତେ ତେବେ ସେ ହୁଏତ ଚାକିରି ଓ ଶ୍ରମିକ ଆନ୍ଦୋଳନର ସିଡି ଚଢ଼ି କେତେ ଧାପ ଉପରକୁ ଉଠି ପାରିଥାନ୍ତେ । ଦେଶର ଜଣେ ଉଚ୍ଚ କୋଟିର ଶ୍ରମିକ ନେତା ହେବା ପାଇଁ ଯେଉଁ ଯୋଗ୍ୟତା, ସାମାର୍ଥ୍ୟ ଓ ସମଦର୍ଶିଭାବ ତାଙ୍କ ଭିତରେ ଅଛି ସେ ତାହାର ଉପଯୁକ୍ତ ଉପଯୋଗ କରିଛନ୍ତି । କିନ୍ତୁ ଦେଶର ବୃହତର କ୍ଷେତ୍ରକୁ ସେଯଦି ନିଜର କର୍ମଭୂମି ବୋଲି ଭାବି ନେଇଥାନ୍ତି ତେବେ ଓଡ଼ିଶାର ଶ୍ରମଜୀବି ଓ ଲନ୍ଥୁଆ ଶ୍ରମିକ ଗୋଷ୍ଠୀ ଜଣେ ଲନ୍ଥୁଆ ସଚ୍ଚୋଟ ସାଥୀଙ୍କୁ ହରାଇଥାନ୍ତେ । ଓଡ଼ିଶାରେ ନେତୃତ୍ୱ ନବାର ଗୁଣ ଅନ୍ୟମାନଙ୍କର ରହିଛି । କିନ୍ତୁ ତ୍ୟାଗ କହିଲେ, ପରପାଇଁ କଷ୍ଟ ସହ୍ୟକରିବା ଏବଂ ପରସ୍ପର ବିରୋଧୀ ସ୍ୱାର୍ଥ ମଧ୍ୟରେ ସହାବସ୍ଥାନ କରିବାର ଶକ୍ତି ସମସ୍ତଙ୍କର ନଥାଏ ବୋଲି ସେମାନେ ଲେଖକ ହୋଇରହିଯାଆନ୍ତି । ନେତୃତ୍ୱ ଦବାର ଉଲ୍ଲାସ ଓ ଉନ୍ମୁଖ ସେମାନଙ୍କର ରହେନାହିଁ । ସୌରୀବାବୁଙ୍କୁ ମୁଁ ଅତି ନିକଟରୁ ଦେଖିଛି । ତାଙ୍କ ଚରିତ୍ର ଓ କର୍ମ କୌଶଳ ଅନୁଶୀଳନ କରିଛି । ଏବଂ ଶେଷରେ ଏହି ସିଦ୍ଧାନ୍ତରେ ପହଂଚିଛି ଯେ ଯେମିତି ଜଣେ ଉତ୍ତମ ମଣିଷ, ଜଣେ ଦରଦୀ ବନ୍ଧୁ ଏବଂ ଦରକାର ବେଳେ ନିଜଭାଗରୁ କିଛି ଦେଇ ଅନ୍ୟର ଦୁଃଖ ହରଣ କରିବାର ଶକ୍ତି ତାଙ୍କର ଅଛି ।

ପରପାଇଁ ଯେଉଁମାନଙ୍କ ହୃଦୟରେ ସ୍ଥାନ ଥାଏ ସେମାନଙ୍କର ଆକାଶ ବିରାଟ । ସେଇ ବିରାଟ ଓ ମହାନକୁ ଖୋଜିବାକୁ ଲଂମ ଦିଅନ୍ତି ସେମାନେ । ମାନବିକତା, ସଂବେଦନଶୀଳତା ଓ ତ୍ୟାଗ କରିବାର ସାମର୍ଥ୍ୟ ସେମାନଙ୍କର ଜନ୍ମଗତ, ସେଥିପାଇଁ ନିଜ ଚଲାପଥ ବାଛିନବା ବେଳେ ସେମାନେ କୋଟିପତି ବା ପ୍ରତିଭାଶାଳୀ ମାନଙ୍କୁ ନଖୋଜି ଖୋଜନ୍ତି ମହତ୍ୱ ଓ ମହାନତା ଅର୍ଜନ କରିଥିବା ଅନ୍ୟ ମାର୍ଗଦର୍ଶୀ ମାନଙ୍କୁ । ସୌରୀବଂଧୁ ଠିକ୍ ସମୟରେ ଠିକ୍ ବାଟ ପାଇଗଲେ ବୋଲି ମାର୍କସଙ୍କ ମାନବବାଦୀ ସମତାବୋଧ ଓ ଶ୍ରେଣୀ ସଂଘର୍ଷ ଚେତନାକୁ ସେ ଆପଣେଇ ନେଲେ । ଏବଂ ତାଙ୍କ ଭିତରେ ଅନ୍ୱେଷଣ ର ଧାରା ସଦାବେଳେ ସଜାଗ ହୋଇ ରହିଥାଏ। । ଏହି କାରଣରୁ ସେ ମାର୍କସବାଦର ନିରୀଶ୍ୱର ଦାର୍ଶନକୁ ଆଂଶିକ ଗ୍ରହଣ କରି ସଂପୂର୍ଣ୍ଣ ସୁଖୀ ସମିର୍ପିତ ମଣିଷର ସଂଧାନ କରିବାକୁ ଯାଇ ଖୋଜି ପାଇଛନ୍ତି ରାମକୃଷ୍ଣ ଏବଂ ବିବେକାନନ୍ଦଙ୍କୁ । ଭୌତିକ ସୁଖ ଯେ ପ୍ରକୃତରେ ମଣିଷକୁ ସୁଖ ଓ ସନ୍ତୋଷ ଦେଇ ପାରେ ନାହିଁ ଏହା

Digitized by srujanika@gmail.com

ଅନୁଭବ କରି ସେ ରହସ୍ୟମୟ ଅଧ୍ୟାତ୍ମ ଜଗତରେ ପ୍ରବେଶ କଲେ । ପୁରୋହିତ ବା ପାଦ୍ରିପରି ପ୍ରବଚନ ଦେବା ପାଇଁ ନୁହେଁ । ବରଂ ସେ ସେଇ ନୂଆ ନାଟ ବାଛିଲେ ନିଜର ଶ୍ରେଣୀସଂଘର୍ଷ ଓ ସାଲିସ ନକରି ଚେତନା ସହିତ ଆଧ୍ୟାତ୍ମ ଚେତନାର ବ୍ୟାପ୍ତି, ଗଭୀରତା ଓ ସଙ୍ଘ ଆରୋହଣ କରିବାର ଯୁଦ୍ଧ ପ୍ରତିଦ୍ୱନ୍ଦ୍ୱତା । ଶ୍ରୀରାମକୃଷ୍ଣଙ୍କର ଯେତେ ମତ ସେତେପଥର ସାଧାରଣ ମଧ୍ୟରେ ପରମଙ୍କ ଅବସ୍ଥାନ ଏବଂ ବିବେକାନନ୍ଦଙ୍କ ଆକାଶପରି ଉଦାର ଓ ସାଗର ପରି ଗଭୀର ଅନ୍ତର୍ମୁଖୀ ବ୍ରହ୍ମଚେତନା ଓ ପ୍ରେମ ପ୍ରସବଣର ଉଷ୍ମତା ସୌରୀବନ୍ଧୁଙ୍କ ଶ୍ରମିକନେତାର ସାମାଜିକ ଅଙ୍ଗୀକାର ଓ ଲେଖକର ଭାବଗ୍ରାହୀ ଚେତନାକୁ କରିଦେଇଛି ଆଲୋକ, ଆନନ୍ଦ ଓ ଚେତନାର ସଂଗମସ୍ଥଳ ।

ତାମିଲ ଲେଖିକା ଶିବଶଙ୍କରୀଙ୍କ ଉପନ୍ୟାସର ଓଡ଼ିଆ ଅନୁବାଦ 'ଇଚ୍ଛାର ନାମ ପୁତ୍ର ମୁଁ ପଢିବାବେଳେ ଅନୁଭବ କଲି ଯେ ସୌରୀବାବୁ ଜଣେ ଭଲ ଅନୁବାଦକ । କିନ୍ତୁ ଗାନ୍ଧୀଙ୍କ ଜୀବନର କେତେକ ଘଟଣାବଳୀ କୁ ସଂଯୋଜିତ କରି ସେ ଲେଖିଥିବା ଗ୍ରନ୍ଥରେ ଜୀବନକୁ ଓ ଆଦର୍ଶକୁ ସଂଗଠିତ କରି କିପରି ମହତ୍ତ୍ୱର ଲକ୍ଷ୍ୟ ହାସଲ କରାଯାଇପାରେ ତାହା ଯେପରି ନିଖୁଣଭାବେ ପ୍ରତିବେଦନକରିଛନ୍ତି ସେଥିରୁ ତାଙ୍କର ସୃଜନଶୀଳ ଶକ୍ତି ବାରି ହୋଇପଡୁଛି । ସେ ଜଣେ ଲକ୍ଷ୍ୟହୀନ, ପ୍ରେମଶୂନ୍ୟ ଲେଖକ ନୁହଁନ୍ତି । ମଣିଷ ଭିତରେ ଦେବତ୍ୱର ସନ୍ଧାନ ସେ ଦେଇପାରିଛନ୍ତି ନିଜର ରଚନାରେ ଏବଂ ଅସାଧାରଣକୁ ଉପେକ୍ଷା କରି ସାଧାରଣକୁ ସଙ୍କୋଳିବାର ସତ୍‌ସାହସ ଦେଖାଇଥିବାରୁ ତାଙ୍କର କେତେକ ଗଳ୍ପ ଏତେ ଶକ୍ତିଶାଳୀ । ସୌରୀବାବୁ ସ୍ତମ୍ଭକାର ଭାବେ ପାଠକ ମନରେ ବିଶେଷସ୍ଥାନ ଅଧିକାର କରିଛନ୍ତି । ସାମାଜିକ, ପ୍ରଶାସନିକ ଏବଂ ଆଧ୍ୟାତ୍ମିକ ପ୍ରସଂଗ ଉପରେ ଲିଖିତ ତାଙ୍କର ଫିଚର ଓ ନିବନ୍ଧ ଗୁଡିକ ପାଠକ ମାନଙ୍କର ପ୍ରିୟ କାରଣ ସେ ବୁଲେଇ ବଙ୍କେଇ ନକହି ବକ୍ତବ୍ୟକୁ ସ୍ପଷ୍ଟ ଓ ସରଳଭାବେ କହିଥାନ୍ତି । ଯାହା ସମସ୍ତଙ୍କର ବୋଧଗମ୍ୟ ହୁଏ ।

ସାମାଜିକ ଲକ୍ଷ୍ୟ ହାସଲ କରିବା ପାଇଁ ସଂଗଠନ ଶକ୍ତି ଏକାନ୍ତ ଆବଶ୍ୟକ । ସାଂଗଠନିକ ଉଦ୍ୟମର ଅଭାବ ହେତୁ ଓଡ଼ିଶାରେ ସାମାଜିକରଣ ପ୍ରକ୍ରିୟା ଦୁର୍ବଳ, ଏଥିପାଇଁ ଶିକ୍ଷା, ସଂସ୍କୃତି , ଧର୍ମ ଓ ଶାସନ ସବୁଠାରେ ହୁଗୁଳା ଅବସ୍ଥା ଏବଂ ସାଂଗଠନିକ ଉଦ୍ୟମ ଅଭାବରୁ ବଡବଡ କାମ କରିହୁଏ ନାହିଁ । ସୌରୀବାବୁ ଏକାଧାରାରେ ଜଣେ ସାହିତ୍ୟିକ, ସଂଗଠକ ଏବଂ ଧାର୍ମିକ ବ୍ୟକ୍ତି । ରାମକୃଷ୍ଣ ମିଶନର ଜଣେ ସକ୍ରିୟ କର୍ମୀ ମିଶନ ମାଧ୍ୟମରେ ବହୁବିଧ ସେବା ଓ ଧର୍ମ କାର୍ଯ୍ୟ ସହିତ ସେ ସଂପୃକ୍ତ । ଶୁଦ୍ଧ ଓ ସମର୍ପିତ ଜୀବନ ଯାପନ ପାଇଁ ଧର୍ମର ଆବଶ୍ୟକତା ଅନୁଭବ କରି ସେ ସାହିତ୍ୟ,

Digitized by srujanika@gmail.com

ସାମାଜିକ ବା ସାଂଗଠନିକ କ୍ଷେତ୍ରରେ ନିର୍ମଳ ଅଭିପ୍ରାୟ ରଖି କାର୍ଯ୍ୟ କରନ୍ତି । ଫଳରେ ଗୀତାର ଉପଦେଶ ଅନୁସାରେ କର୍ମ କରିବା ରେ ତାଙ୍କର ଅଧିକାର ସାବ୍ୟସ୍ତ କରନ୍ତି ସିନା କର୍ମଫଳ ଭଗବାନଙ୍କ ଇଚ୍ଛା ଉପରେ ଛାଡ଼ିଦିଅନ୍ତି । 'କର୍ମଣେ ବ୍ୟାଧିକାରସ୍ତେ ମା ଫଳେଷୁ କଦାଚନ' । ସମୟ ମ୍ୟାନେଜମେଣ୍ଟ କୌଶଳ ଜାଣି ନଥିଲେ ଏକ ସମୟରେ ଅନେକ କାର୍ଯ୍ୟ କରିହୁଏ ନାହିଁ । ସେହିପରି ସମୟର ସଦ୍‌ବ୍ୟବହାର ହେଉଛି ଗୋଟିଏ ଶୃଙ୍ଖଳା ଏବଂ ସୌରୀବାବୁ ଏଇ ଶୃଙ୍ଖଳା ରକ୍ଷା କରି ପାରନ୍ତି ।

ବ୍ୟକ୍ତିଗତ ଜୀବନରେ ସେ ନିଜର ମତବ୍ୟକ୍ତ କରନ୍ତି କିନ୍ତୁ ନିଜ ଇଚ୍ଛା ଅନ୍ୟ ଉପରେ ଲଦି ଦବା ପାଇଁ ଚାପ ପ୍ରୟୋଗ କରନ୍ତି ନାହିଁ । ସାମାଜିକ ଜୀବନରେ ସେ ଲକ୍ଷ୍ୟ ସାଧାନ କରିବା ସକାଶେ କାମ କରନ୍ତି ଏବଂ ଲକ୍ଷ୍ୟହୀନ ଭାବେ ଏଣେ ତେଣେ ଭ୍ରମିବାର ଦେଖାଯାଏ ନାହିଁ । ବଂଧୁ ବତ୍ସଳ ଏବଂ ସ୍ନେହୀ । କର୍ମ ଓ ଚିନ୍ତାରେ ପରର ଉପକାର କିପରି ହେବ । 'ପରୋପକାର ଧର୍ମାୟ ପାପାୟ ପରପୀଡନମ' ଆଦର୍ଶ ମାନି ଚଳନ୍ତି । ଅନେକ ଲୋକ ନିଜ ଜୀବନର ସୁପରିଚାଳନା କରି ପାରୁନଥିବା ବେଳେ ସୌରୀବାବୁ ଟ୍ରେଡ୍ ୟୁନିୟନର ଜଣେ ନିରଳସ ସାଧକ । ଏକାଧାରରେ ଏସବୁ କାମ କରିବା ଦ୍ୱାରା ବିଶ୍ୱରଚିନ୍ତା ତାଙ୍କ ଶକ୍ତିର ଉତ୍ସ । ଲେଖକ ସାମ୍ମୁଖ୍ୟ ଓଡ଼ିଶା, ଓଡ଼ିଶା ଲେଖକ ସମବାୟ ସମିତି, ପୂଜ୍ୟ ପୂଜା ପ୍ରଭୃତି ଅନେକ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର କର୍ମକର୍ତ୍ତା ଗୋଟିଏ ଯୌଥ ପରିବାର କର୍ତ୍ତା ।

ତାଙ୍କ ସହିତ ମୋରପାରିବାରିକ ସମ୍ବନ୍ଧ ପଚିଶ ବର୍ଷରୁ ଅଧିକ । ଗୀତା ଦେବୀଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ଅମୃତାୟନ' ସାହିତ୍ୟ ପତ୍ରିକାର ସେ ଜଣେ ନିୟମିତ ଲେଖକ । ଆମ ପରିବାରର ଜଣେ ହିତାକାଂକ୍ଷୀ । କିନ୍ତୁ ଏ ସବୁ କୋମଳ ପ୍ରବୃତ୍ତି ଥିବା ଜଣେ ବଂଧୁ କିପରି ଅନ୍ୟାୟ, ଅନୀତି, ଓ ଅବିଚାର ବିରୁଦ୍ଧରେ ଲଢେଇ କରି ପାରନ୍ତି ତାହା ମୁଁ ଦେଖି ଆସୁଛି କେତେବର୍ଷ ହେଲା । ନିଜ ସ୍ୱାର୍ଥ ପଛକୁ ରଖି ସେ ସମଷ୍ଟିଙ୍କ ପାଇଁ ଲଢନ୍ତି । ଏଇ କାରଣରୁ ତାଙ୍କ ଉପରେ ଶ୍ରମିକ ମାନଙ୍କର ଅଗାଧ ବିଶ୍ୱାସ । ସୌରୀବାବୁଙ୍କ ପରି ଜଣେ ନିରଳସ କର୍ମଠ ବନ୍ଧୁ ମୋ ପ୍ରେରଣାର ଉତ୍ସ । ଅନେକଙ୍କୁ ମୁଁ କହେ ହେଇ ଦେଖ... ଷାଠିଏ ବର୍ଷରେ ପାଦ ଦେଉଥିବା ଜଣେ କର୍ତ୍ତବ୍ୟନିଷ୍ଠ ପରୋପକାରୀ ବନ୍ଧୁ ବତ୍ସଳ ବ୍ୟକ୍ତି କେତେ କାର୍ଯ୍ୟ କରି ପାରନ୍ତି । ସୌରୀବାବୁ ତାର ଦର୍ଶନ । ସେ ଜଣେ କର୍ମ ଯୋଗୀ ।

ଈଶ୍ୱର ତାଙ୍କୁ ନିରାମୟ, ଦୀର୍ଘଜୀବି କରନ୍ତୁ । ଠାକୁର ତାଙ୍କୁ ଶକ୍ତି ଦିଅନ୍ତୁ ଲଢିବା ପାଇଁ । ବିବେକାନନ୍ଦ ତାଙ୍କୁ ବାଟ ଦେଖାନ୍ତୁ । ଉତିଷ୍ଠିତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ ।

Digitized by srujanika@gmail.com

ଉଠ ଭାଗ ଶ୍ରେଷ୍ଠତ୍ୱ ଅର୍ଜନ ନକରିବା ପର୍ଯ୍ୟନ୍ତ ବିରତ ହୁଅନାହିଁ । ଜଗନ୍ନାଥ ମହାପ୍ରଭୁ ତାଙ୍କୁ ଶହେବର୍ଷ ପରମାୟୁ ଦିଅନ୍ତୁ । ଏହା ହିଁ କାମନା

ଗୋପବଂଧୁଙ୍କ କବିତାରୁ ପଦିଏ
ମାନବ ଜୀବନ ନୁହଇ କେବଳ
ବର୍ଷ ମାସଦିନ ଦଣ୍ଡ
କର୍ମେ ଛିଏ ନର କର୍ମ ଏକାତାର
ଜୀବନର ମାନଦଣ୍ଡ

୯ ଷ୍ଟେସନ ସ୍କୋୟାର, ଭୁବନେଶ୍ୱର

❖ ❖

Digitized by srujanika@gmail.com

ବଂଧୁ ମୋର ଉଦାର ଚେତା

ବାସୁଦେବ ସାମଲ

କର୍ମମୟ ଜୀବନର ଏକ ଅଧାୟ ଶେଷ ହେବାକୁ ଯାଉଛି । ଆଉ ଏକ ଅଧ୍ୟାୟର ପ୍ରାରମ୍ଭକାଳ । ଦୁଇ ଦଶନ୍ଧିର ସଂପର୍କ । ସୌରୀବାବୁ ଭାବେ ଯଦିଓ ସେ ରାଜ୍ୟରେ ପରିଚିତ କିନ୍ତୁ ଆମେ କରବାବୁ କହି ସମ୍ବୋଧନ କରିଥାଉ ।

କରବାବୁ କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ଅବିସମ୍ବାଦିତ ନେତା ଭାବେ ସର୍ବବୃଭା ଏ.ଆଇ.ବି.ଇ.ଏ. ସଂଗଠନର ଅନୁବନ୍ଧିତ ସଂଗଠନ ଭାବେ ଏ.ଓ.ବି.ଇ.ଏ. ରାଜ୍ୟର ବ୍ୟାଙ୍କ କର୍ମଚାରୀଙ୍କୁ ନେତୃତ୍ୱ ଦେଇଥାଏ । ସାଥୀ ନିର୍ମଳ ଗୁପ୍ତ , ସାଥୀ ଚିତ୍ରରଥ ନାୟକ, ସାଥୀ କିଶୋର ଜେନା, ସାଥୀ ସୌରୀବଂଧୁ କର, ସାଥୀ ନିରଞ୍ଜନ ମିଶ୍ର, ସାଥୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ ନେତୃତ୍ୱକାରୀ ଭୂମିକାରେ ଥାଇ ରାଜ୍ୟ ସଂଗଠନକୁ ଚଳାଉଥାନ୍ତି । ଆମ ସଂଗଠନ ଜି.ଆଇ.ଇ.ଏ. ଆଇ.ଏ. ସେମାନଙ୍କ ସଂଗଠନ ଏ.ଆଇ ବି ଇ ଏ ର ଏକ ମାତୃ ପ୍ରତିମ ସଂଗଠନ ହୋଇଥିବାରୁ ସେମାନଙ୍କ ସହ ନିବିଡ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଥାଏ । କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ସମସ୍ତ ସମ୍ମିଳନୀକୁ ମୋତେ ଡକାଇ ପଠାନ୍ତି । ଆଦରର ସୀମା ନାହିଁ ।

କାନାରା ବ୍ୟାଙ୍କ ସଂଗଠନର ସର୍ବଭାରତୀୟ ସ୍ତରରେ ବରିଷ୍ଠ ଉପସଭାପତି ହେବାର ଗୌରବ ପାଇଥିଲେ ବଂଧୁ ଆମର । ସମୟ କ୍ରମେ ନିଜର କାର୍ଯ୍ୟ କୁଶଳତା ପାଇଁ ଓଡ଼ିଶାର ବ୍ୟାଙ୍କ କର୍ମଚାରୀମାନେ ତାଙ୍କୁ ଏ.ଓ.ବି.ଇ.ଏ.ର ସଭାପତି ମୁକୁଟ ପିନ୍ଧାଇଲେ । ସଭାପତି ଆସନରେ ଥାଇ ସଂଗଠନକୁ ପୂର୍ବ ସୂରୀମାନଙ୍କ ପରି ଚଳ ଚଞ୍ଚଳ କରିବାର ଗୌରବ ଅର୍ଜନ କଲେ ।

ଏତିକିରେ ତାଙ୍କର ଯାତ୍ରା ସୀମିତ ରହିଲା ନାହିଁ । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଭାବେ ନିଜର ପାରଦର୍ଶିତା ପ୍ରଦର୍ଶନ କଲେ । ସଂଗ୍ରାମର ଧାରାକୁ କେବଳ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ସୀମାବଦ୍ଧ ନରଖି ରାଜ୍ୟର ଅସଂଗଠିତ ଶ୍ରମିକ ମାନଙ୍କ ମେଳରେ କାର୍ଯ୍ୟ କରିବାକୁ ମନ ବଳେଇଲେ । କାର୍ଯ୍ୟ ମଧ କଲେ । ପୂର୍ବତନ

Digitized by srujanika@gmail.com

ସାଂସଦ ଦୃତିକୃଷ୍ଣ ପଣ୍ଡା ଏ.ଆଇ.ଟି.ୟୁ.ସି.ର ସାଧାରଣ ସଂପାଦକ ଥିବା ସମୟରେ ସୌରୀବାବୁ ଉପସାଧାରଣ ସଂପାଦକ ଦାୟିତ୍ୱ ଗ୍ରହଣ କଲେ । ନିଷ୍ଠାପର କାର୍ଯ୍ୟ ଯୋଗୁଁ ସେ ରାଜ୍ୟର ସମସ୍ତ ଅଞ୍ଚଳର ଏ.ଆଇ.ଟି.ୟୁ.ସି. ଅନୁବଂଧିତ ଶ୍ରମିକ ସଂଗଠନର ଅତିପ୍ରିୟ ଭାଜନ ହୋଇ ପାରିଲେ ।

ଦୃତିବାବୁ ସଭାପତି ହେବାପରେ ସୌରୀବାବୁଙ୍କ ମୁଣ୍ଡରେ ସାଧାରଣ ସଂପାଦକର ଦାୟିତ୍ୱ ପଡିଲା । ଏ.ଆଇ.ଟି.ୟୁ.ସି. ରାଜ୍ୟ କମିଟି ଚଳ ଚଞ୍ଚଳ ହୋଇ ଉଠିଲା । ଏ.ଆଇ.ଟି.ୟୁ.ସି.ର ଐତିହ ଓ ପରମ୍ପରା ଅତୀବ ଗୌରବମୟ ପୂର୍ବସୂରୀ କଃ. ପ୍ରସନ୍ନ ପଣ୍ଡା, ଦୂର୍ଗାଚରଣ ମହାନ୍ତି, ପ୍ରଭିର ପାଲିତ, ରାମଚନ୍ଦ୍ର ରାମ, ହରିବଂଧୁ ବେହେରା, ଲୋକନାଥ ଚୌଧୁରୀ, ଦୁଃଶାସନ ଜେନା, ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କର ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ ସେମାନଙ୍କ ଚଲା ପଥରେ ଆଜି ଚାଲିବାକୁ ପଡୁଛି । ସୌରୀବାବୁ ବର୍ଷିୟାନ ପିତୃତୁଲ୍ୟ ଦୃତିକୃଷ୍ଣ ପଣ୍ଡାଙ୍କ ହାତଧରି ଆଗକୁ ଆଗକୁ ଚାଲିଛନ୍ତି । ପଥ ଯେତେ କଣ୍ଟାକିତ ହେଲେ ମଧ୍ୟ ଅତିକ୍ରମ କରିବାରେ ଦୁଃସାହସ ଅଛି ତାଙ୍କର । ଥକି ଯିବାର ମଣିଷ ସେ ନୁହଁନ୍ତି । ଆଗକୁ ଚାଲିବାର ନିଶା ପ୍ରବଳ ।

ସୌରୀବାବୁ ଜଣେ ସୁଲେଖକ, ପ୍ରଗତିଶୀଳ ସାହିତ୍ୟର ଧାରାରେ ସେ ପ୍ରଭାବିତ । ମଣିଷର ସୁଖ ଦୁଃଖର ନିତି ଦିନିଆ ସମସ୍ୟାକୁ ଆଧାର କରି ବହୁ ସଂବଳିତ ପ୍ରବନ୍ଧ, ଗଳ୍ପ ବ୍ୟାଖ୍ୟାନ କରିଛନ୍ତି । ଲେଖନୀ ତାଙ୍କର ଧାରା ଶ୍ରାବଣ ର ଅବାରିତ ଧାରା ବର୍ଷଣ କରି ଚାଲିଛି । ଲେଖା ଚାଲିଥିବା ବେଳେ ଶ୍ରେଷ୍ଠ ଅନବଦ୍ୟ ସୃଷ୍ଟି କାହାକୁ କୁହାଯିବ ତାହା କାଳ କହିବ । ମୂଲ୍ୟାଙ୍କନର ସମୟ ଆସିନାହିଁ ।

ବଂଧୁ ହିସାବରେ ଅତି ଉଦାରଚେତା । ସମାଲୋଚନାକୁ କାନ ଦେଇ ଶୁଣନ୍ତି କିନ୍ତୁ ବିବ୍ରତ ହୋଇ ପଡିନ୍ତି ନାହଁ । ସବୁ ସମସ୍ୟାର ସମାଧାନ ସମୟ କରିବ । ଏଇ ଆତ୍ମ ବିଶ୍ୱାସ ନେଇ ଅନାଦି କାଳକୁ ଚାହିଁ ବସନ୍ତି । ଜୀବନରେ ଆଗକୁ ଚାଲିବାର ବଡଝୁଙ୍କ ତାଙ୍କର ଛୋଟିଆ ଦାୟିତ୍ୱ ଭିତରୁ ମଣିଷ ନିଜକୁ ଯୋଗ୍ୟ ବିବେଚିତ କରି ପାରିଲେ ମହତ୍ତର ଦାୟିତ୍ୱ ନେବାର ସୁଯୋଗ ଆସିଥାଏ । ଉପର ଠାଉରିଆ ଭାବେ କାର୍ଯ୍ୟ କରିବାର ଦୁର୍ବଳତା ତାଙ୍କଠାରେ ମୁଁ ଦେଖି ନାହିଁ । ପଛେଇ ଯିବାର ଉପାଦାନରେ ସେ ଗଢା ନୁହଁନ୍ତି ।

ବଂଧୁ ମୋର ଜଣେ ଆଧାତ୍ମିକ ବାଦୀ ରାମକୃଷ୍ଣ ପରମହଂସ ଦେବଙ୍କର ଶିଷ୍ୟ । ଏଥିରେ ଆବିଳତା ନାହିଁ । ଗରିବ, ଅସହାୟଙ୍କ ଆଖିରୁ ଲୁହ ପୋଛି ଦେବା ପାଇଁ ସେ ସଂଗ୍ରାମର ପଥ ବାଛି ନେଇଛନ୍ତି ଏ.ଆଇ.ଟି.ୟୁ.ସି. ସଂଗଠନ ମାଧ୍ୟମରେ

Digitized by srujanika@gmail.com

ଏ ସଂଗ୍ରାମର ଅନ୍ତ ନାହିଁ । ମାର୍କସବାଦ ଓ ଭାରତୀୟ ସଂସ୍କୃତିକୁ ଆଧାର କରି ଗଢି ଉଠିଥିବା ଆଧ୍ୟାତ୍ମବାଦର ସମନ୍ୱୟ କରି ଆଗକୁ ଚାଲିଛନ୍ତି ବନ୍ଧୁ ଆମର । ଏହା ଏକ ନୂତନ ପରୀକ୍ଷା, ସମୟ ହେବ ଏହାର ଶ୍ରେଷ୍ଠ ନିର୍ଣ୍ଣାୟକ ।

ବନ୍ଧୁ ଆମର ଷଷ୍ଠିତମ ପୂର୍ତ୍ତି ପାଳନ କରୁଛନ୍ତି ବନ୍ଧୁ ସହୋଦର ସହଯାତ୍ରୀ ସହଯୋଦ୍ଧାମାନଙ୍କ ମେଳରେ । ଆନନ୍ଦର ସୀମାନାହିଁ । ଆମେ ସଭିଏଁ ଆତ୍ମ ବିଭୋର ତାଙ୍କୁ ସମ୍ବର୍ଦ୍ଧିତ କରି । ତାଙ୍କର ଯାତ୍ରା କୁସୁମିତ ହେଉ । ଅସହାୟ, ଗରିବ ଅବହେଳିତ ମଣିଷର ଆଖିରୁ ଲୁହ ପୋଛି ଦେବାରେ ତାଙ୍କୁ ଶତ ସିଂହର ପରାକ୍ରମ ମିଳୁ । ଆଗକୁ ଆଗକୁ ଆହୁରି ଚାଲନ୍ତୁ । ଏଇ ଆମର ଶୁଭ କାମନା ।

ଉପସଭାପତି, ଏ.ଆଇ.ଟି.ୟୁ.ସି.
ମନୀଷା, ଅପର୍ଣ୍ଣାନଗର
କଟକ-୭୫୩୦୦୪୬

Digitized by srujanika@gmail.com

ସୌରୀବଂଧୁ ଙ୍କ ଅବସର

ଗଣେଶ୍ୱର ମିଶ୍ର

୨୦୦୮ ଏପ୍ରିଲରେ ସୌରୀବଂଧୁ କର କାନାଡ଼ା ବ୍ୟାଙ୍କ ଚାକିରୀରୁ ଅବସର ନେବେ । ସେଥିପାଇଁ ତାଙ୍କର କେତେଜଣ ବଂଧୁ ଓ ଶୁଭେଚ୍ଛୁ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ କରୁଛନ୍ତି । ଲେଖାଟିଏ ପଠାଇବା ପାଇଁ ମୋତେ ଅନୁରୋଧ ପତ୍ର ଦେଇଛନ୍ତି । ମୁଁ ସୌରୀବଂଧୁଙ୍କୁ ଯେତିକି ଜାଣେ, ସେ 'ଅବସର'ରେ ବିଶ୍ୱାସ କରନ୍ତି ନାହିଁ । ବ୍ୟାଙ୍କ ଚାକିରୀଟି ସରିଗଲେ ତାଙ୍କ କର୍ମର ପରିସର ସଂକୁଚିତ ହେବାର ସମ୍ଭାବନା ନାହିଁ । ସାହିତ୍ୟ, ଶ୍ରମିକ ସଂଗଠନ, ରାମକୃଷ୍ଣ- ବିବେକାନନ୍ଦ ଦର୍ଶନର ଅନୁଶୀଳନ - ଏସବୁକୁ ସେ ଛାଡି ପାରିବେ ନାହିଁ, ଏସବୁ ତାଙ୍କୁ ଛାଡିପାରିବ ନାହିଁ ।

ବାଣୀବିହାରରେ ସୌରୀବଂଧୁଙ୍କୁ ଜାଣିଲି ୧୯୭୩ରେ । ସେ ନିୟମିତ କୃଷ୍ଣପ୍ରସାଦ ମିଶ୍ରଙ୍କ କ୍ୱାଟର୍ସକୁ ଆସୁଥାନ୍ତି, ମୁଁ ମଧ୍ୟ ଯାଉଥାଏ । ସୌରୀବଂଧୁ କୃଷ୍ଣପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିବେକାନନ୍ଦଙ୍କ ସଂପର୍କରେ ସନ୍ଦର୍ଭ ଲେଖି ଡକ୍ଟରେଟ୍ କରିବାର ଯୋଜନା କରିଥାନ୍ତି । ଡକ୍ଟରେଟ୍ ନକଲେ ମଧ୍ୟ ବିବେକାନନ୍ଦଙ୍କ ସଂପର୍କରେ ସେ ଗ୍ରନ୍ଥଟିଏ ଲେଖିଛନ୍ତି, ପତ୍ରପତ୍ରିକାରେ କେତେକ ଆଲୋଚନା ପ୍ରକାଶ କରିଛନ୍ତି । ରାମକୃଷ୍ଣ ଓ ସାରଦା ଦେବୀଙ୍କ ସଂପର୍କରେ ମଧ୍ୟ ତାଙ୍କର ଗ୍ରନ୍ଥ ଓ ଆଲୋଚନା ସବୁ ପ୍ରକାଶିତ ।

ଗଳ୍ପ, ଅନୁବାଦ, ଭ୍ରମଣ କାହାଣୀ, ସାହିତ୍ୟ ସମାଲୋଚନା ସହିତ ବିଭିନ୍ନ ସାମାଜିକ, ରାଜନୀତିକ, ଅର୍ଥନୀତିକ ସମସ୍ୟା ସଂପର୍କରେ ସେ ବହୁ ରଚନା ପ୍ରକାଶ କରିଛନ୍ତି । ସେ ସାମ୍ୟବାଦରେ ବିଶ୍ୱାସ କରନ୍ତି. ବିଶ୍ୱାସ କରନ୍ତି - କଳା କଳା ପାଇଁ ନୁହେଁ, ଏହା ସମାଜର ଅଭ୍ୟୁଦୟ ଓ ବିକାଶ ପାଇଁ ।

ବାଣୀବିହାରରେ କୃଷ୍ଣପ୍ରସାଦ ମିଶ୍ରଙ୍କୁ କେନ୍ଦ୍ରକରି ସାହିତ୍ୟ ଓ ବୌଦ୍ଧିକ

Digitized by srujanika@gmail.com

ପରିସରଟିଏ ସୃଷ୍ଟି ହୋଇଥିଲା । "ମାନସ" ପତ୍ରିକା ତ ବେଶ୍ କେତେବର୍ଷ ପ୍ରକାଶିତ ହୋଇ ବହୁ ତରୁଣ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିଥିଲା । ସେମାନଙ୍କ ମଧ୍ୟରୁ ସୌରୀବଂଧୁ ଥିଲେ ଅନ୍ୟତମ । "ଗାନ୍ଧୀ ନେହେରୁ ଷ୍ଟଡି ସର୍କଲ" ନାମରେ ଅନୁଷ୍ଠାନଟିଏ ମଧ୍ୟ ଆରମ୍ଭ କରାଯାଇଥିଲା । ସୌରୀବଂଧୁ ଥିଲେ ଏହାର ସଂପାଦକ । ଅନୁଷ୍ଠାନଟି ଅବଶ୍ୟ ସ୍ୱଳ୍ପସ୍ଥାୟୀ ହୋଇଥିଲା ।

ସୌରୀବଂଧୁଙ୍କ ଶ୍ରମିକ ସଂଗଠନ ସଂପର୍କରେ ମୋ'ଠାରୁ ଅଧିକ ଜାଣନ୍ତି ସେ କ୍ଷେତ୍ରରେ ତାଙ୍କର ସହଯୋଗୀମାନେ । ମୁଁ କେବଳ ଏତିକି କହିପାରେ ଶ୍ରମିକ ଓ ଦରିଦ୍ର ଜନତାଙ୍କ ପାଇଁ ତାଙ୍କର ଶ୍ରଦ୍ଧା ଓ ସହାନୁଭୂତି ଅନ୍ୟ କାହାଠାରେ ମୁଁ କ୍ୱଚିତ୍ ଲକ୍ଷ୍ୟ କରିଛି । ଶ୍ରମିକମାନଙ୍କ ପାଇଁ ସେ ରାଜ୍ୟ ତଥା ସମଗ୍ର ଦେଶରେ ଆନ୍ଦୋଳନ ଚଳାଇ ଆସିଛନ୍ତି । ପରିଣାମରେ, ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ସେ ଅନେକ ସମୟରେ ଦୃଷ୍ଟିଦେଇ ପାରିନାହାଁନ୍ତି ।

ଆମ ମଧ୍ୟରେ ସବୁ ସମୟରେ ଅନ୍ତରଙ୍ଗ ବଂଧୁତା ରହିଆସିଛି । ସେ ତାଙ୍କର "ବଉଳର ମହକ" ଗଳ୍ପ ସଂକଳନଟି ମୋତେ ଉତ୍ସର୍ଗ କରି ମୋ'ପ୍ରତି ତାଙ୍କର ଅନାବିଳ ଶ୍ରଦ୍ଧା ପ୍ରକଟ କରିଛନ୍ତି ।

ଗତ ଅକ୍ଟୋବର ୨୮ ତାରିଖରେ ମୋତେ ପଞ୍ଚଷଠୀ ବର୍ଷ ପୂରିଲା । ସେଦିନ ମୋ ଜନ୍ମଦିନ ପାଳନ ପାଇଁ ଆମ ପରିବାରରେ କୌଣସି ବ୍ୟବସ୍ଥା କରାଯାଇନଥିଲା । ସଂଧ୍ୟାରେ କେବଳ ଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରସାଦ ଅଣାଯାଇଥିଲା । ମୁଁ ସ୍ଥିରକଲି- ଅନ୍ତତଃ ଜଣେ ବଂଧୁଙ୍କୁ ମୋ ସହିତ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଉ । କିଏ ହେବେ ସେହି ବଂଧୁ? ମୁଁ ସୌରୀବଂଧୁଙ୍କୁ ଟେଲିଫୋନ୍ କଲି । ସେ ତୁରନ୍ତ ପହଞ୍ଚିଗଲେ । ମୋର ଜନ୍ମଦିନରେ ସେ ହିଁ ଥିଲେ ଏକମାତ୍ର ନିମନ୍ତ୍ରିତ ଅତିଥି ।

ଗଜପତି ନଗର, ଭୁବନେଶ୍ୱର -୦୫

Digitized by srujanika@gmail.com

ସୌରୀବଂଧୁ କର - ବ୍ୟକ୍ତି ଓ ବ୍ୟକ୍ତିତ୍ୱ

ଗୋପାଳ କୃଷ୍ଣ ଶ୍ରୀଚନ୍ଦନ

ସୌରୀବଂଧୁ କର ଏବଂ ତାଙ୍କର ସାନଭାଇ ଓଡ଼ିଆ ପ୍ରଫେସର ବାଉରୀବଂଧୁ କର ଉଭୟ ମୋର ସାରସ୍ୱତ ବନ୍ଧୁ ।

'ସୌରୀ' ଶବ୍ଦର ଆଭିଧାନିକ ଅର୍ଥ ଶନି ଓ ଯମ । ସୌରୀ ର ଅର୍ଥ- ଯମୁନା (ନଦୀ) । ସୌରୀବାବୁ କେବେ ଶନି ବା ଯମର ବନ୍ଧୁହୋଇ ପାରନ୍ତି ? ହେଲେ ତ ଖୁବ୍ ବଡକଥା । ଶନି ଗ୍ରହ ଓ ଯମରାଜଙ୍କର ବନ୍ଧୁ କମ୍ ପ୍ରତାପୀ, ଶକ୍ତିଶାଳୀ ଓ କ୍ଷମତାଶାଳୀ ନୁହଁନ୍ତି । ଶ୍ରୀକର କିନ୍ତୁ ସୌରୀବଂଧୁ ଯମୁନାର ବନ୍ଧୁ । ବାସ୍ତବିକ୍ ଯମୁନା ନଦୀର ଆମ ପୁରାଣ ଶାସ୍ତ୍ରରେ ଯେତେ ପ୍ରସିଦ୍ଧି ଅଛି, ସେ ଦୃଷ୍ଟିରୁ ସେ ସୌରୀବଂଧୁ ନିଶ୍ଚୟ ।

'ଧୀର ସମୀରେ ଯମୁନା କାଳେ ବସତି ବନମାଳୀ' । ଯମୁନାର ବନ୍ଧୁ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ- ଗୋପପୁରର ଶ୍ରୀକୃଷ୍ଣ । ଯମୁନାର ଗଣ୍ଡରେ କାଳୀୟ ଦଳନ କରିବାଠାରୁ ଶ୍ରୀରାଧା ଓ ଗୋପୀମାନଙ୍କ ସହ ରାସ ବା କେଳି କେତେଯେ ଘଟିଛି, କିଶୋର ଶ୍ରୀକୃଷ୍ଣଙ୍କର, ତାର ପଟାନ୍ତର ନାହିଁ ।

ପିଲାଟିଏ ଜନ୍ମହେଲେ ବାପାମାଆ କି ଗୋସବାପ ଗୋସମାଆ, କିମ୍ୱା ମାମୁଁ, ପିଉସା, ଆଦି ଗୋଟିଏ ନାମ ଦିଅନ୍ତି । ଏକୋଇଶା ଦିନ୍ ନାମ କରଣ ବିଧିଅଛି । ସୌରୀବଂଧୁ ନାମ ଧାରୀ ଆଜିର ପ୍ରୌଢ ମଣିଷ, ଯେତେବେଳେ ଭୂମିଷ୍ଠ ହୋଇଥିଲେ, ସେମିତି କିଛି ଲକ୍ଷ୍ୟ ବା ଆଭିମୁଖ୍ୟ ନେଇ ଏପରି ନାମଟିଏ ଦେଇଥିବେ ତାଙ୍କର ବାପା ବୋଉ । ଅବଶ୍ୟ ଏହାର ପୃଷ୍ଠଭୂମି ସଂପର୍କରେ ମୁଁ ଅଜ୍ଞ ରହିବା ସ୍ୱାଭାବିକ । ତେବେ 'କର' କହିଲେ ହସ୍ତ ଓ ରଶ୍ମି ବା କିରଣକୁ ବୁଝାଏ । ସୌରୀବାବୁ ଜଣେ ଦୃଢହସ୍ତ, ସଫଳ ହସ୍ତ ବ୍ୟକ୍ତି, ବ୍ୟାଙ୍କ ଅଧିକାରୀ ଓ ଟ୍ରେଡ୍‌ୟୁନିୟନ ନେତା । ତାଙ୍କର କର ବା କିରଣ ଯେତିକି ଶୀତଳ ସେତିକି

Digitized by srujanika@gmail.com

ତେଜୀୟାନ । ମୁଁ ଏକା କହୁନାହିଁ, ତାଙ୍କ ସଂପର୍କରେ ଯିଏ ଆସିଛନ୍ତି, ସେମାନେ ମୋ ସହିତ ସ୍ୱର ମିଳାଇ କହିବେ ।

ସୌରୀବାବୁଙ୍କର ସହିତ ମୋର ସଂପର୍କ ଓ ପରିଚୟ ଘଟେ- ଲେଖକ ସାମୁଖ୍ୟ, ଓଡ଼ିଶା ଲେଖକ ସହଯୋଗ ସମିତି ଲିଃ, ଉତ୍କଳ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମାଧ୍ୟମରେ । ବିଗତ ତିନିବର୍ଷ ଆମେ ଦୁହେଁ ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଥିଲୁଁ । ସେ ଜଣେ ଲଢୁଆ ବ୍ୟକ୍ତି । ନୀତିଗତ ପ୍ରଶ୍ନ ଉପରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦରୁ ଶେଷ ସମୟକୁ ଇସ୍ତଫା ଦେଇଥିଲେ । ସେ ଯାଜପୁର ଜିଲ୍ଲାର ପ୍ରତିନିଧିତ୍ୱ କରୁଥିଲେ । ମୁଁ ଖୋର୍ଦ୍ଧା ଜିଲ୍ଲାର ପ୍ରତିନିଧିତ୍ୱ କରୁଥିଲି, ତାଙ୍କର ବିଚାର ଓ ଦୃଷ୍ଟିଭଙ୍ଗୀ ପ୍ରତିମୋର ପସନ୍ଦଥିଲା ।

ସୌରୀବାବୁ କେବଳ ଜଣେ ସର୍ବ ଭାରତୀୟ ସ୍ତରର ଶ୍ରମିକ ଆନ୍ଦୋଳନର ନେତା ନ ଥିଲେ, ସେ ସ୍ୱାମୀ ବିବେକାନନ୍ଦଙ୍କର ଜଣେ ଅନୁଗାମୀ ମଧ୍ୟ । ସ୍ୱାମୀଜୀଙ୍କ ଉପରେ ବହି ଓ ଅନେକ ଲେଖା ଲେଖିଛନ୍ତି । ଜଣେ ଶ୍ରମିକନେତା ବା ସାମ୍ୟବାଦୀ ନେତା ସ୍ୱାମୀ ବିବେକାନନ୍ଦଙ୍କୁ ଆଦର୍ଶରୂପେ ଗ୍ରହଣ କରନ୍ତି— ଏକଥା ଯେତେବେଳେ ମୁଁ ଜାଣିଲି ଆଶ୍ଚର୍ଯ୍ୟ ହୋଇଗଲି । ଏ ଦୃଷ୍ଟିରୁ ମୋର ତାଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧା ବଢ଼ିଗଲା ।

କାରଣ ସ୍ୱାମୀଜୀଙ୍କର ଶତବାର୍ଷିକୀ ବର୍ଷ ୧୯୬୩ରୁ ମୁଁ ତାଙ୍କର ବାଣୀ ଓ ରଚନା ତନ୍ନତନ୍ନ କରି ପଢ଼ିଛି ଏବଂ ସ୍ୱାମୀଜୀଙ୍କର ଅଗ୍ନିବର୍ଷୀ ବାଣୀ ଓ ରଚନା ମୋତେ ନିର୍ଭୟ ଓ ସାହସୀ କରିଛି । ସୌରୀବାବୁ ସେହିପରି ଭାବେ ସ୍ୱାମୀଜୀଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସ୍ୱାମୀଜୀଙ୍କର ଆଧ୍ୟାତ୍ମିକ ସମାଜବାଦକୁ ଆଧୁନିକ ବସ୍ତୁବାଦୀ ସାମ୍ୟବାଦ ସହ ଯୋଡିବା କାମଟି ସୌରୀବଂଧୁ କରିଆସିଛନ୍ତି ।

କେତେବର୍ଷ ଆଗେ ଏକ ଟ୍ରେଡ୍‌ୟୁନିୟନ ମିଟିଙ୍ଗ୍ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୌରୀବାବୁ କରୁଥାନ୍ତି, ଆଲୋଚନା ଚକ୍ରରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥାନ୍ତି ରାମକୃଷ୍ଣ ମିଶନର ତତ୍‌କାଳୀନ ସଭାପତି ସ୍ୱାମୀ ରଙ୍ଗନାଥାନନ୍ଦ- ବିଶ୍ୱ ବିଖ୍ୟାତ ବାଗ୍ମୀ । ସେହିଦିନୁ ସୌରୀବାବୁଙ୍କର ପାରିବାର ପଣିଆ ଦେଖି ମୁଁ ବିମୋହିତ ହୋଇଥିଲି ।

ସାହିତ୍ୟ କ୍ଷେତ୍ରରେ ସୌରୀବାବୁ ଜଣେ ଅଙ୍ଗୀକାର ବଦ୍ଧ ବହୁମୁଖୀ ପ୍ରତିଭା ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସେ ସତତ ଚେଷ୍ଟିତ, ଯେତିକି ଚେଷ୍ଟିତ ବ୍ୟାଙ୍କ୍ କର୍ମଚାରୀମାନଙ୍କର ସମୂହ ଉନ୍ନତି ତଥା ସ୍ୱାଚ୍ଛନ୍ଦ୍ୟ ପାଇଁ । ଅନ୍ୟ କାହାର ବା ଅନ୍ୟ କେଉଁ ସମଧର୍ମୀ କର୍ମଚାରୀ ତଥା ଶ୍ରମିକ ଗୋଷ୍ଠୀ ବା ସଂଗଠନର ସ୍ୱାର୍ଥ ବିନିମୟରେ ଶ୍ରୀକର ଏହା ଚାହାଁନ୍ତି ନାହିଁ । ସେ ସର୍ବଦା ସମସ୍ତଙ୍କର ସମକାଳୀନ ଗଣତାନ୍ତ୍ରିକ ପ୍ରଗତି ଓ ବିକାଶ ଚାହିଁ ଆସିଛନ୍ତି, ମୁଁ ଯେତେଦୂର ଜାଣେ ।

ସୌରୀବାବୁ ବ୍ୟାଙ୍କ ଚାକିରିରୁ ଅବସର ନେଉଛନ୍ତି । ମାତ୍ର ସେ ସାରସ୍ୱତ ତଥା ଶ୍ରମ ସଂଗଠନ କ୍ଷେତ୍ରରୁ ଅବସର ନେଇ ପାରିବେ ନାହିଁ । ଏ ସଂପର୍କରେ ମୁଁ ଦୃଢ ନିଃସନ୍ଦେହ ।

ଶ୍ରୀ ଜଗନ୍ନାଥ ସୌରୀବଂଧୁଙ୍କୁ ଅମୃତ ଦୃଷ୍ଟିରେ ଦେଖୁଥାନ୍ତୁ- ଏତିକି ପ୍ରାର୍ଥନା । ବୟସରେ ମୁଁ ତାଙ୍କର ବଡ ଭାଇ ସଦୃଶ । ଓଡ଼ିଆ 'ଜାତି- ସାହିତ୍ୟ-ସଂସ୍କୃତି' ପାଇଁ ସେ ଅବସର ଜୀବନକୁ ବିନିଯୋଗ ଅଭିମୁଖୀ କରନ୍ତୁ ଏବଂ ଶ୍ରମ ଆନ୍ଦୋଳନକୁ ପ୍ରାଚ୍ୟ ସଂସ୍କୃତି ଅଭିମୁଖୀ କରନ୍ତୁ- ଏତିକି ସଦିଚ୍ଛା ଜଣାଉଛି । କର୍ମହିଁ ଉପାସନା ତାଙ୍କ ଜୀବନର ଧ୍ୟେୟ ହେଉ । 'ଉତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ' ।

ଏନ୍-୩/୨୮୭, ନୂଆପଲ୍ଲୀ,
ଭୁବନେଶ୍ୱର-୧୫

❖❖

Digitized by srujanika@gmail.com

ସଂଗଠକ- ସାହିତ୍ୟକ

କିଶୋର ଚନ୍ଦ୍ର ପାଢ଼ୀ

ବ୍ୟାଙ୍କଲୋକ ରୁଟି ସମସ୍ୟାରେ ଜଡିତ ରହି ଚନ୍ଦ୍ରକୁ ଭୁଲିଯାନ୍ତି । ବ୍ୟାଙ୍କମାନଙ୍କ ଭିତରେ ସୃଜନଶୀଳ ଲେଖକ ସଂଖ୍ୟା ହାତଗଣତିରେ ଥିଲା ଓ ଅଛି । ସତୁରୀ ଦଶକରେ ବ୍ୟାଙ୍କ ଅଧିକାରୀ ହିସାବରେ ଲେଖିବାବେଳେ ମୁଁ ପ୍ରାୟତଃ ଏକାକୀଥିଲି । ପଚିଶି ବର୍ଷ ପୂର୍ବେ ସୌରୀବଂଧୁ କରଙ୍କ ପ୍ରଥମ ବହି ଛପା ହେବାବେଳେ କିଏ ଏହି ସମଧର୍ମି କିମ୍ଭୂତକିମ୍ଭାକର ଜୀବ ଦେଖିବା ପାଇଁ କାନାରା ବ୍ୟାଙ୍କକୁ ଗଲି । ଅଫିସରେ ଭିଡ ନାହିଁ, ସୌରୀବାବୁଙ୍କ ପାଖରେ ଭିଡ । ସେ କର୍ମଚାରୀମାନଙ୍କ ନେତା, ନିଜେ କର୍ମଚାରୀ ବ୍ୟାଙ୍କରେ - ଅଧିକାଂଶ ବ୍ୟାଙ୍କରେ ନେତା ରାଜନୈତିକ କ୍ଷେତ୍ରରୁ ଆମଦାନୀ କରିବାକୁ ହୁଏନାହିଁ । ଅବଶ୍ୟ ଏ.ଆଇ.ବି.ଏ.ଇ ର ତୁଙ୍ଗନେତାମାନେ ରାଜନୀତିରୁ ଆସିଛନ୍ତି ଓ ରାଜନୀତିକୁ ଯାଇଛନ୍ତି । ଲୋକ ଅଭିଯୋଗ ବାଢୁଛନ୍ତି । ସୌରୀବାବୁ ତାଙ୍କୁ ବୁଝାଇସୁଝାଇ କର୍ମଚାରୀମାନଙ୍କୁ ଫୋନ୍ ମାଧ୍ୟମରେ ସମାଧାନର ସୂତ୍ର କହୁଥାନ୍ତି । କିଛି ସମୟପରେ ମୋ ପାଇଁ ସମୟ ମିଳିଲା । ମେଳାପି, ସହୃଦୟ ଲୋକ । ଏମିତି ବ୍ୟସ୍ତତା ଭିତରେ କିପରି ଲେଖୁଛନ୍ତି ପଚାରିଥିଲି । ସେ କହିଲେ, ଲୋକଙ୍କ ସହିତ ମିଶି ସେ ସେମାନଙ୍କ ସମସ୍ୟା ଉପରେ ଲେଖନ୍ତି । ତେଣୁ କିଛି ସମୟ ପାଇଲେ ଯଥେଷ୍ଟ । ସେ ମୁଖ୍ୟତଃ ସଂଗଠକ ସାହିତ୍ୟକ । ଯେ କୌଣସି ସଂଗଠନମୂଳକ କାର୍ଯ୍ୟ ହେଲେ ସୌରୀବାବୁ ନେତୃତ୍ୱ ନେଇ ଆଗେଇ ଯାଆନ୍ତି । ଲେଖକ ସମବାୟ ସମିତି ସହ ତାଙ୍କର ସଂପର୍କ ରହିଛି । ଅବସରପରେ ସେ ଅଧିକରୁ ଅଧିକ ସାହିତ୍ୟ ସଂଗଠନ ପାଇଁ ଦେଇପାରିବେ ଆଶା । ଓଡ଼ିଶାରେ ପୂଜ୍ୟପୂଜାର ଘୋର ଅଭାବ । ପୁଅନାତି ସମ୍ବର୍ଦ୍ଧନା ବା ଶ୍ରାଦ୍ଧଦିବସ ପାଳନ ନ କଲେ ହୁଏତ ଓଡ଼ିଶାର ବରଣୀୟ ନେତା, ସାହିତ୍ୟକ, କଳାକାରମାନଙ୍କ ଉତ୍ସବ ପାଳିତ ହୁଅନ୍ତା ନାହିଁ । ସୌରୀବାବୁ ଏକକ ଭାବେ କୃଷ୍ଣପ୍ରସାଦ ସ୍ମୃତି ପରିଷଦ ଆଦି ସହିତ ଜଡିତ । ଏବେ ସେ ନିଜକୁ ବ୍ୟାପକ କରି ତରୁଣ ସାହିତ୍ୟକମାନଙ୍କର ସମ୍ବର୍ଦ୍ଧନା ଓ ବରିଷ୍ଠ ସାହିତ୍ୟକମାନଙ୍କର ସ୍ମୃତିଚାରଣରେ ସମୟ ଦେବେ ବୋଲି ଆଶା ।

Digitized by srujanika@gmail.com

ସୌରୀବଂଧୁବାବୁ ମୁଖ୍ୟତଃ ପ୍ରାବନ୍ଧିକ, ଯଦିଓ ସେ ମାର୍କସବାଦୀ ତଥାପି ସେ ପରମହଂସ ରାମକୃଷ୍ଣ, ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ନେହୁରୁ, ଗାନ୍ଧି, ଆମ୍ବେଦକର, ମହାତାବଙ୍କ ଜୀବନୀ ଲେଖିଛନ୍ତି । ମୁଁ ଥଟ୍ଟା କଲାବେଳେ ସେ କହନ୍ତି ବେଦାନ୍ତ ସହିତ ମାର୍କସ୍‌ବାଦର ସୂକ୍ଷ୍ମସଂପର୍କ ରହିଛି । ଗାନ୍ଧିଙ୍କ ଠାରୁ ଆମ୍ବେଦକର ପର୍ଯ୍ୟନ୍ତ ସଂପର୍କର ସୂତ୍ର ହେଉଛି ସେମାନେ ଜଣେ ଜଣେ ପ୍ରତିଷ୍ଠିତ ନେତା । ଲୋକଙ୍କୁ ପରିଚୟ ଦେବାପାଇଁ ସେ ଲେଖିଛନ୍ତି । ବିଭିନ୍ନ ସମୟରେ ବିଭିନ୍ନ ପତ୍ରପତ୍ରିକା ଖବର କାଗଜ ପାଇଁ ଲେଖିବାରୁ ଏହି ପ୍ରବନ୍ଧ ସଂଗ୍ରହମାନ ତିଆରି ହୋଇଛି । ଭାଷା ସରଳ । ଦର୍ଶନ ଦେଇ ଭାରାକ୍ରାନ୍ତ କରି ନାହାଁନ୍ତି । ନାନା ଉଦ୍ଧୃତିଦେଇ ନିଜର ପାଣ୍ଡିତ୍ୟ ପ୍ରକାଶ କରିନାହାଁନ୍ତି । ଲୋକ ବୁଝିବା ପରି ଭାଷାରେ ଲେଖିଛନ୍ତି । ଯଦିଚ ସେ ମାର୍କସବାଦୀ ତାଙ୍କ ଦୁଇଟି ବହି - ଦେଶପ୍ରେମୀ ସ୍ୱାମୀ ବିବେକାନନ୍ଦ ଓ ଗାନ୍ଧି ବିଚାରଧାରା ସ୍ୱତନ୍ତ୍ର ଧରଣର ପୁସ୍ତକ । ବିବେକାନନ୍ଦ ଉପରେ ଗବେଷଣା କରୁଥିବା ସୌରୀବାବୁ ପିଲାମାନଙ୍କ ପାଇଁ ଉପାଦେୟ ବହି ଲେଖିଛନ୍ତି । ଅବସରପରେ ସେ ଗବେଷଣା ସଂପୂର୍ଣ୍ଣ କରି ପ୍ରକାଶ କଲେ, ମୋ ପରି ବହୁତ ଲୋକ ଆନନ୍ଦିତ ହୁଅନ୍ତେ । ଗାନ୍ଧି ବିଚାରଧାରାରେ ଗାନ୍ଧିଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ଲବଣ ସତ୍ୟାଗ୍ରହ, ଚମ୍ପାରଣା, ସତ୍ୟାଗ୍ରହ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା. ଗ୍ରାମ୍ୟ ଅର୍ଥନୀତି, ସବୁବିଷୟରେ ପ୍ରବନ୍ଧ ରହିଛି । ମଜାର କଥାଯେ ଜଣେ କମ୍ୟୁନିଷ୍ଟ ମଧ୍ୟ ଏଲ୍‌ପିଜି (ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ) ଯୁଗରେ ଗ୍ରାମ୍ୟ ସ୍ୱରାଜ୍ୟ ଏକ ଉତ୍ତମ ବ୍ୟବସ୍ଥା ବୋଲି ସ୍ପଷ୍ଟ କରିଛନ୍ତି । ମୁଁ ଗାନ୍ଧିବାଦୀ ନୁହେଁ, ମୋ ବହି ସ୍ୱରାଜ୍ୟରୁ ରାମରାଜ୍ୟରେ ମୁଁ ଏହାହିଁ ବିକଳ୍ପ ବୋଲି କହିଛି । ସୌରୀବାବୁ ଗାନ୍ଧିବାଦୀ ନୁହନ୍ତି କିନ୍ତୁ ସେ ଗାନ୍ଧିଙ୍କ କ୍ଷମତା, ରାଜନୈତିକ, ଅର୍ଥନୈତିକ, ବିକେନ୍ଦ୍ରୀ କରଣ ସପକ୍ଷରେ । ଦୁହିଁଙ୍କ ମତରେ ମତମେଳ ରହିଛି । ନେହୁରୁଙ୍କ ଦୃଷ୍ଟିଭଙ୍ଗୀ ଠାରୁ ଗାନ୍ଧିଦର୍ଶନ ଭାରତ ପାଇଁ ବିଶେଷ ଉପଯୋଗୀ ବୋଲି ଦୁହେଁ ଏକମତ ହୋଇଛୁ । ସତ୍ୟାଗ୍ରହ ବର୍ଣ୍ଣନା କରିବା ସମୟରେ ସୌରୀବାବୁ ଯଥାର୍ଥରେ କହିଛନ୍ତି, 'ଗାନ୍ଧିଜୀ ଯାହା ଥିଲେ ତାଙ୍କ ସମୟରେ କେହି ତାଙ୍କ ସଙ୍ଗେ ସମାନ ନଥିଲେ' (ପୃଷ୍ଠା ୧୪୦)

ଗପବହି ସେ ବହୁତ ଲେଖିଛନ୍ତି । ମୋ ଜାଣିବାରେ ପାଞ୍ଚଟି ଗପବହି । ରାଜନୀତିର ଲୋକ ହିସାବରେ ସେ ରାଜନୀତି ଲେଖିଲେ ଚାକ୍ଷୁଷ ବର୍ଣ୍ଣନା କରିଛନ୍ତି ଯଥା- ନିଜକୁ ଏମ୍. ଏଲ. ଏ. ମନେକରି । ଯାହା ଦେଖିଛନ୍ତି ତାହା ଲେଖିଛନ୍ତି । ଲୁଚାଛପା ନାହିଁ, ସମସ୍ୟାକୁ ଏଡ଼େଇ ବଙ୍କେଇ କହିବାରେ ଢଙ୍ଗନାହିଁ । ସଂଗଠନରୁ ତାଙ୍କ ସାହିତ୍ୟ । ଲୋକଙ୍କ ସହିତ ମିଶନ୍ତି । ତାଙ୍କ ସମସ୍ୟାରୁ ଲେଖନ୍ତି, ସେଥିପାଇଁ

Digitized by srujanika@gmail.com

ବଉଳର ମହକ ଗପ ବହି ଆନନ୍ଦ ଦେଉଛି । ସମୟର ଅଭାବ ଯୋଗୁଁ ସେ ଗପକୁ ବାରମ୍ବାର ପରୀକ୍ଷାତର୍ଜମା କରିନାହାଁନ୍ତି । ସେଥିପାଇଁ ୱେରବି ଗପ, ଆରମ୍ଭ ଗୋଟିଏ ପ୍ରକାରରଶେଷ ଅନ୍ୟପ୍ରକାର । ବାଷ୍କାର୍ଡର ନାଟକୀୟତା ନାହିଁ । କିନ୍ତୁ ଗେଷ୍ଟ ହାଉସର ମହାପାତ୍ର ବୁଢା କେତେ ଜୀବନ୍ତ। ଏବେ ମହାପାତ୍ରଙ୍କ ସଂଖ୍ୟା , ସମସ୍ୟା ବୃଦ୍ଧି ପାଇଛି । ସୌରୀବାବୁ ଅବସର ନେଇ ଜରାନିବାସ ସଂଗଠନ କରିବା ସହ ସେମାନଙ୍କର ସମସ୍ୟା ଉପରେ ଆଲୋକ ପାତ କରିବେ ବୋଲି ମୋର ଆନ୍ତରିକ ଇଚ୍ଛା ।

ବିବେକାନନ୍ଦ କହିଥିଲେ ଉଠ୍ ଜାଗ, କର୍ମ କରିଚାଲ । ସୌରୀବାବୁ ଏହି ଆଦର୍ଶରେ କର୍ମ କରିଯାଉଛନ୍ତି । ତାଙ୍କୁ କହିଥିଲି, ମୋ ନିଜକଥା ନୁହେଁ, ସାହିତ୍ୟ ସାଧକ ବିଚ୍ଛନ୍ଦ ଚରଣଙ୍କ ମୋର ଅଧ୍ୟାପକ ବ୍ରହ୍ମା, ହୃଦାନନ୍ଦ ରାୟଙ୍କୁ ଉପଦେଶ—

'ବିକ୍ଷିପ୍ତ ନ ହୋଇ ନିକ୍ଷିପ୍ତ ହୁଅ ।' ବେଳ ଆସିଛି, ସୌରୀବାବୁ ନିକ୍ଷିପ୍ତ ହୁଅନ୍ତୁ, ଯଶସ୍ୱୀ ହୁଅନ୍ତୁ ।

ଏଚ. ଆଇ.ଜି. - ୩୦, ହାଉସିଂ ବୋର୍ଡ
ଖଣ୍ଡଗିରି, ୯୪୩୭୦୭୭୫୩୨

❖❖

Digitized by srujanika@gmail.com

ସେ ଆମ ଅଞ୍ଚଳର ଗର୍ବ ଓ ଗୌରବ

ନୃସିଂହ ଚରଣ ସାହୁ

ନିଃସ୍ୱାର୍ଥପର ଜନ ସେବୀ, ତେଜସ୍ୱୀ ବକ୍ତା, ଦଳିତ ନିଷ୍ପେଷିତ ଲୋକମାନଙ୍କ ପାଇଁ, ନିଜର ଜୀବନକୁ ଉତ୍ସର୍ଗ କରି ଆସିଥିବା ଶ୍ରଦ୍ଧେୟ ସୋରୀବଂଧୁ ବାବୁଙ୍କ ପାଇଁ ମୁଁ କେବଳ ନୁହେଁ ଆମ ଅଞ୍ଚଳ ମଧ ଗର୍ବିତ । ସେ ଓ ତାଙ୍କର ସାନ ଭାଇ ପ୍ରଖ୍ୟାତ ସାହିତ୍ୟକ, ପ୍ରଫେସର ବାଉରୀବଂଧୁ କର ମୋର ସାନ ଭାଇ ଭଳି ଥିଲେ । ମାତ୍ର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ, ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ, କରଙ୍କର ନିଷ୍ଠାପର ସମାଜ ସେବା, ସମାଜର ତଳେ ପଡିରହିଥିବା ଲୋକଙ୍କ ପାଇଁ ଦରଦ ଓ ସଂଗ୍ରାମ ଫଳରେ ସେ ଯେଉଁ ସାମାଜିକ ସ୍ୱୀକୃତି ପାଇ ପାରିଛନ୍ତି, ସେ ସବୁକୁ ଅନୁଭବ କରିଲେ, ମୋତେ ଲାଗୁଛି, ସେ ମହାଶୟ ମୋର ବଡ ଭାଇ ହୋଇ ଯାଇଛନ୍ତି ଓ ମୁଁ ତାଙ୍କର ସାନଭାଇ ହୋଇଯାଇଛି ।

ସେମାନେ କେବଳ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି, ମୁଁ ସେମାନଙ୍କ ପାଇଁ ଗର୍ବ କରୁନାହିଁ । ବରଂ ସେମାନେ- ବହୁ ଲୋକଙ୍କୁ, ଉପରକୁ ଉଠିବାରେ ସାହାଯ୍ୟ ସହଯୋଗର ହାତ ବଢେଇ ଆସୁଛନ୍ତି ଯେଉଁ ଯୁବକମାନେ, ଅଭାବ ଅସୁବିଧାରେ ପଡି ଭବିଷ୍ୟତ ଅନ୍ଧକାର ବୋଲି ଧରିନେଇଥିଲେ ଆଶ୍ୱାସନା ଦେଇ ସେମାନଙ୍କୁ ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରାଇବାରେ ଉଭୟଙ୍କର ଅବାଦନ ସହଜରେ ତୁଳନୀୟ ନୁହେଁ । ତେଣୁ ସେମାନଙ୍କର ଅନୁଗତ ମାନଙ୍କ ସଂଖ୍ୟା ଏତେ ଅଧିକ ଯେ, ସେମାନେ ପ୍ରତ୍ୟେକ ଜଣେ ଜଣେ ଅନୁଷ୍ଠାନ ପାଲଟି ଯାଇଛନ୍ତି ।

ସୌରୀବାବୁ ବିବେକାନନ୍ଦଙ୍କ ଆଦର୍ଶକୁ ପାଥେୟ କରି, ସତେ ଯେପରି ବିବେକାନନ୍ଦଙ୍କ ମହାନ ଉକ୍ତି " ଉତିଷ୍ଠିତ, ଜାଗ୍ରତ ପ୍ରାପ୍ୟ ବରାନ ନିବୋଧତ", 'ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ, ବିରାମ ନାହିଁ' କୁ ନିଜ ଜୀବନରେ ପ୍ରୟୋଗ କରି ଚାଲିଛନ୍ତି । ଛାତ୍ର ଓ ଯୁବ ସମାଜ ମଧରେ ବିବେକାନନ୍ଦଙ୍କ ବାଣୀ ଓ ଆଦର୍ଶ ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ସେହିପରି ଆଉ ଦୁଇଜଣ ମନୀଷୀ, ଗାନ୍ଧିଜୀ ଓ କାର୍ଲମାକ୍ସଙ୍କ ଦର୍ଶନରେ ମଧ ତାଙ୍କର ଗଭୀର ବିଶ୍ୱାସ । ସେ ଏହି ତିନିଜଣଙ୍କୁ, କେବଳ ଗଭୀର ଭାବରେ ଅଧ୍ୟୟନ କରି ନାହାଁନ୍ତି । ଏହି ମହାପୁରୁଷ ମାନଙ୍କ ଆଦର୍ଶରେ,

Digitized by srujanika@gmail.com

ଏକ ସମନ୍ୱିତ ବିଚାର ଧାରା ନିଜ ଜୀବନରେ ପ୍ରୟୋଗ କରି ଚାଲିଛନ୍ତି ।

ବକ୍ତା ଓ ଲେଖକ ଭାବରେ ସୌରୀବାବୁଙ୍କ ମତ ଓ ଶୈଳୀ ନିଆରା ବାରି ହୋଇ ପଡ଼େ । ସେ କେବଳ ପଢ଼ିଥିବା କଥା କହନ୍ତି ନାହିଁ । ବାସ୍ତବ କ୍ଷେତ୍ରରେ ସେ ସବୁର ଉପଯୋଗରେ କ'ଣ କ'ଣ ସମସ୍ୟା ରହିଛି, କିପରି ତା'ର ପ୍ରତିକାର କରାଯାଇ ପାରିବ-ସେ ସବୁ କଥା ନିଜ ଅନୁଭୂତିରୁ ପ୍ରକାଶ କରିଥାନ୍ତି । କାହାକୁ ଭଲ ଲାଗୁ ବା ନଲାଗୁ, ସେ ମୁହଁ ଦେଖା କଥା କହନ୍ତି ନାହିଁ କି ନିଜ ଆଦର୍ଶ ସହିତ ସାଲିସ୍ କରନ୍ତି ନାହିଁ । କହିବାକୁ ଗଲେ, ସେ ଜଣେ ବେସାଲିସ ମଣିଷ । ଗଳ୍ପ ପ୍ରବନ୍ଧ, ଜୀବନୀ, ଅନୁବାଦ-ସାହିତ୍ୟରେ ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି ଏବଂ ନିଜ ମୌଳିକ ପ୍ରତିଭାର ପରିଚୟ ଦେଇଛନ୍ତି ।

ମୁଁ ସୌରୀବାବୁଙ୍କ ପାଖରେ ଋଣୀ । କାରଣ ଡକ୍ଟର ହରେକୃଷ୍ଣ ମହାତାବ ଫାଉଣ୍ଡେସନର ସଂପାଦକ ଭାବରେ ଅନୁଷ୍ଠାନ ପକ୍ଷରୁ ମୁଁ ଚାରିଆଡେ ନିବେଦନ କରିଥିଲି । ମହତାବଙ୍କ ଶତବାର୍ଷିକୀ ଉପଲକ୍ଷେ, ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ଅପେକ୍ଷା ବିଭିନ୍ନ ଲେଖକଙ୍କ ଦ୍ୱାରା ତାଙ୍କ ଜୀବନୀ ଓ କୃତିର ମୂଲ୍ୟାୟନ କରାଯାଉ । ବିଭିନ୍ନ ଦୃଷ୍ଟି କୋଣରୁ, ତାହାର ପ୍ରଚାର ଓ ପ୍ରସାର ହେଲେ, ଭବିଷ୍ୟତ ପିଢ଼ିଙ୍କ ପାଇଁ, ତାହା ପ୍ରେରଣାର ଉତ୍ସ ହେବ । ଏହି କ୍ଷେତ୍ରରେ ଶ୍ରୀକର ଆମର ଅନୁରୋଧ ରକ୍ଷା କରି ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ନ୍ୟାସନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ, ଆଧୁନିକ ଓଡ଼ିଶାର ନବ ନିର୍ମାତା ଡକ୍ଟର ମହତାବଙ୍କର ଦୁଇ ଦୁଇଟି ଜୀବନୀ ରଚନା କରି, ତାଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱର ଅନେକ ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଛନ୍ତି । ସୌରୀବାବୁଙ୍କ ଏହି ପ୍ରାଣବନ୍ତ କୃତି, ଆମ ଜାତୀୟ ଜୀବନ, ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ଉପସ୍ଥାପନା ନିମିତ୍ତ ଏକ ଅନବାଦ୍ୟ ସୃଷ୍ଟି । ତାଙ୍କର ସାଧୁ ଉଦ୍ୟମ ନିମନ୍ତେ ମୁଁ ତାଙ୍କଠାରେ ଗଭୀର କୃତଜ୍ଞ ଏବଂ ଏଥି ସକାଶେ, ମହତାବଙ୍କ ଜୟନ୍ତୀରେ ମହତାବ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଇବାର ସୌଭାଗ୍ୟ ମୋର ହୋଇଛି ।

ଶ୍ରୀ ସୌରୀବଂଧୁ କର ବହୁ ସୁକର୍ମର ଅଧିକାରୀ । ଏଥି ନିମନ୍ତେ ତାଙ୍କୁ ଅଭିନନ୍ଦିତ କରିବା ଅର୍ଥ, ଜଣେ ସ୍ୱାଭିମାନୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା । ଭଗବାନଙ୍କ ପାଖରେ ତାଙ୍କର ସୁସ୍ଥ, ନିରାମୟ, ଦୀର୍ଘ କର୍ମମୟ ଜୀବନ କାମନା କରୁଛି ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ପରମେଶ୍ୱର ତାଙ୍କର ଚଲାପଥକୁ କୁସୁମିତ କରନ୍ତୁ ।

ସଂପାଦକ , ଡକ୍ଟର ହରେକୃଷ୍ଣ ମହାତାବ,ଫାଉଣ୍ଡେସନ,
ପାଣ୍ଡବ ନଗର, ଭୁବନେଶ୍ୱର

❖❖

Digitized by srujanika@gmail.com

ସଫଳ କର୍ମଜୀବନ

ଆଦିକନ୍ଦ ସାହୁ

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ 'ଶିକ୍ଷକତା' କେବଳ ଏକ 'ବୃତ୍ତି' ନଥିଲା । ଶିକ୍ଷାଦାନ ମାଧ୍ୟମରେ ନବ ସ୍ୱାଧୀନ ଭାରତବର୍ଷର ସେବା କରିବାର ସୁଯୋଗ ମଧ୍ୟ ଶିକ୍ଷକମାନେ ଲାଭ କରିପାରୁଥିଲେ । ଏଣୁ ମୁଁ 'ଶିକ୍ଷକତାକୁ' ନିଜ ବୃତ୍ତି ଓ ବ୍ରତ ଉଭୟଭାବେ ଗ୍ରହଣ କରିଥିଲି । ୧୯୭୦-୭୧ ବେଳକୁ ଖଣ୍ଡିତର ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ ଶୂନ୍ୟ ଥିବାରୁ ମୁଁ ମୋର ସମ୍ପର୍କୀୟ ଭାଇ ସ୍ୱର୍ଗତଃ ପଠାଣୀ ପୃଷ୍ଟିଙ୍କଠାରୁ ଡାକରାପାଇ ସେ ପଦରେ ଅବସ୍ଥାପିତ ହେଲି । ସେହିଠାରେ ହିଁ ମୁଁ ସେତେବେଳର ଉଦୀୟମାନ ଯୁବକ ସୌରୀବାବୁଙ୍କ ସମ୍ପର୍କରେ ଆସିବାର ସୁଯୋଗ ପାଇଲି । ସେତେବେଳକୁ ତାଙ୍କର ଆନୁଷ୍ଠାନିକ ଶିକ୍ଷା ସମାପ୍ତ ହୋଇସାରିଥିଲା । ଯୌବନଦୀପ୍ତ ପରମ୍ପରାଗତ ସ୍ଥାଣୁ ହୋଇଥିବା ଅନୁଷ୍ଠାନଗୁଡିକରେ ପୁନର୍ଜୀବନ ସୃଷ୍ଟି କରିବାର ପ୍ରୟାସ କରୁଥିଲେ । ପ୍ରଥମତଃ ତାଙ୍କର ଦୃଷ୍ଟି ନିବଦ୍ଧ ହୋଇଥିଲା ତାଙ୍କ ଗ୍ରାମର ମାଧ୍ୟମିକ ବିଦ୍ୟାଳୟର ପରିଚାଳନାଗତ ତ୍ରୁଟି ବିଚ୍ୟୁତି ଉପରେ । ସବୁକିଛି ଭାଙ୍ଗି ପକାଇବାର ଦୁର୍ବାର ଚଞ୍ଚଳତା ତାଙ୍କଠାରେ ପରିଲକ୍ଷିତ ହେଉଥିଲା । ମାତ୍ର ତାଙ୍କର ଏହି ଭସ୍ମ କରିବାର ଲିପ୍‌ସାନେଇ ସେ ତାଣ୍ଡବ ରଚନା କରିବା ପୂର୍ବରୁ ତାଙ୍କୁ ସୃଷ୍ଟିକାରୀ ବ୍ରହ୍ମା ରୂପରେ ରୂପାନ୍ତରିତ କରିବାର ଉପକ୍ରମ ଆମମାନଙ୍କ ଦ୍ୱାରା ଆରମ୍ଭ ହେଲା । ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଆମମାନଙ୍କର ପରମ ପୂଜ୍ୟ ଧର୍ମଶାଳାର ପ୍ରଥମ ବିଧାୟକ ଶ୍ରୀଯୁକ୍ତ ପରମାନନ୍ଦ ମହାନ୍ତି । ଏଣୁ ପରବର୍ତ୍ତୀ ଦିନଗୁଡିକରେ ସୌରୀବଂଧୁ ବାବୁ ଖଣ୍ଡିତର ହାଇସ୍କୁଲ ପୁନର୍ଗଠନର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେଲେ ଏବଂ ଅନୁଷ୍ଠାନକୁ ସର୍ବାଙ୍ଗ ସୁନ୍ଦର କରିବାରେ ମୋତେ ଯତ୍‌ପରୋନାସ୍ତି ସାହାଯ୍ୟ ସହାନୁଭୂତି ଯୋଗାଇ ଆସିଲେ ଯାହାଦ୍ୱାରା ତାଙ୍କ ଗ୍ରାମଅନୁଷ୍ଠାନର ମର୍ଯ୍ୟାଦା ବହୁ ଉପରକୁ ଉଠି ପାରିଥିଲା ।

"ଯାଜପୁର କବାଡି ଆସୋସିଏସନ" ନାମରେ ଗୋଟିଏ ଅନୁଷ୍ଠାନ ୧୯୫୦ ମସିହାରୁ ଖଣ୍ଡିତର ଗ୍ରାମରେ ପଞ୍ଜୀକୃତ ହୋଇଥିଲା । ମାତ୍ର ଏହା ପ୍ରାୟ ନିଷ୍କ୍ରିୟହୋଇ ପଡିଥିଲା । ଏହାର ପ୍ରତିଷ୍ଠାତା ସ୍ୱର୍ଗୀୟ ଶ୍ରୀ ବାଞ୍ଛାନିଧି ପଣ୍ଡା କାର୍ଯ୍ୟୋପଲକ୍ଷେ ଅନ୍ୟତ୍ର

Digitized by srujanika@gmail.com

ରହୁଥିବାରୁ ଏବଂ ବୟସାଧିକ୍ୟ ଯୋଗୁଁ ସକ୍ରିୟ ନଥିବାରୁ ସେ ଅନୁଷ୍ଠାନଟିର ପୁନର୍ବିନ୍ୟାସ୍‌ରେ ସୌରୀବାବୁ ମନଦେଲେ । ଗ୍ରାମର ସମସ୍ତ ଶିକ୍ଷିତ ଉଦୀୟମାନ ଯୁବକମାନଙ୍କୁ ସଂଗଠିତ କରିବାରେ ସେ କୃତକାର୍ଯ୍ୟହେଲେ ଏବଂ ୨/୩ ବର୍ଷ ଭିତରେ ଏହି କବାଡି ଆସୋସିଏସନ୍ ରାଜ୍ୟର ଏକ ଅଗ୍ରଣୀ ଖେଳ ଅନୁଷ୍ଠାନରେ ପରିଣତ ହୋଇ ପାରିଲା । ବର୍ତ୍ତମାନ ଏହା କେବଳ ରାଜ୍ୟ ଭିତରେ ସୀମିତ ରହିନାହିଁ । ପ୍ରତିବର୍ଷ ରଜସଂକ୍ରାନ୍ତି ସମୟରେ ଦେଶର କେତେକ ପ୍ରମୁଖ କବାଡି ଦଳଗୁଡ଼ିକୁ ନିମନ୍ତ୍ରଣ କରି ଖଣ୍ଡିତରରେ ପ୍ରତିଯୋଗୀତା ହେଉଛି ଓ ବିଜୟୀ ଦଳକୁ କପ୍ ପ୍ରଦାନ କରାଯାଉଛି । ଏହାଦ୍ୱାରା ଓଡ଼ିଶାରେ ଓ ଓଡ଼ିଶା ବାହାରେ ନିଜ ଗାଁକୁ ପରିଚିତ କରାଇବାର ମୁଖ୍ୟ ପ୍ରଶଂସାର ଅଧିକାରୀ ସୌରୀବାବୁ ଏହା ନିଃସନ୍ଦେହ । ସ୍ଥାନୀୟ କେତେକ କବାଡି ଦଳ ମାନଙ୍କରୁ ବଛା ବଛା ଖେଳାଳିମାନେ ମଧ୍ୟ ବିଭିନ୍ନ କମ୍ପାନୀରେ ତଥା ସରକାରୀ ଚାକିରୀ ପାଇବାର ସୁଯୋଗ ସୃଷ୍ଟି ହୋଇପାରିଛି । ଖଣ୍ଡିତର ଗ୍ରାମର ଖେଳାଳିମାନେ ଓଡ଼ିଶା ଦଳ ନେତୃତ୍ୱ ନେବାର ଉଦାହରଣ ମଧ୍ୟ ରହିଛି । ଜଣେ ବିଖ୍ୟାତ ଶ୍ରମିକ ନେତା ରୂପେ ପରିଚିତ ହେବା ପୂର୍ବରୁ ଯେଉଁସବୁ ଅନୁଷ୍ଠାନକୁ ସୁବିନ୍ୟସ୍ତ କରିବାରେ ସଫଳ ହୋଇଛନ୍ତି ତାର ଏହା ଏକ ନମୂନା ।

ଖଣ୍ଡିତର ଗ୍ରାମର ପରିବେଶ ଅତି ମନଲୋଭା । ଦିନଥିଲା ଖରସ୍ରୋତା ନଦୀ ବକ୍ଷରେ ବଡବଡ ଡଙ୍ଗା ଉପରେ ଖଣ୍ଡିତର ଘାଟରେ ବସ୍, କାର ପ୍ରଭୃତି ଯାନବାହାନ ପାର ହେଉଥିଲେ ଏବଂ ଖଣ୍ଡିତର ଘାଟ (ମଙ୍ଗଳାଘାଟ)ର ପ୍ରସିଦ୍ଧ ଥିଲା । କଲିକତାରୁ ମାନ୍ଦ୍ରାଜ ଯାଇଥିବା ନ ୫ ଜାତୀୟ ରାଜପଥ କଡ଼ରେ ଗ୍ରାମଟି ଅବସ୍ଥିତ । ଅଧୁନା ଏହା ' ଖରସ୍ରୋତା' ସେତୁର ସଂଲଗ୍ନ ଗ୍ରାମ । ପୂର୍ବର ପ୍ରାକୃତିକ ପରିବେଶ ଅବକ୍ଷୟ ହେଉଥିଲେ ବି ଆମ୍ର ତମାଳ କୁଞ୍ଜ ଭିତରେ ଏ ଗାଁର ପ୍ରାଚୀନ ମଠଟିଏ ରହିଛି । ଶ୍ରୀ ମଦନମୋହନ ଅଧିଷ୍ଠାତା ଦେବତା, ଏହି ମଠାଧୀଶଙ୍କ ଜମିଦାରୀରେ ମଧ୍ୟ ଖଣ୍ଡିତର ଗ୍ରାମଟି ରହିଥିଲା । ବସ୍ତୁତଃ ଏହି ମଠାଧୀଶମାନେହିଁ ଗ୍ରାମର ମୁରବି ଭାବରେ ସମ୍ମାନିତ ହୁଅନ୍ତି । ଗ୍ରାମର ସବୁ ଅନୁଷ୍ଠାନମାନେ ତାଙ୍କରି ପ୍ରେରଣା ଲାଭକରନ୍ତି । ସୌରୀବାବୁଙ୍କ ପୂର୍ବ ପୁରୁଷମାନେ ଏହି ମଠ ସହିତ ସୁସମ୍ପର୍କ ରକ୍ଷା କରିଥାଆନ୍ତି । ମଠ ପରିଚାଳନା କ୍ଷେତ୍ରରେ ଆବଶ୍ୟକୀୟ ଯୁଗଧର୍ମ ଅନୁଯାୟୀ ନାନା ପରିବର୍ତ୍ତନ ଆଣିବାରେ ମଧ୍ୟ ସୌରୀବାବୁଙ୍କ ପ୍ରତ୍ୟକ୍ଷ ସମ୍ପର୍କ ରହିଛି ।

ଗ୍ରାମ୍ୟ ଅନୁଷ୍ଠାନ ଗୁଡିକ ସୁବିନ୍ୟାସ କରିବାରେ ଯେଉଁ ସାଂଗଠନିକ ଅଭିଜ୍ଞତା ଲାଭ କରିଥିଲେ ତା କ୍ରମଶଃ ତାଙ୍କର କର୍ମକ୍ଷେତ୍ରରେ ମଧ୍ୟ ଚାଲୁରଖିଲେ, ଯାହାଫଳରେ

Digitized by srujanika@gmail.com

ଚାକିରିକାଳ ସାରା ସେ ସର୍ବଦା ବ୍ୟାଙ୍କ ୟୁନିୟନର କର୍ମକର୍ତ୍ତା ରହିବାରେ ସକ୍ଷମ ହୋଇ ପାରିଛନ୍ତି ଏବଂ ଏକ ସଫଳ କାର୍ଯ୍ୟକର୍ତ୍ତା ଭାବରେ ସୁନାମ ଲାଭକରି ପାରିଛନ୍ତି ।

ସୌରୀବାବୁ ଯେଉଁ ପରିବାର ଓ ପିତାମାତାଙ୍କ କୋଳ ମଣ୍ଡନ କରିଥିଲେ ସେ ସମ୍ପର୍କରେ କିଞ୍ଚିତ୍ ଆଲୋଚନା ସମୀଚୀନ ହେବ । ତାଙ୍କ ପିତା ସ୍ୱର୍ଗତଃ ଅନାଥବଂଧୁ କର ଅକାଳରେ ଇହଲୀଳା ସମ୍ବରଣ କରିଥିଲେ । ମାତ୍ର ମୁଁ ଶୁଣିଛି ସେ ଜଣେ ସଂସ୍କୃତ ଶିକ୍ଷାପ୍ରାପ୍ତ ତେଜୋଦୀପ୍ତ ପୁରୁଷ ଥିଲେ । ତିନୋଟି ଅବୋଧ ଶିଶୁଙ୍କୁ ମାତୃକୋଳରେ ଛାଡି ଯାଇଥିଲେ । ମାତ୍ର ସେ ମାତୃକୋଳ ସାମାନ୍ୟ ନଥିଲା । ଗୌରୀ (କନ୍ୟା) ସୌରୀ ଓ ବାଉରି ତିନୋଟି ରତ୍ନଙ୍କର ଉପଯୁକ୍ତ ଲାଳନ ପାଳନ, ଶିକ୍ଷାଦାନ, ଚରିତ୍ର ଗଠନ କରିବାରେ ବିଦୁଷୀ ସୁଭଦ୍ରାଦେବୀ ଅବହେଳା ତ କରିନାହାଁନ୍ତି ବରଂ ପିତା ମାତା ଉଭୟଙ୍କର ଦାୟିତ୍ୱକୁ ନିଜେ ସୁଚାରୁରୂପେ ତୁଲାଇ ନିଜ ପରିବାରଟିକୁ ବହୁ ଉଚ୍ଚ ସ୍ଥାନକୁ ନେଇ ପାରିଛନ୍ତି । ବଂଚିଥିଲେ ଆଜି ସୁଗୃହିଣୀ ଝିଅର୍ ପରିବାର, ସୁସଂଗଠକ ସାହିତ୍ୟକ ଶ୍ରମିକନେତା ପୁଅ ସୌରୀର ଗୌରବ ଓ ସାହିତ୍ୟ ପ୍ରଫେସର ପୁତ୍ର ଡଃ ବାଉରିବଂଧୁଙ୍କ ସମ୍ମାନ ଦେଖି ଦେଖି ନିଜେ କୃତକୃତ୍ୟ ହେଉଥାନ୍ତେ ।

ଦିନେ ପିତୃହରା ପୁଅ ଝିଅମାନେ ଆଜି ଶହ ଶହ ପୁଅ ଝିଅ ମାନଙ୍କର ଆଶା ଓ ବିଶ୍ୱାସର ଉତ୍ସ ହୋଇଛନ୍ତି । ଅନ୍ୟ ମାନଙ୍କୁ ମଣିଷ ହେବାରେ ସାହାଯ୍ୟ କରୁଛନ୍ତି । ଦେଶ ଓ ବିଦେଶର ସମ୍ମାନ ବୃଦ୍ଧିରେ ସହାୟକ ହେଉଛନ୍ତି । ଏହାଠାରୁ ଏ ଐହିକ ଜୀବନରେ କ'ଣ ଅଧିକ ଆଶା କରାଯାଇପାରିବ ? ବେଳେବେଳେ ଟି.ଭି ପରଦାରେ ହେଉ ବା ରେଡିଓରେ ହେଉ ସାହିତ୍ୟକ ସୌରୀବଂଧୁ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ପ୍ରଫେସର ବାଉରିବଂଧୁ (ଦୁଇଭାଇଙ୍କ) ଏକତ୍ର ସମାବେଶ ଓ ଆଲୋଚନା ଦେଖି ବା ଶୁଣି ଆମ୍ଭେମାନେ ମଧ୍ୟ ଗୌରବରେ ଉତ୍ଫୁଲ୍ଲିତ ହେଉଛୁ ।

ଜୀବନ କେବଳ ଅର୍ଥ ଓ କାମ (ପରିବାର) ପାଇଁ ନୁହେଁ । ଆହୁରି ଦୁଇଟି ପ୍ରଧାନ ବର୍ଗ ଧର୍ମ ଓ 'ମୋକ୍ଷର' ଆବଶ୍ୟକତା ପାରତ୍ରିକ ଜୀବନ ପାଇଁ ଅତୀବ ଆବଶ୍ୟକ । ଏ କ୍ଷେତ୍ରରେ ମଧ୍ୟ ସୌରୀବାବୁଙ୍କର ପ୍ରଚେଷ୍ଟା କମ୍ ନାହିଁ । ଜୀବନର ଅନୁଭୂତି ବଢିବା ସଙ୍ଗେ ସଙ୍ଗେ ତାଙ୍କର ମୋକ୍ଷପ୍ରାପ୍ତି ଆଶା ପ୍ରବଳ୍ ହେବାରୁ ସେ ତାଙ୍କୁ ଭଲ ଲାଗିଲାଭଳି ଅନୁଷ୍ଠାନଟିଏ ପାଇଁ ବ୍ୟାକୁଳଥିଲେ ଏବଂ ସୁବିଧା ପାଇଲାମାତ୍ରେ ପୃଥିବୀର ଏକ ଶ୍ରେଷ୍ଠ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ "ରାମକୃଷ୍ଣ ମିଶନ"ର ସଭ୍ୟ ହେଲେ । ସେଠାକାର ଗୁଣୀ ତ୍ୟାଗୀ ସାଧୁ ମାନଙ୍କ ସମ୍ପର୍କରେ ଆସି ସେ ଦିନକୁଦିନ

Digitized by srujanika@gmail.com

ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବାରେ ଲାଗିଛନ୍ତି । ସେବା ଓ ତ୍ୟାଗ ଧର୍ମରେ ନିଜକୁ ନିୟୋଜିତ ରଖି ସେ ନିଜର ଆତ୍ମିକ ଉନ୍ନତିପାଇଁ ସାଧନରତ ଅଛନ୍ତି । ଚାକିରି ଜୀବନ ସରି ଯାଉଥିବାରୁ ସେ ଏ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବାର ସୁବିଧା ପାଇବେ । ଗତାନୁଗତିକ କର୍ମନିର୍ଘଣ୍ଟ ଜୀବନର ପରିସର ସମାପ୍ତିରେ ସେ ଯେଉଁ ବାନପ୍ରସ୍ଥ ଜୀବନ ବିତାଇବେ ସେଥିରେ "ରାମକୃଷ୍ଣ ମିଶନ"ର ଭାଗ ଅଧିକ ରହିବ ଏହା ନିଃସନ୍ଦେହ ।

ତାଙ୍କ ସାହିତ୍ୟିକ କୃତିତ୍ୱର ଆକଳନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଏହା ମୋପାଇଁ ମଧ୍ୟ ଶ୍ରେୟ ନୁହେଁ । ଏହା ବିଜ୍ଞ ସାହିତ୍ୟ ସମାଲୋଚନା ମାନଙ୍କର ନିଷିଦ୍ଧ ଅଂଚଳ । ସେଥିରେ ଅନୁପ୍ରବେଶ କରିବାର ଅପଚେଷ୍ଟା ନ କରି ବରଂ ତାଙ୍କ ପରିବାରିକ ଜୀବନ ସମ୍ପର୍କରେ କିଛି କହିବା ଉଚିତ ଭାବୁଛି । ତାଙ୍କ ପରିବାରର ଖୁବ୍ ନିକଟତମ ସମ୍ପର୍କରେ ମୁଁ ଆସିଛି । ତାଙ୍କର ସାଧ୍ୱୀ ସରଳା, ସେବାପରାୟଣା ସ୍ତ୍ରୀଙ୍କୁ ଜାଣିଛି । ନିଜ ପିଲାମାନଙ୍କର ଦାୟିତ୍ୱ ସେ ସୁଚାରୁରୂପେ ତୁଲାଇ ପାରିଛନ୍ତି । ସୌରୀବାବୁଙ୍କର ଏକରକମ ବାରବୁଲା ଜୀବନର ସାଥୀ ଭାବରେ ସେ ପିଲାମାନଙ୍କୁ ସୁଶିକ୍ଷିତ ଓ ଶୃଙ୍ଖଳିତ କରାଇ ପାରିଛନ୍ତି । ଦମ୍ପତିଙ୍କର ଏକ ମାନସିକ ନ୍ୟୂନତା ସଂପନ୍ନ ପୁତ୍ର ରହିଛି ମାତ୍ର ଏଥିପାଇଁ ସେମାନଙ୍କ ମନରେ ତିଳେମାତ୍ର ଦୁଃଖନାହିଁ । ବରଂ ଏକ ଜୀବନ୍ତ ଠାକୁରଙ୍କର ସେବାରେ ସେମାନେ ନିଜେ ଆନନ୍ଦ ଅନୁଭବ କରୁଛନ୍ତି । ଏବେ ସେ ପୁତ୍ରର ବେଶ ପୋଷାକ, ଚାଲିଚଳନ ଓ ଖେଳପ୍ରିୟତା ଦେଖିଲେ ଯେ କୌଣସି ବ୍ୟକ୍ତି ଅନୁଭବ କରିବ ଯେ ପୁଅଟି କେତେ ଆନନ୍ଦରେ ରହିଛି । ଅତିଥି ପରାୟଣତା ସେ ପରିବାର ପାଇଁ ଏକ ବ୍ରତ । ହିନ୍ଦୁ ଆଚାର ବିଚାର ସହିତ ଆଧୁନିକତାର ଏକ କୋମଳ ମିଳନର ଗନ୍ଧ ବାରିହୋଇପଡେ । ଜୀବନ୍ତ ଲୋକଙ୍କର ପ୍ରଶଂସା ଓ ମୃତ ଲୋକଙ୍କର ନିନ୍ଦା ଏକ ଅଧର୍ମ କାର୍ଯ୍ୟ । ମାତ୍ର ନିଛକ ସତ୍ୟ ପ୍ରକାଶ କରି ମୁଁ ସୌରୀବାବୁଙ୍କୁ ଯେପରି ଭାବରେ ଆକଳନ କରିଛି ତା ବିନା ଦ୍ୱିଧାରେ ପ୍ରକାଶ କଲି । ଭଗବତ୍ କଲ୍ୟାଣ ଲାଭକରି ସୌରୀ ଆହୁରି ଆହୁରି ଅଗ୍ରଗତି କରନ୍ତୁ ଏବଂ ଦୁଃଖୀ ନିରନ୍ନମାନଙ୍କ ସେବାପାଇଁ ତାଙ୍କ ଜୀବନର ଅବଶିଷ୍ଟ କାଳ ବିନିଯୋଗ କରନ୍ତୁ ଏବଂ ନିରୋଗ କର୍ମମୟ ଜୀବନ ବିତାନ୍ତୁ ଏହାହିଁ କାମନା ।

ପୂର୍ବତନ ପ୍ରଧାନ ଶିକ୍ଷକ, ଖଣ୍ଡିତର ହାଇସ୍କୁଲ
ଠିକଣା:- ଗ୍ରା: ପୋ: କଲଣ ଧର୍ମଶାଳା

Digitized by srujanika@gmail.com

ସ୍ମୃତି ଓ ଅନୁଭୂତି

ବିପିନ ବିହାରୀ ପାଢୀ

୧୯୮୨ ଡିସେମ୍ବର ମାସର ଘଟଣା । ଚନ୍ଦ୍ରଗିରି ଶାଖାରେ କାମ କରିବାର ୬ ମାସ ମଧ୍ୟରେ ସାଥୀ କରଙ୍କ ସହ ପ୍ରଥମ ସାକ୍ଷାତ । ସେତେବେଳେ ସେ ଯୁବକ, କାନାରାବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସଂଗଠନରେ ଓଡ଼ିଶାର ଏକମାତ୍ର ପ୍ରତିନିଧି । ସେଦିନ ଅଭିମାନରେ ପ୍ରଶ୍ନ କରିଥିଲି, କଟକ ଓ ଭୁବନେଶ୍ୱରରେ କେବଳ ନେତାମାନେ ରହିବେ । ଆମେ ଜଂଗଲରେ ସଢୁଥିବୁ? ଏହା ଭିତରେ ୨୬ବର୍ଷ ଅତିବାହିତ ହୋଇଗଲାଣି । ସଂଯୋଗ ବଶତଃ ନିଜେ ଆଜି ସର୍ବଭାରତୀୟ ସଂଗଠନରେ ଓଡ଼ିଶାର ପ୍ରତିନିଧି । ଆଜି ଶାଖା ପରିଦର୍ଶନରେ ଗଲାବେଳେ ମୋତେ ଯେତେବେଳେ ସାଥୀମାନେ ସେହି ପ୍ରଶ୍ନ ପଚାରୁଛନ୍ତି, ସେ ସମସ୍ୟା ସମାଧାନ କରିବାରେ ମୁଁ ନିଜକୁ ଅସହାୟ ମନେ କରୁଛି ।

ଏ ବର୍ଷ ଏପ୍ରିଲମାସ ୩୦ ତାରିଖରୁ ସାଥୀ ସୌରୀବଂଧୁ କର ତାଙ୍କର କର୍ମମୟ ଜୀବନରୁ ଅବସର ନେବେ । ଆମର ନୈତିକ କର୍ତ୍ତବ୍ୟ ଦୃଷ୍ଟିରୁ ଆମେ ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଛୁ । ଅବସର କଥା କହିଲେ ସେ ଏବେ ବି ହସହସ ମୁହଁରେ ସେ କଥା ଏଡାଇ ଯାଆନ୍ତି । ତାଙ୍କ ଭାଷାରେ ମଣିଷ ମଲାପରେ ହିଁ ଅବସର ଆସେ, ତା' ପୂର୍ବରୁ ନୁହେଁ ।

୧୯୮୫ ମସିହାରୁ ସାଥୀକରଙ୍କ ସହ ମୋର ସଂପର୍କ । ଜଣେ ସାହିତ୍ୟକ ହିସାବରେ ମୋ ଅଜାଣତରେ ମୁଁ ତାଙ୍କୁ ସମ୍ମାନ ଦେଇ ଆସିଥିଲି । କିନ୍ତୁ ପର ମୁହୂର୍ତ୍ତରେ ସେ ଯେ ମୋର ସାଂଗଠନିକ ଗୁରୁଭାବେ ଉଭାହେବେ, ଏହା ମୁଁ ନିଜେ ମଧ୍ୟ ଜାଣିନଥିଲି, କଟକକୁ ଆସିବାପରେ ସାଥୀ ଜ୍ୟୋତିଷ ପଟ୍ଟନାୟକଙ୍କ ସହ ନିବିଡତା । ଅନ୍ୟକୁ ସାହାଯ୍ୟ କରିବାର ଇଚ୍ଛା, ସାଥୀର ଦୁଃଖ ସମୟରେ ସମଭାଗୀ ହେବାର ଉଦ୍ୟମ ଯୋଗୁଁ ସେ ମୋତେ ସାଥୀ କରଙ୍କ ସହ ପରିଚିତ କରାଇ ଦେଇଥିଲେ । କୌଣସି ଶାଖା ସଂପାଦକ ପଦବୀରେ ନଥାଇ ମଧ୍ୟ ସିଧାସଳଖ ଭାବେ ସେ ମୋତେ କର୍ମଚାରୀ ସଂଘର ପ୍ରଥମ

Digitized by srujanika@gmail.com

ଓଡ଼ିଶା ରାଜ୍ୟ କମିଟିକୁ ମନୋନୀତ କରିଥିଲେ । ତା'ପରଠାରୁ ତାଙ୍କ ସହ ଓତଃପ୍ରୋତ ଭାବେ ଜଡିତ ହୋଇ ଆସିଛି । ତାଙ୍କ ନେତୃତ୍ୱରେ ସଂଗଠନର ସୈନିକ ହିସାବରେ ଯେତେବେଳେ ଯାହା ନିର୍ଦ୍ଦେଶ ଦେଇଛନ୍ତି ତା'କୁ ବିନା ଦ୍ୱିଧାରେ କରି ଚାଲିଛି । ସେଥିରେ କେତେ ସଫଳ କି ବିଫଳ ହୋଇଛି ତା'ର ମୂଲ୍ୟାଙ୍କନ ମୋର ସାଥୀମାନେ କରିବେ ।

ସାଥୀ କରଙ୍କୁ ଅନେକ ଚହ୍ନିବାରେ ଭୁଲ୍ କରନ୍ତି । କାର୍ଯ୍ୟର ଚାପରେ ଅନେକ ସମୟରେ ସେ ନିଷ୍ଠୁର ଭାବେ ଅପ୍ରିୟ ସତକଥା କହିଥାନ୍ତି । କିନ୍ତୁ ପର ମୂହୁର୍ତ୍ତରେ ସେ ସବୁକୁ ଭୂଲିଯାଇ ସମସ୍ତଙ୍କୁ ଆପଣାର କରି ପକାନ୍ତି । ଯାହାକୁ ଯେତେ ନିଜର ଭାବନ୍ତି, ତା'ଉପରେ ବହୁ ମାତ୍ରାରେ କ୍ଷୋଭପ୍ରକାଶ କରନ୍ତି । ତାଙ୍କ ପାଖରେ ସଂଗଠନର ଗୁରୁତ୍ୱ ବହୁ ବେଶୀ । ସଂଗଠନର ସମ୍ମାନରେ ଆଞ୍ଚ ଆସିଲେ ସେ କାହାକୁ କ୍ଷମା ଦେବାର ମୁଁ ଦେଖି ନାହିଁ ।

ତାଙ୍କ ସହିତ ବିଭିନ୍ନ ସଭା ସମିତିଠାରୁ ଆରମ୍ଭ କରି ମଠ, ମନ୍ଦିର, ତୀର୍ଥସ୍ଥାନ ସବୁ ଆଡ଼େ ଯିବାର ସୌଭାଗ୍ୟ ପାଇଛି । ବୁଲିବାରେ, ଲୋକସଂପର୍କ ରଖିବାରେ ତାଙ୍କର ଆନନ୍ଦ । ଯଦି ଥରେ କୌଣସି କାର୍ଯ୍ୟ କରିବାକୁ ଚିନ୍ତା କରିଛନ୍ତି, ତାହା ନିଶ୍ଚିତ ଭାବରେ କରିବେ । ତାଙ୍କର କଠୋର ପରିଶ୍ରମ ପାଖରେ ମଥାନତ କରିବାକୁ ପଡ଼େ । ଯେତେକାର୍ଯ୍ୟ ଥିଲେ ବି କିଛି ଲେଖିବାର ଅଭ୍ୟାସ ସେ ଛାଡି ନାହାଁନ୍ତି । ଯେଉଁଆଡ଼େ ଗଲେବି କିଛି ବହି ସାଂଗରେ ଥିବ ଏବଂ ଟିକିଏ ଫୁରୁସତ୍ ମିଳିଲେ ନିଜେ ପଢିବା ସହିତ ଅନ୍ୟକୁ ପଢିବାକୁ ପ୍ରବର୍ତ୍ତାଇବେ ।

ସାଥୀକରଙ୍କର ଜୀବନ ପିଲାଟିଦିନୁ ସଂଘର୍ଷମୟ । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ମଧ୍ୟଦେଇ ନିଜର କଠିନ ଅଧ୍ୟବସାୟ, ଶୃଙ୍ଖଳା ଜ୍ଞାନ ଦ୍ୱାରା ନିଜକୁ ସ୍ୱୟଂ ସଂପୂର୍ଣ୍ଣ କରିଛନ୍ତି, ସେ ଏକାଧାରରେ ଜଣେ ଲେଖକ, ଜଣେ ସ୍ତମ୍ଭକାର, ଏବଂ ଏକ ବିଶିଷ୍ଟ ଶ୍ରମିକନେତା ଭାବେ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇଛନ୍ତି । ସମୟାନୁବର୍ତ୍ତୀତା ସାଥୀ କରଙ୍କ ଏକ ବିଶେଷତ୍ୱ । ଯେଉଁ ସମୟରେ ଯେଉଁଠି ପହଞ୍ଚିବାର କଥା ଦେଇଥିବେ ତା'କୁ ନିଶ୍ଚିତ ଭାବେ ରକ୍ଷାକରିବାକୁ ଚେଷ୍ଟା କରିବେ । ଦୂରଯାତ୍ରା ସମୟରେ ପାଖରେ ବସାଇ ଟିକିନିଖି ସବୁ ବିଷୟରେ ତର୍ଜମା କରି ସଂଗ୍ରାମ ପଥରେ ଶାଣିତ କରାଇବାକୁ ସେ ସର୍ବଦା ଚେଷ୍ଟା କରିଛନ୍ତି । ଦୁଃଖୀ ଲୋକଙ୍କୁ ସାହାଯ୍ୟ କରିବାରେ କେବେ କୁଣ୍ଠିତ ହେବା ମୁଁ ଦେଖିନାହିଁ । ତାଙ୍କରି ସ୍ନେହ ମୋତେ ସମାଜର କିଛି ଲୋକଙ୍କ ପାଖରେ ପରିଚିତ କରାଇଛି ।

Digitized by srujanika@gmail.com

ସବୁରି ଭିତରେ ରାମକୃଷ୍ଣଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ତାଙ୍କ ସଫଳତାର ଅନ୍ୟ ଏକ ଚାବିକାଠି । ଓଡ଼ିଶା ଭଳି ଏକ କ୍ଷୁଦ୍ର ରାଜ୍ୟରୁ ଯାଇ ସର୍ବଭାରତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିବାରେ ରାମକୃଷ୍ଣଙ୍କର ଆଶୀର୍ବାଦ ଯେ ରହିଛି, ଏହା କେହି ଅସ୍ୱୀକାର ନ କଲେ ବି ନିଜ ଅନୁଭୂତିରୁ କହୁଛି । ସଂଗଠନରୁ ବିଦାୟ ନେବାବେଳେ ସଂଗଠନକୁ ମଜବୁତ୍ କରିବାପାଇଁ ତାଙ୍କର ଉପଦେଶ ଆମକୁ ନିଶ୍ଚିତ ଭାବେ ଆଗକୁ ନେବ । ଶ୍ରୀରାମକୃଷ୍ଣ ତାଙ୍କୁ ଦୀର୍ଘାୟୁ କରନ୍ତୁ ଏବଂ ସମାଜସେବା କରିବାରେ ଶକ୍ତି ଦିଅନ୍ତୁ,ଆଜିର ଦିନରେ ଏତିକି ପ୍ରାର୍ଥନା ।

କାନାରା ବ୍ୟାଙ୍କ , କରେନ୍ସିଚେଷ୍ଟ, କଟକ

❖❖

Digitized by srujanika@gmail.com

ସୌରୀବଂଧୁ - ମଣିଷର ବନ୍ଧୁ

ରଞ୍ଜନ ସାହୁ

ଶ୍ରୀ ସୌରୀବଂଧୁ କର ଜଣେ ଅଙ୍ଗୀକାର ବଦ୍ଧ ସାହିତ୍ୟକ । ଶ୍ରୀ ସୌରୀବଂଧୁ କର ଜଣେ ବାଗ୍ମୀ ବକ୍ତା । ଶ୍ରୀ ସୌରୀବଂଧୁ କର ଜଣେ ମାର୍କସବାଦ ଓ ବେଦାନ୍ତ ଚେତନାର ପ୍ରଚାରକ । ସୌରୀବଂଧୁ କର ଜଣେ ଅପ୍ରତିଦ୍ୱନ୍ଦୀ ସଙ୍ଗଠକ । ସୌରୀବଂଧୁ କର ଜଣେ ବିଶିଷ୍ଟ ସ୍ତମ୍ଭକାର ।

ଉପରୋକ୍ତ ବିଶେଷଣ ସବୁ ମୋ ପାଇଁ କିଛି ଅର୍ଥ ରଖେନା । କାରଣ ଏମିତି ଗୁଡାଏ ଓଜସ୍ୱୀ ଶବ୍ଦଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତଙ୍କ ପାଖରେ ଆମେ ବସାଇ ଦେଉ ଆନନ୍ଦିତ ହେବା ପାଇଁ ଏବଂ ଉଦ୍ଦିଷ୍ଟ ବ୍ୟକ୍ତିକୁ ସାମୟିକ ଖୁସି କରାଇବା ପାଇଁ । କିନ୍ତୁ ନିରୋଳାରେ ବସି ତର୍ଜମା କଲେ ଅଥବା ଅନ୍ତର୍ମନକୁ ପ୍ରଶ୍ନକଲେ ଗୋଟିଏ କଥା ସୁସ୍ପଷ୍ଟ ହୁଏ ଯେ ଯଦି କାହାପାଇଁ ଏଭଳି ବିଶେଷଣ ଗୁଡ଼ିଏ ବ୍ୟବହାର କରିବା ପ୍ରାସଙ୍ଗିକ ହେବ, ସେ ହେଉଛନ୍ତି ମହାନ ବ୍ୟକ୍ତିତ୍ୱର ଅଧିକାରୀ ଶ୍ରୀଯୁକ୍ତ ସୌରୀବଂଧୁ କର ।

ତାଙ୍କର ଗଳ୍ପ, ପ୍ରବନ୍ଧ, ଜୀବନୀ, ଭ୍ରମଣ କାହାଣୀ ମୁଁ ଅନେକ ପଢ଼ିଛି । ଅନେକ ଥର ସଭାମଞ୍ଚରେ ତାଙ୍କର ବାଗ୍ମୀତାର ପରିଚୟ ପାଇଛି । ଛୋଟ ବେଳେ ଖଣ୍ଡିତରର (ଯାଜପୁର ଜିଲ୍ଲାସ୍ଥ ଖଣ୍ଡିତର ଗ୍ରାମ) କବାଡି ଖେଳ ପ୍ରାଙ୍ଗଣରେ ତାଙ୍କର ଅନର୍ଗଳ ବକ୍ତୃତା ଶୁଣି ବିହ୍ୱଳିତ ହୋଇଛି । ଲେଖକ ସାମ୍ମୁଖ୍ୟର ବିଭିନ୍ନ ବୈଠକରେ ତାଙ୍କର ସାନ୍ନିଧ୍ୟ ପାଇ ଉଲ୍ଲସିତ ହୋଇଛି । ସତ କହିବାକୁ ଗଲେ ତାଙ୍କର ବହୁମୂଖି ପ୍ରତିଭାର ଏତେ ଗୁଡ଼ିଏ ନିଦର୍ଶନ ମୋତେ ଯେତିକି ବିସ୍ମିତ କରିଛି ତାଙ୍କର ଚିର ହସ ହସ ମୁହଁ, ସଙ୍ଖୋଳି ନେବାର ଅନ୍ତରଙ୍ଗତା, ସ୍ପଷ୍ଟବାଦିତା, ସାଧାରଣ ମଣିଷ ପରି କଥନ ଶୈଳୀ, ସାନ ବଡ ସମସ୍ତଙ୍କ ପ୍ରତି ବିଚାରଧାରାରେ ସମାନତା ତତୋଽଧିକ ଉଦ୍‌ବୁଦ୍ଧ କରିଛି । ଶ୍ରୀ କରଙ୍କର ଅମାୟିକ ପ୍ରକୃତି ବେଳେବେଳେ ମନକୁ ପ୍ରକୃତରେ ଆତ୍ମ ତୃପ୍ତିରେ ଭରିଦିଏ । ଦିନେ ସ୍ୱସ୍ତି ହୋଟେଲରେ ସାହିତ୍ୟ ସମ୍ମେଳନଟିଏ ହେଉଥାଏ । ପୁସ୍ତକ ଉନ୍ମୋଚନ, ପତ୍ରିକା ସଂପାଦନା ଓ ସମକାଳୀନ ସାହିତ୍ୟର ଦୁଃସ୍ଥିତି ଉପରେ ଆଲୋଚନା

Digitized by srujanika@gmail.com

ଚକ୍ରଟିଏ ଥାଏ । ପ୍ରାୟ ଆଠ, ଦଶ ବର୍ଷ ତଳର କଥା । ସଭାକୁ ପୌରହିତ୍ୟ କରୁଥିଲେ ଯଶସ୍ୱୀ ସାହିତ୍ୟିକ ଶ୍ରୀଯୁକ୍ତ ସାତକଡ଼ି ହୋତା । ମୁଁ ପଛରୁ ଗୋଟିଏ ଧାଡି ଛାଡି ଦ୍ୱିତୀୟ ଧାଡିରେ ଯାଇ ବସିଥାଏ । ବସି ପଡି ଚତୁଃପାର୍ଶ୍ୱକୁ ନିରୀକ୍ଷଣ କରୁଥାଏ ଆଉ କେଉଁ କେଉଁ ଚିହ୍ନାମୁହଁ ସବୁ ଅଛନ୍ତି । ଏତିକି ବେଳେ ଅନୁଭବ କଲି ଜଣେ ଦୀର୍ଘାୟତନ ବିଶିଷ୍ଟ ବ୍ୟକ୍ତି ବିଶେଷ ଆସି ମୋ ବାମ ପାର୍ଶ୍ୱସ୍ଥ ଖାଲି ଆସନରେ ଉପବିଷ୍ଟ ହେଲେ । ଅନ୍ୟ ଆଡୁ ମୁହଁ ଫେରାଇ ଚାହିଁଲି ଏବଂ ଆଶ୍ଚର୍ଯ୍ୟ ଚକିତ ହେଲି । ସେ ଥିଲେ ସ୍ୱୟଂ ସୌରୀବଂଧୁ କର । ମୁଁ ଉଠିପଡି ସମ୍ଭ୍ରମରେ ନମସ୍କାର କଲି । ସେ ମୋ ପିଠିରେ ହାତମାରି ବସାଇ ଦେଲେ ଓ ସହର୍ଷ ପଚାରିଲେ " ରଞ୍ଜନ୍ ! ଖବର କ'ଣ ?" ଆଗରେ ଏତେ ଖାଲି ଆସନ ଥାଉ ଥାଉ ସେ କାହିଁକି ଏଠି ସବାପଛରେ ବସିଲେ ମୁଁ ବୁଝିପାରିଲି ନାହିଁ । ମୁଁ ହେଲମେଟ ଟାକୁ କୋଡରେ ଥୋଇ ବକ୍ତୃତା ଶୁଣୁଥାଏ । ସେ ନିଜ ହସ୍ତରେ ସେଇଟିକୁ ନେଇ ଅନ୍ୟ ଗୋଟିଏ ଖାଲିସ୍ଥାନରେ ରଖି କହିଲେ, 'ହେଲମେଟକୁ ଛାଡି ଦିଅ ଦେଖିବ, ବସିବାରେ ସହଜ ଲାଗିବ ।' ବୋଧେ ମୁଁ ଅପ୍ରସ୍ତୁତ ଅସହଜ ବୋଧ କରୁଛି ବୋଲି ସେ ଅନୁମାନ କରିସାରିଥିଲେ । କ୍ଷଣକ ପରେ ଶ୍ରୀ ହୋତା ମହାଶୟ ପାଖକୁ ଆସି କହିଲେ, 'ପଛରେ କ'ଣ ? ଆଗକୁ ଆସନ୍ତୁ ।" ମୁଁ ଭାବିଲି , ସେ ଉଠି ଯିବେ । ମାତ୍ର ଉଠିନଯାଇ ଉତ୍ତର ଦେଲେ, ନାଁ, ଥାଉ ରଞ୍ଜନ ଅଛନ୍ତି । ମୁଁ ଏଠି ବସୁଛି" ।

ତାଙ୍କର ମହାନୁଭବତା, ସୌହାର୍ଦ୍ଦ ଓ ସହୃଦୟତାର ପରାକାଷ୍ଠା କେତେ ବ୍ୟାପ୍ତ ଏଥିରୁ ଅନୁମେୟ । କର୍ମଜଞ୍ଜାଳ ମଧ୍ୟରେ କେତେବେଳେ କେମିତି ତାଙ୍କୁ ପାଖରେ ପାଇବାର ସୁଯୋଗ ପାଇଲେ ସମୟ କେତେବେଳେ ଚାଲିଯାଏ ବୁଝିହୁଏ ନାହିଁ । ଗପୁଥିବା ବେଳେ ଆଦୌ ମନେହୁଏ ନାହିଁ ମୁଁ ଜଣେ ଓଡ଼ିଶାର ବରେଣ୍ୟ ବ୍ୟକ୍ତିଙ୍କ ସହ ଆଳାପରତ ବୋଲି । ହସ ହସ ମୁହଁରେ ଅତି ବଡ ବଡ କଥାକୁ ସେ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରି ପକାନ୍ତି । ସେ ମୁହୂର୍ତ୍ତରେ କଥା ଗୁଡିକର ଗୁରୁତ୍ୱ ଯଦିଓ ବୋଧ ହୁଏ ନାହିଁ ପଛରେ କିନ୍ତୁ ଚିନ୍ତା କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡେ ।

ଶ୍ରୀ କରଙ୍କ ସହ ମୋର ପରିଚୟ ଅନେକ ଦିନର । ପରିଚୟ ପରେ ତାଙ୍କର ମହାନୁଭବତାର ଦୃଷ୍ଟାନ୍ତ ମୁଁ ଅନେକ କ୍ଷେତ୍ରରେ ପାଇଛି । ସମୟକ୍ରମେ ତାଙ୍କର ଦୁଇଟି ଉପାଦେୟ ପୁସ୍ତକ ଆମୂଳଚୂଳ ଅଧ୍ୟୟନ କରିବାର ସୁଯୋଗ ପାଉଛି । ଗାନ୍ଧିଜୀଙ୍କ ଉପରେ ଲିଖିତ ପୁସ୍ତକ "ଗାନ୍ଧି ବିଚାର ଧାରା" ଓ ମହାମନୀଷୀ ବିବେକାନନ୍ଦଙ୍କ ଉପରେ ଲିଖିତ ନିବନ୍ଧ ବିବେକାନନ୍ଦ ବିଚାରଧାରା ମୋତେ ଅଭିଭୂତି କଲା ।

Digitized by srujanika@gmail.com

ବିବେକାନନ୍ଦ ବିଚାରଧାରା ପୁସ୍ତକଟି ବାସ୍ତବିକ ପ୍ରତ୍ୟେକ ଓଡ଼ିଆଙ୍କ ନିମନ୍ତେ ଗୋଟିଏ ସଂଗ୍ରହଣୀୟ ପୁସ୍ତକ । ଏଥିରେ ସାଧାରଣ ମଣିଷର ଦୈନନ୍ଦିନ ସମସ୍ୟାକୁ ସମାଧାନ କରିବାର ଅନେକ ମୂଳମନ୍ତ୍ର ସନ୍ନିବେଶିତ ହୋଇଛି । ସଂହତି ଓ ସମନ୍ୱୟର ଭାବ ମଣିଷକୁ ଏକତ୍ରିତ ରଖିବା ସହ କେମିତି ସମଗ୍ର ମାନବଜାତିକୁ ଧ୍ୱଂସ ମୁଖରୁ ରକ୍ଷା କରି ପାରିବ- ତା' ଉପରେ ବିଶଦ ଆଲୋଚନା ହୋଇଛି ।

ଶେଷରେ ଭକ୍ତିଭାବନେଷ୍ଟୁ ଶ୍ରୀଯୁକ୍ତ ଗୌରୀବଂଧୁ କରଙ୍କ ଉପରେ ପ୍ରକାଶ ପାଉଥିବା ଅଭିନନ୍ଦନିକା ପୁସ୍ତକରେ ଲେଖିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ କୃତାର୍ଥ ମନେକରୁଛି ।

ଏଲ୍ : ପି - ୮୬, ଷ୍ଟେଜ-୦୧,
ଲକ୍ଷ୍ମୀସାଗର କଲୋନୀ, ଭୁବନେଶ୍ୱର

❖❖

Digitized by srujanika@gmail.com

ସାଥୀ ସୌରୀବଂଧୁ କରଙ୍କୁ ସଶ୍ରଦ୍ଧ ଅଭିନନ୍ଦନ

କିଶୋର ଜେନା

ସାଥୀ ସୌରୀବଂଧୁକରଙ୍କର ସହ ମୋର ପ୍ରତ୍ୟକ୍ଷ ସଂପର୍କ ୧୯୮୦ ମସିହାରେ । ସେ କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର । ସଂପାଦକ ନିର୍ବାଚିତ ହେବା ପରେ ସେହି ବର୍ଷ ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ଉପସଭାପତି ରୂପେ ନିର୍ବାଚିତ ହୋଇଥିଲେ । ତାଙ୍କ ନାମ ମୁଁ ପ୍ରସ୍ତାବ କରିଥିଲି ଏ.ଓ.ବି.ଇ.ଏର ବିଦାୟୀ କାର୍ଯ୍ୟକାରୀ କମିଟି ନିକଟରେ ପାନେଲରେ ନାମ ରଖିବାକୁ । ସେ ସମୟର ସାଂଗଠନିକ ପରିସ୍ଥିତି ଓ ଭାରତବର୍ଷର ସର୍ବବୃହତ୍ତ ଓ ପୁରାତନ ବ୍ୟାଙ୍କ କର୍ମଚାରୀ ସଂଗଂନ ଏ.ଆଇ.ବି.ଇ.ଏକୁ ରାଜନୈତିକ ଉଦେଶ୍ୟ ରଖି ବିଭାଜନ କରିବା ପାଇଁ ଚାଲିଥିବା ଉଦ୍ୟମ ପରିପ୍ରେକ୍ଷୀରେ କମିଟିର କିଛି ସାଥୀ କମ୍ରେଡ଼ କରଙ୍କୁ କର୍ମକର୍ତ୍ତା ରୂପେ ଗ୍ରହଣ କରିବାରେ ସଂଶୟ ପ୍ରକାଶ କରିଥିଲେ । କିନ୍ତୁ ମୁଁ ସେତେବେଳେ ବିଦାୟୀ କାର୍ଯ୍ୟକାରୀ କମିଟିକୁ ପ୍ରଭାବିତ କରି କହିଥିଲି ସାଥୀ ସୌରୀବଂଧୁ କରଙ୍କର ନେତୃତ୍ୱ ଦେବାରେ ଦକ୍ଷତା ରହିଛି ଏବଂ ସଂଗଠନ ଆହୁରି ଦୃଢହେବ । ଏହା ମଧ୍ୟ ସେ ପ୍ରମାଣିତ କରିଛନ୍ତି । ଏବଂ ଆହୁରି ଆଗକୁ ଯାଇ ଓଡ଼ିଶାର ଶ୍ରମିକ ଶ୍ରେଣୀର ମଧ୍ୟ ନେତୃତ୍ୱ ନେଇ ପାରିଛନ୍ତି । କରବାବୁ ଜଣେ ଲେଖକ ଓ ଆଧାତ୍ମିକବାଦୀ ରୂପେ ମଧ୍ୟ ପରିଚିତ । ରାମକୃଷ୍ଣ ମିଶନର ଜଣେ ଅନୁରକ୍ତ ସଭ୍ୟ କେବଳ ନୁହଁନ୍ତି ବରଂ ଏହାର ବିଭିନ୍ନ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନେଉଥିଲେ, ଏବେ ମଧ୍ୟ ନେଉଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମାର୍କସ୍‌ବାଦ ଦର୍ଶନ ଏବଂ ଚିନ୍ତାଧାରାକୁ ସେ ଗ୍ରହଣ କରିଛନ୍ତି ଏବଂ ତଦନୁଯାୟୀ ମଧ୍ୟ କାର୍ଯ୍ୟ କରୁଛନ୍ତି । ୧୯୮୫ ନଭେମ୍ବର ମାସରେ କଟକ ଠାରେ ଅଖିଳ ଭାରତ ବ୍ୟାଙ୍କ କର୍ମଚାରୀ ଆସୋସିଏସନର କେନ୍ଦ୍ରୀୟ କମିଟିର ବୈଠକ ଅନୁଷ୍ଠିତ ହେଉଥାଏ । ସେହି ସମୟରେ କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ସର୍ବଭାରତୀୟ ସାଧାରଣ ସଂପାଦକ ସାଥୀ ୟୁ ଶ୍ରୀ ପତି ରାଓ

Digitized by srujanika@gmail.com

କଟକ ଆସିଥାଆନ୍ତି । କରବାବୁଙ୍କୁ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହେବାକୁ ସିଧାସଳଖ ଅନୁରୋଧ କରିବାକୁ କାହିଁକି ମୋ ମନରେ ସଂଶୟ ଆସୁଥାଏ, ମାତ୍ର ୫ ବର୍ଷର ସାଂଗଠନିକ ସଂପର୍କ । କାଳେ ଖରାପ ଭାବିବେ, ସଂଗଠନ ଉପରେ ପ୍ରତିକୂଳ ପ୍ରଭାବ ପକାଇ ପାରେ, କାରଣ ଏ. ଆଇ .ବି. ଇ ଏ କମ୍ୟୁନିଷ୍ଟ ପାର୍ଟିର ଛାମୁଆଁ ସଂଗଠନ ନୁହେଁ । ଏ.ଆଇବିଇଏରେ ବିଭିନ୍ନ ରାଜନୈତିକ ଓ ଅଣ ରାଜନୈତିକ ବ୍ୟକ୍ତି ରହିଛନ୍ତି କିନ୍ତୁ ସମସ୍ତ ଏ.ଆଇବିଇ.ଏର ଆଦର୍ଶରେ ବିଶ୍ୱାସୀ ଓ ପ୍ରଗତିଶୀଳ ସମାଜବାଦୀ ଚିନ୍ତାଧାରାକୁ ଗ୍ରହଣ କରିଛନ୍ତି । ମୁଁ କମ୍ରେଡ ଶ୍ରୀପତିରାଓଙ୍କୁ କରବାବୁଙ୍କ ଉପସ୍ଥିତିରେ କହିଲି କମ୍ରେଡ଼ କରଙ୍କୁ ପାର୍ଟିର ସଭ୍ୟ ହେବାକୁ କହୁ ନାହାଁନ୍ତି କାହିଁକି ? ଶ୍ରୀପତିରାଓଙ୍କ କହିବା ପୂର୍ବରୁ କରବାବୁ କହିଲେ କାହିଁ ମୁଁ ତ କେବେ ମନାକରିନାହିଁ ପାର୍ଟି ସଭ୍ୟ ହେବାକୁ ।" ସାଙ୍ଗେ ସାଙ୍ଗେ କରବାବୁଙ୍କୁ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ପଦ ଆବେଦନ ଫର୍ମ ମୁଁ ତାଙ୍କଠାରୁ ଗ୍ରହଣ କରିଥିଲି । ସେହିଦିନଠାରୁ ସାଥୀ ସୌରୀବଂଧୁକର କମ୍ୟୁନିଷ୍ଟ ପାର୍ଟିର ଜଣେ ଶୃଙ୍ଖଳିତ ସଭ୍ୟ ରୂପେ ପାର୍ଟିର ସମସ୍ତ ଦାୟିତ୍ୱ ଏପରିକି ୧୯୮୯ ମସିହାରେ ସାଥୀ ଲୋକନାଥ ଚୌଧୁରୀଙ୍କ ସଂସଦ ନିର୍ବାଚନ ସମୟରେ ଏକାକୀ ଗୋବିନ୍ଦପୁରରେ ରହି ନିର୍ବାଚନ ପ୍ରଚାର ଦାୟିତ୍ୱକୁ ନିସଙ୍କୋଚରେ ଗ୍ରହଣ କରିଥିଲେ । ବ୍ୟାଙ୍କ ସମ୍ମୁଖରେ ପାର୍ଟିର ଅନେକ ସଭ୍ୟ ଏପରିକି ତାଙ୍କଠାରୁ ପୁରୁଣା ଏବଂ ନେତୃତ୍ୱକାରୀ ଭୂମିକାରେ ରହିଛନ୍ତି କିନ୍ତୁ ପାର୍ଟି କାମ କରିବାରେ କେତେକଙ୍କର ମଧ୍ୟରେ ଦ୍ୱିଧା ଦେଖିଛି । ତାଙ୍କଠାରେ ଏହା କେବେ ଦେଖିନାହିଁ । ତାଙ୍କର ପାର୍ଟି ପ୍ରତି ଏହି ନିଷ୍ଠା ଯୋଗୁଁ ସେ ରାଜ୍ୟ ପାର୍ଟିର ସଂପାଦକ ମଣ୍ଡଳୀ ସଭ୍ୟ ମଧ୍ୟ ହୋଇପାରିଥିଲେ ।

ପରବର୍ତ୍ତୀ କାଳରେ କେବଳ ସେ ନିଜକୁ ବ୍ୟାଙ୍କ କର୍ମଚାରୀ ସଂଗଠନ ମଧ୍ୟରେ ସୀମାବଦ୍ଧ ରଖିନଥିଲେ । ଅସଂଗଠିତ ଶ୍ରମିକଙ୍କୁ ସଂଗଠିତ କରିବାର ଦାୟିତ୍ୱ ମଧ୍ୟ ନେଇଥିଲେ । ଅବଶ୍ୟ ଏଥିପାଇଁ ଓଡ଼ିଶାର ଶ୍ରମିକ ଆନ୍ଦୋଳନର ଭୀଷ୍ମ ପିତାମହ ସ୍ୱଗତଃ ଦୁର୍ଗାଚରଣ ମହାନ୍ତିଙ୍କ ପ୍ରେରଣାରେ କୁଲି ମଜଦୁର ମାନଙ୍କ ସଙ୍ଗଠନ ଦାୟିତ୍ୱ ନେବାକୁ ଆଗେଇ ଆସିଥିଲେ । ମଧ୍ୟବିତ୍ତ କର୍ମଚାରୀ ସଂଗଠନ ବିଶେଷ କରି ବ୍ୟାଙ୍କ କର୍ମଚାରୀ ସଂଗଠନ ଯାହାକି ଏବେ ଏକ ପ୍ରତିଷ୍ଠିତ ଏବଂ ମାନ୍ୟତା ପ୍ରାପ୍ତ ସଂଗଠନ ଏହାର ନେତୃତ୍ୱ ନେଇ କାର୍ଯ୍ୟ କରିବା ଏବଂ କୁଲି ମଜଦୂରଙ୍କ ସଂଗଠନର ନେତୃତ୍ୱ ନେଇ କାର୍ଯ୍ୟ କରିବା ଦୁରୁହ ବ୍ୟାପାର । ଭାରତ ବର୍ଷରେ କତିପୟ ବ୍ୟାଙ୍କ କର୍ମଚାରୀ ନେତାଙ୍କୁ ଛାଡିଦେଲେ ଏପରିକି ଯେଉଁଠି ଟ୍ରେଡୟୁନିୟନ ଆନ୍ଦୋଳନ ଅତ୍ୟନ୍ତ ସବଳ ସେଠାରେ ମଧ୍ୟ ବ୍ୟାଙ୍କ କର୍ମଚାରୀ ନେତାମାନେ ସାଧାରଣତଃ ନିଜସ୍ୱ ବ୍ୟାଙ୍କ

Digitized by srujanika@gmail.com

କର୍ମଚାରୀ ସଂଗଠନ ମଧ୍ୟରେ ସୀମିତ ରହିଛନ୍ତି । ଓଡ଼ିଶାଭଳି ରାଜ୍ୟରେ ଶ୍ରମିକ ସଂଗଠନର ଦାୟିତ୍ୱ ନେଇ ଚଳାଇବା କଷ୍ଟକର କଥା । କିନ୍ତୁ କମ୍ରେଡ୍ କର ଏ.ଆଇ.ଟି.ୟୁ.ସି.ର ଭୁବନେଶ୍ୱର ଶିକ୍ଷାଞ୍ଚଳରେ ଥିବା ୟୁନିୟନ ମାନଙ୍କର ଦାୟିତ୍ୱ ନେଇ ଏବେ ରାଜ୍ୟର ସାଧାରଣ ସଂପାଦକ ଓ କେନ୍ଦ୍ରୀୟ କମିଟି ସଭ୍ୟ ।

ସାହିତ୍ୟ ସଭା, ଲେଖାଲେଖି, ରାମକୃଷ୍ଣ ମିଶନ, କାନାରା ବ୍ୟାଙ୍କ କର୍ମଚାରୀ ସଂଘ, ଏ ଓ ବି ଇଏ , ଏ. ଆଇ.ଟି.ୟୁ.ସି. କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକ୍ରମ ଏପରିକି ନିଜ ଜନ୍ମସ୍ଥାନରେ ରଜପର୍ବର କବାଡି ପ୍ରତିଯୋଗିତା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ, ଏତେ ଦାୟିତ୍ୱ ତୁଲାଇବା ଜଣଙ୍କ ପକ୍ଷରେ କମ୍ କଥା ନୁହେଁ । ବହୁ ସମୟରେ ମୁଁ ଆଶ୍ଚର୍ଯ୍ୟହୁଏ କରବାବୁ କିପରି ଏହା କରି ପାରୁଛନ୍ତି । ମୁଁ ଥରେ ପ୍ରଶ୍ନ କରିଥିଲି, "କିପରି ଏତେ ଦାୟିତ୍ୱ ମଧ୍ୟରେ ଲେଖା ଲେଖି ସମ୍ଭବ ହେଉଛି । ସେ ଉତ୍ତର ଦେଲେ, ମନ ଓ ଇଚ୍ଛାଥିଲେ ସବୁ କିଛି କରିହେବ ଏବଂ ଘରେଥିଲାବେଳେ ନିଶ୍ଚିତଭାବେ ରାତିରେ ଶୋଇବା ପୂର୍ବରୁ ଏକ ଘଣ୍ଟା ଲେଖିବି ଏବଂ ପଢ଼ିବି ।

କରବାବୁ କୌଣସି ବ୍ୟାଙ୍କ ଭିତରେ ପଶିଲେ କିଛି ସାଥୀ ଟିପ୍ପଣି କରନ୍ତି କରବାବୁ ଆସିଲେଣି ତାଙ୍କ ଝୁଲା ବ୍ୟାଗ୍ ଧରି । କରବାବୁ ଏ.ଓ.ବି.ଇ.ଏ , ଏ.ଆଇ.ଟି.ୟୁ.ସି. , କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକ୍ରମ ପାଇଁ ଚାନ୍ଦା ମାଗନ୍ତି ସାଥୀ ମାନଙ୍କୁ ବିନା ସଙ୍କୋଚରେ । ଯେକୌଣସି ସାଂଗଠନିକ କାର୍ଯ୍ୟପାଇଁ ଏଥିର ଆବଶ୍ୟକତା ରହିଛି । ଆମ ସାଥୀମାନେ ସିଗାରେଟ ଫୁଙ୍କା, ଚା ପିଆ ଓ ଅନ୍ୟାନ୍ୟ ଖର୍ଚ୍ଚ କରନ୍ତି । କିନ୍ତୁ ସାଂଗଠନିକ କାର୍ଯ୍ୟ ପାଇଁ ଚାନ୍ଦା ମାଗିଲେ କୁନ୍ତୁ କୁନ୍ତୁ ହୁଅନ୍ତି । କରବାବୁ ଚାନ୍ଦା ନିଜପାଇଁ ଆଦାୟ କରନ୍ତି ନାହିଁ, କରନ୍ତି ସଂଗଠନ ପାଇଁ ଏବଂ ସଂଗଠନରେ ସଦାବେଳିଆ କାମ କରୁଥିବା ସାଥୀ ଯେଉଁମାନେ ସେମାନଙ୍କର ସମସ୍ତ ସମୟ ସଂଗଠନ ପାଇଁ ଦେଉଛନ୍ତି ଏବଂ ଅନ୍ୟକିଛି ଉପାର୍ଜ୍ଜନ ନାହିଁ ସେମାନଙ୍କ ପାଇଁ ।

ଭୁବନେଶ୍ୱରରେ କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ନିଜସ୍ୱଗୃହ, ଓଡ଼ିଶାର ବିଶିଷ୍ଟ ନେତା ମହାଯୋଗୀ ସ୍ୱର୍ଗତଃ ପ୍ରସନ କୁମାର ପଣ୍ଡାଙ୍କ ନାମରେ ନାମିତ 'ପ୍ରସନ୍ନ ଭବନ' କେବଳ ସାଥୀ ସୌରୀବଂଧୁ କରଙ୍କ ନିଜସ୍ୱ ଐକାନ୍ତିକ ଉଦ୍ୟମରେ ହୋଇ ପାରିଛି । ଏହି ପ୍ରସନ୍ନ ଭବନରେ କେବଳ କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ନୁହେଁ, ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ଏ.ଓ.ବି.ଇ.ଏ ମଧ କାର୍ଯ୍ୟ କରୁଛି । ଏହା ମଧ ଓଡ଼ିଶାର ଶ୍ରମିକ କର୍ମଚାରୀ ଓ ପ୍ରଗତିଶୀଳ ସାହିତ୍ୟିକ ମାନଙ୍କର ମଧ ମିଳନୀସ୍ଥଳ ରୂପେ କାର୍ଯ୍ୟ କରୁଛି ।

Digitized by srujanika@gmail.com

ସାଥୀ ସୌରୀବଂଧୁକର ବ୍ୟାଙ୍କରୁ ଅବସର ନେଉଛନ୍ତି । ବଂଧନ ଓ ଦାସତ୍ୱରୁ ସମ୍ପୂର୍ଣ୍ଣ ମୁକ୍ତ ବର୍ତ୍ତମାନ । ଓଡ଼ିଶାର ଶ୍ରମିକ କର୍ମଚାରୀ ଆନ୍ଦୋଳନ ଓ ପ୍ରଗତିଶୀଳ ସାହିତ୍ୟ କୃତିରେ ନିଜକୁ ଅଧିକ ଭାବେ ନିୟୋଜିତ କରିବା ପାଇଁ ଆହୁରି ସମୟ ପାଇବେ। ଏହି ଆଶାସହ ମୋର ସଶ୍ରଦ୍ଧ ଅଭିନନ୍ଦନ ତାଙ୍କୁ ଜଣାଉଛି ।

ସଂଗଠନ·ସମ୍ପାଦକ
ଅଖିଳ ଭାରତ ବ୍ୟାଙ୍କ ଅଫିସର ସଂଘ
ଓଡ଼ିଶା ରାଜ୍ୟ କମିଟି

Digitized by srujanika@gmail.com

ଶ୍ରମିକ ସେନାପତି ସୌରୀବଂଧୁ

ବେଣୁଧର ସାମନ୍ତ

ପ୍ରତିଭା ଈଶ୍ୱର ଦତ୍ତ କିନ୍ତୁ ଦକ୍ଷତା ମାନବକୃତ । ପରିଶ୍ରମ ଓ ପ୍ରଚେଷ୍ଟା ପ୍ରତିଭା ବିକଶିତ କରେ ଏବଂ ଦକ୍ଷତା ପ୍ରତିପାଦନ କରାଏ । ଶ୍ରୀଯୁକ୍ତ ସୌରୀବଂଧୁ କର, ମାନବୀୟ ଶକ୍ତିର ସମ୍ୟକ ଉପଯୋଗ କରି ଜଣେ ସୁଦକ୍ଷ ଶ୍ରମିକ ନେତା ହୋଇ ପାରିଛନ୍ତି ।

ଅନେକ ବର୍ଷତଳେ ଶ୍ରୀଯୁକ୍ତ କର ଭୁବନେଶ୍ୱର ଆସି ଜଣେ ସ୍ୱଳ୍ପ ବେତନ ଭୋଗୀ ଶ୍ରମିକ ଭାବେ ନିଜର ସଂଗ୍ରାମୀ ଜୀବନ ଆରମ୍ଭ କରିଥିଲେ । କାନାରାବ୍ୟାଙ୍କରେ ଚାକିରି କରିବା ପରେ ସେ ବ୍ୟାଙ୍କ ଶ୍ରମିକ ସଂଗଠନ ଏ.ଆଇ. ବି.ଇ.ଏ. ଓ ସିବିଇୟୁର ଅଭିବୃଦ୍ଧିରେ ଅଗ୍ରଣୀ ଭୂମିକା ଗ୍ରହଣ କଲେ । ଏଯାବତ୍ ତାଙ୍କର ସଂଗ୍ରାମୀ ପ୍ରୟାସ ଚଳବନ୍ତର ରହିଛି । ତାଙ୍କ ଅପ୍ରତିଦ୍ୱନ୍ଦୀ ନେତୃତ୍ୱ ଓ ଉତ୍ସର୍ଗୀକୃତ କର୍ମଦକ୍ଷତାକୁ - ସହିଷ୍ଣୁ ଅଥବା ଅସହିଷ୍ଣୁ - କେହି ଅସ୍ୱୀକାର କରିପାରିବ ନାହିଁ । ପୂର୍ବପ୍ରାନ୍ତ ଓଡ଼ିଶା ପଟ୍ଟ ଭୂମିରେ, ସେ ଜଣେ ସଫଳ "ଶ୍ରମିକ ସେନାପତି", ଏହା ନିଃସନ୍ଦେହ କୁହାଯାଇପାରେ ।

ଓଡ଼ିଶାର ବୃହତ୍ତ ବ୍ୟାଙ୍କ କର୍ମଚାରୀ ସଂଗଠନ ଏଓବିଇଏ ଏବଂ ସର୍ବ ଭାରତୀୟ ଶ୍ରମିକ ସଂଗଠନ ଏ ଆଇ.ଟି.ୟୁ.ସି.ର ନେତୃତ୍ୱ ତାଙ୍କ ନିରବଚ୍ଛିନ୍ନ ପରିଶ୍ରମ ଓ ପ୍ରଚେଷ୍ଟାର ସଫଳ ରୂପାୟନ ।

ଶ୍ରମିକ ଶ୍ରେଣୀର ଦାବୀ ଓ ଅଭାବ ଅସୁବିଧା ନେଇ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାରେ ସେ ଜଣେ ସିଦ୍ଧହସ୍ତ ମିମାଂସାକାରୀ (Negotiator), ଏପରି ଜଣେ ଦକ୍ଷ ଶ୍ରମିକ ମାଲିକ ପ୍ରିୟ ନେତା ସହଜରେ ଦେଖିବାକୁ ମିଳନ୍ତି ନାହିଁ । ଆମେ ତାଙ୍କ ଉତ୍ସର୍ଗୀକୃତ ଜୀବନକୁ ନିକଟରୁ ଦେଖିବାର ସୁଯୋଗ ପାଇଛୁ । କଥା ଓ କାର୍ଯ୍ୟର ସମନ୍ୱୟ ତାଙ୍କ ବଳିଷ୍ଠ ଚରିତ୍ରର ଏକ ବିଶେଷତ୍ୱ । କୌଣସି ଶ୍ରମିକକୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସେ କେବେ ତାକୁ ନିରାଶ କରିନାହାଁନ୍ତି । ନିଜ ସଂଗଠନ ବାହାରେ

Digitized by srujanika@gmail.com

ମଧ୍ଧ ସେ ଏହି ନୀତି ଅନୁସରଣ କରନ୍ତି । ବ୍ୟକ୍ତିଗତ ଆକ୍ରୋଶ କେବେ ତାଙ୍କ କାର୍ଯ୍ୟ ଶୈଳୀର ଅନ୍ତରାୟ ସୃଷ୍ଟି କରିନାହିଁ । କିମ୍ବା ତାଙ୍କ କର୍ତ୍ତବ୍ୟନିଷ୍ଠତାକୁ ପ୍ରଭାବିତ କରିନାହିଁ । ସେଥିପାଇଁ ସେ କର୍ମଚାରୀ ଓ ଅଫିସର ସଂଘ ମାନଙ୍କର ଶ୍ରଦ୍ଧା ଭାଜନ ହୋଇ ପାରିଛନ୍ତି । ସମୟ ସମୟରେ କଟୁ ସମାଲୋଚନା ଓ ତିରସ୍କାରର ସମ୍ମୁଖୀନ ହୋଇ ମଧ୍ଧ ସେ ଯେପରି ସ୍ଥିତପ୍ରଜ୍ଞ ଆଚରଣ କରନ୍ତି ଓ କର୍ମନିଷ୍ଠ ହୋଇ ରହିପାରନ୍ତି ତାହା ମୋତେ ଅନୁପ୍ରାଣିତ କରିଛି ।

ସେ ରାମକୃଷ୍ଣ ମଠ ଓ ବିବେକାନନ୍ଦ ଧର୍ମ ଦର୍ଶନ ସହିତ ଅବିଚ୍ଛିନ୍ନ ଭାବେ ଜଡିତ । ଏହା ତାଙ୍କ ଜୀବନକୁ ବୌଦ୍ଧିକ ଚେତନାର ମାର୍ଗଦର୍ଶନ କରାଉଛି । ବିବେକାନନ୍ଦ ଜୀବନୀ ଓ ଦର୍ଶନ ଉପରେ ଶ୍ରୀଯୁକ୍ତ କରଙ୍କ କେତୋଟି ଓଡ଼ିଆ ରଚନାବଳୀ ପ୍ରଣିଧାନ ଯୋଗ୍ୟ ।

ତାଙ୍କ ବହୁମୁଖୀ ଉଦ୍‌ଯୋଗର ଅନ୍ୟଏକ ଅଭିନନ୍ଦନୀୟ ଦିଗ- ସାହିତ୍ୟ । ସେ ଅନେକ ଅନୁବାଦ, ଗଳ୍ପ ପୁସ୍ତକ ଓ ସମାଲୋଚନା ପୁସ୍ତକ ରଚନା କରିଛନ୍ତି ଏବଂ ଏହା ତାଙ୍କୁ ଜଣେ ଓଡ଼ିଆ ସାହିତ୍ୟକର ସମ୍ମାନ ଦେଇଛି ।

ଶ୍ରମିକନେତା ଶ୍ରୀଯୁକ୍ତ କର ଜଣେ ଓଜସ୍ୱୀନୀ ବକ୍ତା । ତାଙ୍କ ଭାଷଣର ସରଳ ସାବଲୀଳତା ଶ୍ରମିକ ମାନଙ୍କୁ ଆକର୍ଷିତ କରେ । ତାଙ୍କ ସଂଗଠନିକ ଶକ୍ତିକୁ ପ୍ରଶଂସା ନକରି ରହିହେବ ନାହିଁ । ଆଜିର କର୍ମଜଂଜାଳ ସଂସାରରେ ଶ୍ରମିକ ସଭା ଓ ସାହିତ୍ୟ ଆସରରେ କତିପୟ ଶ୍ରୋତାଙ୍କ ଉପସ୍ଥିତି କର୍ମକର୍ତ୍ତାଙ୍କ ଉତ୍ସାହ ଭାଂଗିଦିଏ କିନ୍ତୁ ଶ୍ରୀଯୁକ୍ତ କରଙ୍କ ସାଂଗଠନିକ ଶୈଳୀ ଆଶା ସଂଚାର କରେ । ପ୍ରତ୍ୟେକ ସଭା ସମିତିକୁ ଶ୍ରୋତା ପରିପୂର୍ଣ୍ଣ ଓ ସାଫଲ୍ୟ ମଣ୍ଡିତ କରାଇବା ପାଇଁ ସେ ଆପ୍ରାଣ ଉଦ୍ୟମ କରିଥାଆନ୍ତି । ସେ ଜଣେ ସଫଳ ପ୍ରାୟୋଜକ ।

କାନାରାବ୍ୟାଙ୍କ କର୍ମଚାରୀ ମାନଙ୍କୁ ସେ ଏକ ସୁଦୃଢ ନେତୃତ୍ୱ ଦେଇ ଆସିଛନ୍ତି । ସେ ବ୍ୟାଙ୍କରୁ ଅବସର ଗ୍ରହଣ କଲେ ସେମାନେ ଅବଶ୍ୟ ତାଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ସାହାଯ୍ୟ ସହାନୁଭୂତିର ଅଭାବ ଅନୁଭବ କରିବେ । କିନ୍ତୁ ସେ ଏକ ବୃହତ୍ତର ଶ୍ରମିକ ସଂଗଠନ ଏ ଆଇ ଟି.ୟୁ.ସିର ନେତୃତ୍ୱ ନେଉଥିବାରୁ ଶ୍ରମିକର ଦୁଃଖ , ଦୈନ୍ୟ , ସମସ୍ୟା ଓ ଦାବୀ ସହିତ ଜଡିତ ହୋଇ ରହିବେ । ସେ ଏହି ବୃହତ୍ତର ସ୍ୱାର୍ଥରେ ସାମିଲ ହୋଇ ରହିବା ସ୍ୱାଗତଯୋଗ୍ୟ ।

ଆଦର୍ଶ ଦୃଷ୍ଟିକୋଣରୁ ହେଉ କିମ୍ବା ଏକ ଖିଆଲି ଭାବହେଉ, ଅନ୍ୟମାନଙ୍କ ପାଇଁ କାର୍ଯ୍ୟରତ ମଣିଷଟିଏ କିଛି ହରାଇ ବସେ। ତାକୁ ପାରିବାରିକ ସୁଖ ବଳି ଦେବାକୁ

Digitized by srujanika@gmail.com

ପଡେ । ନିଜେ ବୃତ୍ତିଗତ ପଦୋନ୍ନତିରୁ ବଂଚିତହୁଏ । ଏପରିକି ସନ୍ତାନ ସଂତତି ମାନଙ୍କ ଉନ୍ନତି ପଥରେ ବାଧା ସୃଷ୍ଟିହୁଏ । ଏମିତିକିଛି ହରାଇବାକୁ ଆମେ ତ୍ୟାଗ କହୁଁ । ଏହି ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ କରଙ୍କ ଶ୍ରମିକ, ଦଳିତ, ଦରିଦ୍ର ପ୍ରୀତି ଜନିତ ତ୍ୟାଗକୁ ଆମେ ଶ୍ରଦ୍ଧା ଓ୍ ସମ୍ମାନ ଜଣାଉଛୁ ।

ବୃତ୍ତିରୁ ଅବ୍ୟାହତି ଶ୍ରୀଯୁକ୍ତ ସୌରୀବଂଧୁ କରଙ୍କ କର୍ମମୟ ଜୀବନ ପଥର ମୋଡଟିଏ । ସେହି ଅବସରରେ ତାଙ୍କ ସୁଖ, ଶାନ୍ତି ଭରା ସୁସ୍ଥ ଦୀର୍ଘ ଜୀବନ କାମନା କରୁଛୁ ।

କର୍ମକ୍ଷେତ୍ରରେ ଦ୍ୱିତୀୟ ବାରି (Second Innings) ପାଇଁ ଅନେକ ଶ୍ରଦ୍ଧା ଓ ସଦିଚ୍ଛା ରହିଲା ।

❖❖

Digitized by srujanika@gmail.com

ନିଆରା କର୍ମକାର : ସୌରୀବଂଧୁ କର

ଦାଶ ବେନହୁର

ସୌରୀବଂଧୁ କର ଜଣେ ନିଆରା ମଣିଷ ।

ନିଆରା ମଣିଷ କିଏ, ସେ କଥା ବୁଝାଇ କହିବା ଦରକାର । ନିଆରା ମଣିଷଟି ସାଧାରଣ ମଣିଷଠାରୁ ଅଲଗା । ସାଧାରଣ ଜୀବନର ସୁଖ ଦୁଃଖ, ଭଲମନ୍ଦ, ଲାଭକ୍ଷତି, ମୋର ତୋର ଓ ଆଜିକାଲିର ହିସାବ ନିକାଶରେ ଦିନ ବିତାଉଥିବା ମଣିଷଟିଏ ଜଣେ ସାଧାରଣ ମଣିଷ ଭାବରେ ଜଣା । କିନ୍ତୁ ଯେଉଁଲୋକ ସେ ଭଳି ହିସାବ ନିକାଶର ଧାରାନୁକ୍ରମିକ ଜୀବନ ଗୁଳାରେ ବାଟ ଚାଲୁନାହିଁ ସେ ଜଣେ ଭିନ୍ନ ମଣିଷ, ଅନ୍ୟ ଅର୍ଥରେ ନିଆରା ମଣିଷ ।

ବୃତ୍ତିରେ ବ୍ୟାଙ୍କ କର୍ମଚାରୀ, ଉପାସନାରେ ଠାକୁର ରାମକୃଷ୍ଣ ପରମହଂସ ପନ୍ଥୀ, ରାଜନୈତିକ ବିଶ୍ୱାସରେ ଉଦାର-ବାମପନ୍ଥୀ, ଆଚାରରେ ବନ୍ଧୁ-ବତ୍ସଳ, ବିଚାରରେ କ୍ଷମାଶୀଳ, ସାହିତ୍ୟ ଧାରାରେ ପ୍ରବନ୍ଧମୁଖୀ ପୁଣି ଜୀବନ-ବୋଧରେ ପରମାର୍ଥୀ ଶ୍ରୀ କର ପିଲାଟି ଦିନରୁ କର୍ମତତ୍ପର । ଖଣ୍ଡିତର ଗାଁରେ ନିଅଣ୍ଟପକ୍ଷ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ସୌରୀବଂଧୁ ଅତି ଅଳ୍ପ ବୟସରୁ ହରାଇଥିଲେ ପିତାଙ୍କୁ । ନିଜକୁ ବୈଧବ୍ୟର ରଗଡା ପଥରରେ ଘୋରି ଘୋରି ସଂସାର ଚଳାଇଥିବା ମାଆଙ୍କର କଡା-ଶାସନ ତାଙ୍କୁ ସେଇ ଛୋଟବେଳୁ କରିଥିଲା କର୍ମମୁଖର ଓ ଆଚରଣନିଷ୍ଠ । ହୁଳା ହୁଳା ନିଆଁ ପାଖରେ ଠିଆହୋଇ ଡହଡହ ତାତି ଅଙ୍ଗେ ନିଭାଇବା ପରି ସେ ଦାରିଦ୍ର୍ୟକୁ ଅନୁଭବ କରିଥିଲେ ଅତି ପାଖରୁ । ସେଇଥିପାଇଁ ରାଜନୀତିବିଜ୍ଞାନ ପାଠରେ ସ୍ନାତକୋତ୍ତର ଉପାଧି ପାଇ କାନାରା ବ୍ୟାଙ୍କରେ କର୍ମଜୀବନ ଆରମ୍ଭ କରୁ କରୁ ସେ ପାଲଟି ଗଲେ ସର୍ବହରାର ସାଥୀ, ଉଦାର- ବାମପନ୍ଥୀ ମତବାଦର ଜଣେ ଅନୁଗତ ଅନୁବ୍ରତୀ । ମାନବ ସେବା ହିଁ ମାଧବ ସେବା ବୋଲି ବିଶ୍ୱାସ କରୁଥିବା ରାମକୃଷ୍ଣ ମିଶନର ଜଣେ ସଚ୍ଚା ସେବକ ।

ସୌରୀବଂଧୁ, ହିସାବ- ନିକାଶରେ ବିଶ୍ୱାସ କରନ୍ତିନି । ବ୍ୟାଙ୍କ ସେବାରେ ଥାଇ ମଧ୍ୟ ସେ ଜଣେ ହିସାବ-ପ୍ରେମୀ ନୁହଁନ୍ତି । ଅତଏବ କାର୍ଯ୍ୟଘେନାପ୍ରୀତିରେ ସେ ପୂରାପୂରି

Digitized by srujanika@gmail.com

ଅପାରଗ । ବିନା ବିଶ୍ୱାସ, ବିନା ହିସାବରେ ସେ ଆଗେଇ ଆସନ୍ତି ସମ୍ପର୍କ ଯୋଡିବାକୁ । ତାଙ୍କ ସମ୍ପର୍କରେ ନା ଥାଏ ବୃତ୍ତି ନା ଥାଏ ଜାତି । ବ୍ୟାଙ୍କରେ କାମକରି ବ୍ୟାଙ୍କର କର୍ମଚାରୀ ସଂଘ ସହିତ ଅତି ଘନିଷ୍ଠ ଭାବରେ ଯୋଡି ହୋଇ ମଧ୍ୟ ସେ ନିଜକୁ ବ୍ୟାଙ୍କ - ବଳୟରେ ବାନ୍ଧି ନାହାଁନ୍ତି କେବେ ।

ସୌରୀବଂଧୁ କରଙ୍କ ସମ୍ପର୍କ ବ୍ୟାପକ । ସେଥିରେ ରାଜନେତା ଯେମିତି ଅଛନ୍ତି ସେମିତି ବି ଅଛନ୍ତି ଖଟିଖିଆ ଅଜଣା ମଣିଷ । ବିଦ୍ୱାନ ଅଧ୍ୟାପକ ଯେମିତି ଅଛନ୍ତି, ସେମିତି ବି ଅଛନ୍ତି ବିଚାର ବା ଆଲୋଚନାରେ ବିଶ୍ୱାସ ରଖୁନଥିବା ଅନେକ ଜୀବନଗୁଳାର ଦରମାଖିଆ କର୍ମଚାରୀ ।

ତେବେ ମୋଟାମୋଟି ଦେଖିବାକୁ ଗଲେ ସେ ତିନିଗୋଟି ବିଶ୍ୱାସର ଗୋଟିଏ ସମ୍ମିଳିତ ବ୍ୟକ୍ତି । ସାହିତ୍ୟ, ରାଜନୀତି ଓ ଧର୍ମଦର୍ଶନ ତାଙ୍କ ଜୀବନବୋଧର ତିନିଗୋଟି ପାଖ ବୋଲି କହିଲେ କିଛିଭୂଲ ହେବ ନାହିଁ । ସାହିତ୍ୟ ସଂରଚନା କଲାବେଳେ ସ୍ୱାଭାବିକଭାବେ ସେ ପ୍ରବନ୍ଧାଶ୍ରୟୀ ହୋଇପଡନ୍ତି । ରାଜନୀତିର ଧାରାରେ ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ମୂଲ୍ୟବୋଧରେ ବିଶ୍ୱାସ ରଖନ୍ତି । ସେହିପରି ଅନ୍ତରୀଣ ଭାବରେ ଧର୍ମନିରପେକ୍ଷତାରେ ବିଶ୍ୱାସ ରଖୁଥିବା ଶ୍ରୀ କର ଠାକୁର ରାମକୃଷ୍ଣଙ୍କ ଧର୍ମ-ଦର୍ଶନର ଜଣେ ନିଛକ ଅନୁଗାମୀ । ଏ ଦଳରେ ବିଶ୍ୱାସ ରଖିଲେ ଏହା ପ୍ରାପ୍ତହେବ ବା ଏ ବିଶ୍ୱାସ ଆଉ ଗ୍ରହଣଯୋଗ୍ୟ ନୁହେଁ ଭଳି ତତ୍କାଳିକ ଚାଲାକି ମୋଟେ ନଥାଏ ତାଙ୍କ ପାଖରେ ।

ଅତଏବ ଯୁକ୍ତି କଲାବେଳେ ସେ ଅନେକ ସମୟରେ ଏକ ଦେଶଦର୍ଶୀ ହୋଇପଡନ୍ତି । ନିଜକୁ ସାବ୍ୟସ୍ତ କରିବାପରି ଦୃଢମତ ପୋଷଣ କରନ୍ତି । ଜଣାପଡେ, ଏହାଙ୍କର ଜୀବନ- ସୌଧରେ ସତେ ଅବା ଗୋଟିଏ କବାଟ ଲାଗିଛି । ଖାଲି ପ୍ରବେଶର ବାଟ, ସେଠୁ ଫେରିବା ପାଇଁ ନାଁ ଅଛି ସୁଯୋଗ ନା ଆରପଟେ ବାହାରି ଯିବାପାଇଁ ଅଛି ପଛ କବାଟ । କିନ୍ତୁ ଭିତରେଇ ଦେଖିଲେ ଜଣାପଡେ ସେ ଗୋଟେ ମୁକୁଳା ଟନେଲ୍ ପରି । ଏପଟେ ପଶି ବାହାରି ହେବ ସେ ପଟକୁ । ସେ ନିଜେ ଗୋଟିଏ ପଟେ । ନିଜେ ଗୋଟିଏ ପଥ । ତାଙ୍କ ଉପରେ ଅନେକ ଲୋକ ମାଡି ମକଚି ଚାଲିଯିବାରେ ସେ ମୋଟେ ବିଚଳିତ ନୁହନ୍ତି । ତାଙ୍କର ପ୍ରତିବାଦ, ଧୂଳିଉଠା ପ୍ରତିବାଦ କେବଳ । ବାଟ ଚାଲିଲେ ପାଦରେ ଯଦି ଧୂଳି ଲାଗେ ତେବେ ବାଟକୁ ଦୋଷ ଦେଇ ଲାଭ ନାହିଁ । ତେଣୁ ସମ୍ପର୍କ ବିଚାରରେ ସୌରୀବଂଧୁ ଓ ତାଙ୍କର ବିଶ୍ୱାସ ସହ ମେଳ ହେଲେ

Digitized by srujanika@gmail.com

ସେଥିରେ କିଛି ଯାଏ ଆସେ ନାହିଁ । ସେ ଯାହା ସେ ତାହା । ସେଥିରେ କିଛି କ୍ଷତି ହେବାର ନାହିଁ ।

ଏଇ ହେଉଛି ତାଙ୍କର ନିଆରାପଣ । ମଣିଷଭାବରେ ସାଧାରଣ, ମାତ୍ର ସାଧାରଣଙ୍କ ମେଳରେ ସେ ସମ୍ପୂର୍ଣ୍ଣ ନିଆରା । ସୌରୀବଂଧୁ ଜଣେ ସ୍ୱାଭାବିକ ନେତା, ସ୍ୱାଭାବିକ ସୁହୃଦ୍, ସ୍ୱାଭାବିକ ସାହିତ୍ୟ ସରାଗୀ ତଥା ସହଜ କର୍ମକାର । କର୍ମସଂପୃକ୍ତି ତାଙ୍କର ସବୁଠାରୁ ଦୃଢ ପରିଚୟ ।

❖❖

Digitized by srujanika@gmail.com

କର୍ମକୁଶଳୀ ସୌରୀବଂଧୁ ବାବୁ

ଲକ୍ଷ୍ମୀନାରାୟଣ ରାୟସିଂହ

ସୌରୀବଂଧୁ ବାବୁ ଏବେ ତାଙ୍କର ପେଟପାଟଣାର କର୍ମକ୍ଷେତ୍ରରୁ ଅବସର ନେଉଛନ୍ତି । ଜାଣି ଖୁସି ଲାଗିଲା, ଭଲ ହେଲା । ବ୍ୟାଙ୍କର କର୍ତ୍ତବ୍ୟ ସଂପାଦନ କରିବା ସହ ସେ ବ୍ୟାଙ୍କ କର୍ମଚାରୀ ସଂଘ, ସଂଗଠନର କାର୍ଯ୍ୟ ଦାୟିତ୍ୱ ପୂର୍ଣ୍ଣ ଭାବେ ସଂପୂର୍ଣ୍ଣ କରି ଆସୁଥିଲେ ।

ପ୍ରତ୍ୟକ୍ଷ କର୍ମ କ୍ଷେତ୍ରରୁ ଅବସର ନେବାରୁ ଯେଉଁ ବୃହତ୍ତର ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟମାନଙ୍କରେ କ୍ୱଚିତ ବାଧା ସୃଷ୍ଟି ହେଉଥିଲା, ସେହି ସମୟତକ ମିଳିଗଲା, ସେ ସବୁ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ।

ମୋତେ ତ ଆଶ୍ଚର୍ଯ୍ୟ ଲାଗେ ଯେ, ସେ ବିଭିନ୍ନ କର୍ମଜଞ୍ଜାଳରେ ଥାଇ ବିଭିନ୍ନ ପତ୍ରପତ୍ରିକା ମାନଙ୍କରେ ଧାରାବାହିକ ଭାବେ ଲେଖାମାନ କିପରି ଲେଖିପାରନ୍ତି !

ବିଭିନ୍ନ ଗଣସଂଗଠନ, ଟ୍ରେଡ୍‌ୟୁନିୟନ, ସାହିତ୍ୟାନୁଷ୍ଠାନ, ଛାତ୍ର, ଶିକ୍ଷକ, କର୍ମଚାରୀ, ମହିଳା ସଂଗଠନ ତଥା ଅଙ୍ଗନବାଡି ସଂଗଠନ, ବ୍ୟାଙ୍କ କର୍ମଚାରୀ ସଂଘ, କୃଷକ ସଭା-ଏପରିକି ରାମକୃଷ୍ଣ ମିଶନର ସ୍ୱେଚ୍ଛାସେବୀ ସଂଗଠନର ଲୋକହିତକର କାର୍ଯ୍ୟକ୍ରମରେ ମଧ୍ୟ ସଂପୃକ୍ତ ରହି ସେ ଯେପରି ଭାବରେ କାର୍ଯ୍ୟ ସଂପାଦନ କରିଥାନ୍ତି- ଏବଂ ଏହି ସାଂଗଠନିକ କାର୍ଯ୍ୟଧାରାରେ ଶାନ୍ତି ସଂହତି ସଂଗଠନର ପ୍ରତିନିଧି ଭାବେ କ୍ୟୁବା, ଭିଏତନାମ ପ୍ରଭୃତି ଦେଶର ସଭ୍ୟ ସମ୍ମିଳନୀ ମାନଙ୍କରେ ଯୋଗଦେଇ ବହୁ ଅଭିଜ୍ଞତା ଲାଭ କରି, ତାହାକୁ ପ୍ରୟୋଗ କରିବାରେ ସର୍ବଦା ଚେଷ୍ଟିତ ରହିବାତାଙ୍କର ଏକ ବିଶିଷ୍ଟ ଗୁଣ ।

ଏହିପରି କର୍ମ ମାନଙ୍କରେ ସର୍ବଦା ସଂପୃକ୍ତ ରହିବା ଯୋଗୁଁ ତାଙ୍କୁ ମୁଁ କର୍ମ କୁଶଳୀ ଭାବେ ବିଶେଷିତ କରୁଛି ।

Digitized by srujanika@gmail.com

ତାଙ୍କର ଏହି ଏକକ କର୍ମକ୍ଷେତ୍ର (ଚାକିରୀ)ରୁ ଅବସର ନେବାବେଳେ, ମୁଁ ତାଙ୍କୁ ବଧାଇ ଜଣାଉଛି ଯେ, ଏଣିକି ତାଙ୍କ କର୍ମ କୁଶଳତା ସମାଜର ଅଗ୍ରଗତିରେ ସମାଜବାଦ ଭିତ୍ତି ଭୂମିରେ ପ୍ରୟୋଗ ଓ ପ୍ରତିଷ୍ଠା ଲାଭ କରିବ ।

ପ୍ରାଣନାଥ ମାର୍ଗ, ଖୋର୍ଦ୍ଧା
ସଂପାଦକ , " ନୂଆ ଦୁନିଆ"
ପୋ.ଅ: ପ୍ରାଣନାଥ କଲେଜ, ଜି:- ଖୋର୍ଦ୍ଧା, ପିନ୍- ୭୫୨୦୫୭

❖❖

Digitized by srujanika@gmail.com

ବେଦାନ୍ତପ୍ରେମୀ ସୌରୀବଂଧୁ କର

ଗଣେଶ ପ୍ରସାଦ ଦାସ

ସୌରୀବଂଧୁ କରଙ୍କ ସହିତ ମୋର ସାକ୍ଷାତ ହୋଇଥିଲା ସ୍ୱର୍ଗତ ପ୍ରଫେସର କୃଷ୍ଣ ପ୍ରସାଦ ମିଶ୍ରଙ୍କ ବାଣୀବିହାରସ୍ଥିତ ବାସଭବନରେ ସତୁରି ଦଶକରେ । ଅନ୍ୟୁନ ପଇଁତିରିଶ ବର୍ଷ କାଳ ଆମେ ପରସ୍ପରକୁ ଜାଣିଛୁ । ପ୍ରଫେସର ମିଶ୍ର ଏକାଧାରରେ ଜଣେ କୃତବିଦ୍ୟ ଦର୍ଶନ ଅଧ୍ୟାପକ, ଗାଳ୍ପିକ, ପ୍ରାବନ୍ଧିକ ଓ ସର୍ବୋପରି ଜଣେ ଭଲ ମଣିଷଥିଲେ । କଥାରେ ଅଛି, ସମାନ ପରଥିବା ପକ୍ଷୀମାନେ ଏକତ୍ର ବାସ କରନ୍ତି । ପ୍ରଫେସର ମିଶ୍ରଙ୍କ ଚତୁର୍ପାର୍ଶ୍ୱରେ ଯେଉଁ ବ୍ୟକ୍ତିମାନେ ବିଚରଣ କରୁଥିଲେ ସେମାନେ ପ୍ରାୟତଃ ସମସ୍ତେ ଦର୍ଶନପ୍ରେମୀ, ଲେଖକ ଓ ସର୍ବୋପରି ଭଲ ମଣିଷ । ସେମାନଙ୍କର ଚିନ୍ତା କରିବା, କଥା କହିବା ଏବଂ ଜୀବନ ବଞ୍ଚିବାର ଢଙ୍ଗ ଅଲଗା । ସୌରୀବାବୁ ସେହିପରି ଅଲଗା ଲୋକମାନଙ୍କ ମଧ୍ୟରୁ ଜଣେ ।

କିଏ କାହା ସଂସ୍ପର୍ଶରେ ଆସି କିପରି ବ୍ୟକ୍ତିତ୍ୱ ନେଇ ସଂସାରରେ ନିଜର ପରିଚୟ ସୃଷ୍ଟିକରିବେ, ତାହା ବୋଧହୁଏ ଜନ୍ମ ଜନ୍ମାନ୍ତରର ସଂସ୍କାର ଦ୍ୱାରା ନିୟନ୍ତ୍ରିତ ହୁଏ । ସେ ଯାହା ହେଉନା କାହିଁକି, ନିଶ୍ଚିତ ରୂପେ କୁହାଯାଇପାରିବ ଯେ ସୌରୀବାବୁ ଭିଡ଼ଭିତରେ ବାରିହୋଇପଡୁଥିବା ଏକ ବ୍ୟକ୍ତିତ୍ୱ । ସେ ଏପରି ଜଣେ ମଣିଷ, ଯାହାଙ୍କର ଚିନ୍ତା ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁ ସେ ନୁହଁନ୍ତି । କେନ୍ଦ୍ରବିନ୍ଦୁ ସାରା ସଂସାର । ସମଷ୍ଟିର ପରିପ୍ରେକ୍ଷୀରେ ତାଙ୍କର ଚିନ୍ତା ଓ କାର୍ଯ୍ୟ ସଂଗଠିତ ହେଉଥିବାରୁ ସେ ବ୍ୟକ୍ତିତ୍ୱରେ ସ୍ୱତନ୍ତ୍ରତା ରହିଛି । କାନାରା ବ୍ୟାଙ୍କ୍‌ରେ ୧୯୭୨ ମସିହାରେ ଚାକିରି ଜୀବନ ଆରମ୍ଭ କରି ୨୦୦୮ ରେ ଅବସର ଗ୍ରହଣ କଲାବେଳକୁ ସେ ହେଉଛନ୍ତି ଟ୍ରେଡ୍ ଇଉନିୟନର ଜଣେ ଆଗଧାଡ଼ିର କର୍ମକର୍ତ୍ତା ।

ଏହି ଭାବରେ ସେ ସାରା ଭାରତବର୍ଷ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀମାନଙ୍କର ଅଭାବ, ଅସୁବିଧା ବୁଝି ତା'ର ପ୍ରତିକାର କରିବାର ଦାୟିତ୍ୱ ଅତି ନିପୂଣ ତଥା ନିଖୁଣ ଭାବରେ ନିର୍ବାହ କରି ଆସିଛନ୍ତି । କେବଳ ସେତିକି ନୁହେଁ, ସମାଜକୁ ବିଭିନ୍ନ ଭାବରେ ସେବା ପ୍ରଦାନ କରିଥିବା ବରେଣ୍ୟ ବ୍ୟକ୍ତିମାନଙ୍କର ସ୍ମରଣ ଓ ଗୁଣକୀର୍ତ୍ତନ କରିବା ପାଇଁ ଅନେକ ପୂଜ୍ୟପୂଜା ଅନୁଷ୍ଠାନ ଓ ପ୍ରତିଷ୍ଠାନରେ ସେ ସକ୍ରିୟ

Digitized by srujanika@gmail.com

ଭୂମିକା ନିର୍ବାହ କରିଥାନ୍ତି । ସ୍ୱର୍ଗତ ପ୍ରଫେସର କୃଷ୍ଣପ୍ରସାଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଓ ତଦବସରରେ ସ୍ମାରକୀ ବକ୍ତୃତା ଆୟୋଜନର ମୁଖ୍ୟ ପୁରୋଧା ସେ । ଦର୍ଶନ ପରିସରରେ କୃଷ୍ଣ ପ୍ରସାଦ ମିଶ୍ରଙ୍କର ସ୍ମୃତିରକ୍ଷା ପାଇଁ ତାଙ୍କ ଛାତ୍ରଛାତ୍ରୀ ଓ ଦାୟାଦମାନେ ଯାହା କରିପାରି ନାହାଁନ୍ତି , ସୌରୀବାବୁ କେତେକ କୃଷ୍ଣ ପ୍ରସାଦ ପ୍ରେମୀଙ୍କୁ ନେଇ ତାହା କରିଛନ୍ତି ।

ସୌରୀବାବୁ ଏମ୍.ଏ. କରିଛନ୍ତି ରାଜନୀତି ବିଜ୍ଞାନ ବିଷୟରେ ସେ କିନ୍ତୁ ଦର୍ଶନ ଶାସ୍ତ୍ରରେ- ତାହାପୁଣି ବେଦାନ୍ତ ଦର୍ଶନରେ ପ୍ରଫେସର ମିଶ୍ରଙ୍କ ତତ୍ତ୍ୱାବଧାନରେ ପି.ଏଚ୍.ଡି କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ପଞ୍ଜୀକରଣ କରିଥିଲେ । ପ୍ରଫେସର ମିଶ୍ରଙ୍କ ଅକାଳ ନିଧନ ପରେ ସୌରୀବାବୁ ମତେ ତାଙ୍କର ପି.ଏଚ୍. ଡି ତତ୍ତ୍ୱବଧାରକ ଭାବରେ ଗ୍ରହଣ କରିଥିଲେ । କିନ୍ତୁ ମୋର ଦୁର୍ଭାଗ୍ୟ ଯେ ସେ ତାଙ୍କର ସନ୍ଦର୍ଭ ଦାଖଲ କରିପାରିଲେ ନାହିଁ ଓ ନାମ ପଞ୍ଜିକରଣ ସମୟସୀମା ଅତିକ୍ରାନ୍ତ ହୋଇଯାଇଥିବାରୁ ବାତିଲ ହୋଇଗଲା । ପି.ଏଚ.ଡି ଡିଗ୍ରୀ ଲାଭ ନ କରି ପାରିବାଟା ସୌରୀବାବୁଙ୍କର ଅଯୋଗ୍ୟତା ବା ଦୁର୍ଯୋଗ ବୋଲି ମୁଁ ବିଚାର କରେନାହିଁ । କାରଣ, ତାଙ୍କର ଯେତେସବୁ ସୃଜନଶୀଳ ଲେଖା ପ୍ରକାଶିତ ହୋଇଛି , ସେ ସମସ୍ତ ବିଚାରକୁ ନେଇ ଓଡ଼ିଶାର ଯେ କୌଣସି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ଜନକ ଡକ୍ଟରେଟ୍ ଡିଗ୍ରୀଟିଏ ପ୍ରଦାନ କରିପାରନ୍ତେ । ତେବେ ଏପରି ଏକ ଡିଗ୍ରୀ ପ୍ରଦତ୍ତ ହେଉ ବା ନହେଉ, ଓଡ଼ିଶା ଗଳ୍ପ ପ୍ରବନ୍ଧ ଓ ଜୀବନୀ ସାହିତ୍ୟକୁ ସୌରୀବାବୁଙ୍କ ଉଚ୍ଚକୋଟୀର ଅବଦାନ ପାଇଁ ଯେଉଁ ପାଠକୀୟ ସମ୍ମାନ ପୁନଃପୌନିକ ଭାବେ ମିଳୁଛି, ତାହା ସେପରି ଏକ ଡିଗ୍ରୀଠାରୁ କମ୍ ସମ୍ମାନଜନକ ବୋଲି ମୁଁ ବିଚାର କରେନାହିଁ । ବେଦାନ୍ତବାଦୀ ମାନଙ୍କର ପୁରସ୍କାର ବା କୌଣସି କର୍ମଫଳରେ ଆସକ୍ତି ହିଁ ନଥାଏ ।

ସୌରୀବାବୁ ଶ୍ରୀରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଭାବଧାରାର ଜଣେ ଦତ୍ତଚିତ୍ତ ସେବକ । ସେ ଉକ୍ତ ଧାରାରେ ଦୀକ୍ଷିତ ଓ ତଦ୍ଦ୍ୱାରା ସେ ଗଭୀର ଭାବରେ ଅନୁପ୍ରାଣୀତ । ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରା ହେଉଛି ବେଦାନ୍ତର ଉଦାତ୍ତ ବିଚାରଧାରା, ତାହା ତତ୍ତ୍ୱାନୁଶୀଳନ ରେ ଆବଦ୍ଧ ନୁହେଁ । ବରଂ ତାହା ସଂସାର ସେବାରେ, ଦୀନଦରୀଦ୍ର, ପ୍ରପୀଡିତ, ଅବହେଳିତଙ୍କ ସେବା ଶୁଶ୍ରୂଷାରେ ନିୟୋଜିତ ତତ୍ତ୍ୱ, ଯାହା ପ୍ରାୟୋଗିକ (ପ୍ରାକ୍‌ଟିକାଲ) ବେଦାନ୍ତ ନାମରେ ସୁପରିଚିତ ।

ଅପର ପକ୍ଷରେ, ସୌରୀବାବୁ କାର୍ଲ ମାର୍କ୍ସଙ୍କ ସାମ୍ୟବାଦୀ ବିଚାରଧାରା ଦ୍ୱାରା ମଧ ଅନୁପ୍ରାଣୀତ । ଖଟିଖିଆ ଲୋକଙ୍କ ପ୍ରାପ୍ୟ ଲୁଟିଖିଆ ଯେପରି ଅପହରଣ କରି ନ

Digitized by srujanika@gmail.com

ନିଏ, ସେଥିପ୍ରତି ସଚେତନ କରାଉଥିବା ମାର୍କସୀୟ ବିଚାରଧାରାରେ ଆସ୍ଥା ରଖି ବ୍ୟାଙ୍କ କର୍ମଚାରୀମାନଙ୍କ ସ୍ୱାର୍ଥ ସଂରକ୍ଷଣ ନିମନ୍ତେ ସେ ବ୍ରତୀ ହୋଇଛନ୍ତି । ଏଇ ଦୁଇ ବିଚାରଧାରା- ମାର୍କ୍ସୀୟ ଓ ବିବେକାନନ୍ଦୀୟ- ତତ୍ତ୍ୱଜ୍ଞାନକୁ ଦେଶଦଶ ହିତରେ ନିଯୋଜନ କରିବାରେ ଅଙ୍ଗୀକାରବଦ୍ଧ, ମାର୍କ୍ସୀୟ ମାର୍ଗ ଦ୍ରୋହମାର୍ଗ, ଅଥଚ ବିବେକାନନ୍ଦୀୟ ମାର୍ଗ ପ୍ରେମମାର୍ଗ, ଲକ୍ଷ୍ୟ ଏକ, ଉପାୟଭିନ୍ନ । ମାର୍କ୍ସୀୟ ଲକ୍ଷ୍ୟ ବିବେକାନନ୍ଦୀୟ ମାର୍ଗରେ ପୂରଣ ହୋଇପାରିଲେ, ତାହା ଅତ୍ୟନ୍ତ ମହନୀୟ ହେବ । ଏହି ଭାବରେ ଉକ୍ତ ବିଚାରଧାରାଦ୍ୱୟ ପରସ୍ପରର ପରିପୂରକ ବୋଲି ସୌରୀବାବୁଙ୍କର ହୃଦବୋଧ ହୋଇଛି । ଏହା ତାଙ୍କର ମାନବବାଦୀ ପ୍ରବନ୍ଧ ମାନଙ୍କରେ ସ୍ପଷ୍ଟଭାବେ ସ୍ପନ୍ଦିତ ହୋଇଛି ।

ମନେହୁଏ ସ୍ୱାମୀଜୀଙ୍କ ବେଦାନ୍ତ ସୌରୀବାବୁଙ୍କ ଶରୀର ମନ ଓ ଆତ୍ମାକୁ ମିଶାଇ ଦେଇ ମାନବପ୍ରେମ ରଙ୍ଗରେ ରଞ୍ଜାଇ ଦେଇଛି । ତାଙ୍କର ପ୍ରତିଟି କଥାରେ ବେଦାନ୍ତର ସ୍ୱର ଓ ପ୍ରତିଟି ପ୍ରଶ୍ନର ବେଦାନ୍ତୀ ଉତ୍ତର ଏହି ଉକ୍ତିକୁ ପ୍ରମାଣିତ କରେ । ତାଙ୍କର କୋଡିଏରୁ ଉର୍ଦ୍ଧ୍ୱ ଗଳ୍ପ, ପ୍ରବନ୍ଧ, ଜୀବନୀ, ଅନୁବାଦ ଓ ଅନ୍ୟାନ୍ୟ ସାହିତ୍ୟ କୃତି ମଧ୍ୟରେ ତିନିଗୋଟି ରଚନା ତାଙ୍କର ବ୍ୟକ୍ତିଗତ ଜୀବନ ତଥା ସାହିତ୍ୟିକ ଜୀବନର ମହାନତା ପ୍ରତିପାଦନ କରନ୍ତି । ଏମାନେ ହେଲେ ସ୍ୱାମୀ ବିବେକାନନ୍ଦ ଓ ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ସମ୍ୱଳିତ ପୁସ୍ତକ ଏବଂ ସର୍ବୋପରି 'ବେଦାନ୍ତର ସ୍ୱର' ଯାହା ପ୍ରଥମେ ଦୈନିକ ସମ୍ବାଦପତ୍ର 'ପ୍ରଗତିବାଦୀ'ରେ କ୍ରମଶଃ ପ୍ରକାଶିତ ହୋଇ ପ୍ରଭୂତ ପାଠକୀୟ ପ୍ରଶଂସା ଲାଭ କରିଥିଲା ଓ ପରେ ପଇଁତାଳିଶିଟି ଲେଖାର ସଙ୍କଳନ ଆକାରରେ ୧୯୯୪ ମସିହାରେ ପ୍ରକାଶିତ ହୋଇଥିଲା । ସତ କହିଲେ, ଏହି ସଙ୍କଳନଟି ପଢି ମୁଁ ଖୁବ୍ ଆନନ୍ଦିତ ହୋଇଛି ଓ ଅନେକ କିଛି ଶିକ୍ଷା କରିଛି । ଏହି ପ୍ରବନ୍ଧର ଅବଶିଷ୍ଟାଂଶରେ " ବେଦାନ୍ତର ସ୍ୱର" ପୁସ୍ତକଟି ବିଷୟରେ ଦୁଇ ଚାରିପଦ କହିବି ।

ସାଧାରଣତଃ ଧରିନିଆଯାଏ ଯେ, ବେଦାନ୍ତଦର୍ଶନ ସନ୍ନ୍ୟାସବାଦୀ ଦର୍ଶନ, କାରଣ ଏହାର ବକ୍ତବ୍ୟ ହେଲା " ବ୍ରହ୍ମସତ୍ୟ ଓ ଜଗତ ମିଥ୍ୟା" । ବେଦାନ୍ତ ଦର୍ଶନରେ ଦୀକ୍ଷିତ ବ୍ୟକ୍ତି ଗେରୁ ଓ କମଣ୍ଡଳୁ ଧାରଣ କରି ବନଚାରୀ ହୁଏ । ଏହା ବେଦାନ୍ତ ଦର୍ଶନର ଅପଳାପ ମାତ୍ର । ସମାଜରେ ଘଟୁଥିବା ଘଟଣାଗୁଡିକ ସମ୍ମୁଖୀନ ହେବାପାଇଁ ଏହା ବ୍ୟକ୍ତିକୁ ମାନସିକସ୍ତରରେ ପ୍ରସ୍ତୁତ କରାଏ । ବିଜ୍ଞାନବାଦ (Scientism), ଈଶ୍ୱରବାଦ (Theologism), ଭାଗ୍ୟବାଦ (Fatalogism) ଅଥବା ବିଦ୍ରୋହାତ୍ମକ ସାମ୍ୟବାଦ (Revolutionary Socialism) ଏହା କରିପାରେ ନାହିଁ । ସାମ୍ପ୍ରତିକ ଔଦ୍ୟୋଗିକ, ବୈଷୟିକ ଓ ଯାନ୍ତ୍ରିକ ସଭ୍ୟତା (ଏହାକୁ ସୌରୀବାବୁ ' ସାବୁନ ପାଣିର ସଭ୍ୟତା ବୋଲି

Digitized by srujanika@gmail.com

ଯଥାର୍ଥରେ ଅଭିହିତ କରିଛନ୍ତି) ପରିପ୍ରେକ୍ଷୀରେ ବେଦାନ୍ତର ଆବଶ୍ୟକତା ଅତି ବେଶୀ । ମଣିଷର ମୌଳିକ ଆବଶ୍ୟକତା ଓ ଜୀବନର ଅନ୍ତିମ ଲକ୍ଷ୍ୟ ପୂର୍ଣ୍ଣ କରିବା ନିମିତ୍ତ ବେଦାନ୍ତର ପ୍ରୟୋଜନ । ଏହା ଜୀବନର ପ୍ରତ୍ୟେକ ବିଭାଗକୁ ଦୃଷ୍ଟି ପକାଏ, ଦୈହିକ ମାନସିକ, ଆଧ୍ୟାତ୍ମିକ ଓ ତଦ୍ଦୂତ୍ତର ଦିଗମାନଙ୍କୁ ପରିପୁଷ୍ଟ ଓ ଏକତ୍ରିତ କରେ । ବେଦାନ୍ତର ମୂଳଲକ୍ଷ୍ୟ ହେଉଛି ମଣିଷ । ମଣିଷ ଚିରନ୍ତନ ସୁଖକୁ ଅନୁସନ୍ଧାନ କରୁଥାଏ ଓ ବେଦାନ୍ତ ତାହାକୁ ସେ ଦିଗରେ ବାଟ କଢେଇ ନେଇଥାଏ ।

ଯେ କୌଣସି କାର୍ଯ୍ୟରେ ପ୍ରେରଣା ଗୋଟିଏ ପ୍ରଶ୍ନର ଉତ୍ତରକୁ ଅପେକ୍ଷା କରେ । ସେ ପ୍ରଶ୍ନଟି ହେଲା, " ମୁଁ କିଏ ?" ଏହା ଆତ୍ମଜ୍ଞାନ ସମ୍ପର୍କିତ ପ୍ରଶ୍ନ ଆତ୍ମଜ୍ଞାନ ପ୍ରାପ୍ତି ଅଥବା ପ୍ରକାଶିତ ନହେବା ପର୍ଯ୍ୟନ୍ତ , ମଣିଷ ଅଜ୍ଞାନ ଅନ୍ଧାରର ବଶବର୍ତ୍ତୀ ହୋଇ ଆବଶ୍ୟକ ଦ୍ରବ୍ୟକୁ ପାଶୋରି ଅନାବଶ୍ୟକ ଦ୍ରବ୍ୟକୁ ଆବୋରି ନାନାପ୍ରକାର ହଟହଟାର ସମ୍ମୁଖୀନ ହେଉଥାଏ, ଅଥଚ ଆପଣା ଦୁଃସ୍ଥିତିର କାରଣ ଓ ନିରାକରଣ କ'ଣ ଜାଣିପାରୁ ନଥାଏ, ଆତ୍ମା ହେଉଛି ସତ୍ ଚିତ୍ ଓ ଆନନ୍ଦର ସମନ୍ୱିତ ସ୍ଥିତି, ଯାହାକୁ ବ୍ରାହ୍ମୀସ୍ଥିତି ଅଥବା ଭୂମାସ୍ଥିତି ବୋଲି ମଧ୍ୟ କୁହାଯାଇପାରେ ।

ଏହି ସ୍ଥିତିକୁ ଅନୁଭବ କରିପାରିଲେ ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ବା ଭୂମାଜ୍ଞାନ ଉଦ୍‌ଭାସିତ ହୋଇଥାଏ । ଏହି ଅନୁଭବ ଅତ୍ର, ତତ୍ର ଓ ସର୍ବତ୍ର ମିଳି ପାରିବ, ସେଥିପାଇଁ ଲୋଡା କେବଳ ଅନୁସନ୍ଧିତ୍ସା, ଅନୁସନ୍ଧାନ ଏବଂ ତତ୍‌ନିମିତ୍ତ ଆବଶ୍ୟକ ଧୈର୍ଯ୍ୟ , ସ୍ଥୈର୍ଯ୍ୟ ଓ ସାଧନା, ଏହି ସାଧନା ବକ୍‌ଳ, କୌପୀନ ବା ଗୈରିକ ପରିଧାନ ନୁହେଁ । କିମ୍ବା ମାଳା, ଚିତା, ଓ ତିଳକ ଧାରଣ ନୁହେଁ । ଅଥବା ଜଳ, ଅଗ୍ନୀ ବା ଅରଣ୍ୟ ମଧ୍ୟରେ କୃଚ୍ଛ୍ର ଶରୀର ସାଧନ ନୁହେଁ । ଏହା ଆପଣା କାର୍ଯ୍ୟରେ ନିମଜ୍ଜନ, ସଦ୍‌ଗ୍ରନ୍ଥ ପଠନ / ଶ୍ରବଣ, ମନନ ଓ ନିଦିଧ୍ୟାସନ, କାୟ, ମନ ଓ ବାକ୍ୟରେ ସତ୍ ଚିତ୍ ଓ ଆନନ୍ଦର ସେବନ ତଥା ବିବେକ ବୁଦ୍ଧିର ଜାଗରଣ ଓ ପ୍ରସାରଣ । ବିବେକ ବୁଦ୍ଧିଦ୍ୱାରା ହିଁ ସତ୍ ଏବଂ ଅସତ୍ ମଧ୍ୟରେ ବିଭେଦ କରାଯାଇପାରେ, ଜଣେ ସତ୍ ଓ ଅସତ୍ ଉଭୟଙ୍କୁ ଉପଯୋଗ କରିପାରିଚି, କିନ୍ତୁ ସତ୍‌କୁ ଉପଯୋଗ କରିଥିବା ମଣିଷହିଁ ସଭ୍ୟ ମଣିଷ । ସଭ୍ୟତା ଓ ଅସଭ୍ୟତା ଭାଷା ବ୍ୟବହାରରେ ପ୍ରକାଶିତ ହୋଇଥାଏ । ତେଣୁ ସାହିତ୍ୟ ହିଁ ଏହାର ପ୍ରକୃଷ୍ଟ ବାହକ । ସୌରୀବାବୁଙ୍କ ସାହିତ୍ୟ ରଚନା ନିଶ୍ଚିତରୂପେ ସଭ୍ୟ ସାହିତ୍ୟ ପଦବାଚ୍ୟ ।

ସଭ୍ୟମଣିଷ ଗଠନ କରିବା ଶିକ୍ଷାର ଉଦ୍ଦେଶ୍ୟ, ଶିକ୍ଷା ଦ୍ୱାରା ମଣିଷ ଭିତରେ ଥିବା ଅପରିମିତ ଦିବ୍ୟ ଶକ୍ତିର ପ୍ରକାଶଘଟିଥାଏ । ଆଧୁନିକ ଯୁଗର ଦୁଇ ଚିନ୍ତା ନାୟକ ଆର୍

Digitized by srujanika@gmail.com

ଡି. ଲିଆଙ୍ଗ୍ ଏବଂ ପ୍ରିଟ୍ ଦୋଫ୍ କାପ୍ରାଙ୍କ ମତ ଉଦ୍ଧାର କରି ସୌରୀବାବୁ ଏହି କଥାଟିକୁ ସ୍ପଷ୍ଟ କରିଦେଇଛନ୍ତି । ଲିଆଙ୍ଗଙ୍କ ମତରେ ଆମେରିକାରେ ଜନ୍ମଲାଭ କରୁଥିବା ଶିଶୁ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ପରିବର୍ତ୍ତେ ପାଗଳଖାନାରେ ପ୍ରବେଶ କରିବାର ସମ୍ଭାବନା ଦଶଗୁଣ ଅଧିକ । କାପ୍ରାଙ୍କର ପ୍ରସ୍ତାବ ହେଲା ଯେ ଶିକ୍ଷା ଗୁଡିଏ " ଅର୍ଥ ନୈତିକ ପଶୁ" ସୃଷ୍ଟିକରୁଥିବାରୁ ଏହା ଆଲୋଡା । ଆମର ଲୋଡା ଦୀକ୍ଷା , ଯାହା ଫଳରେ ମନୁଷ୍ୟ ସମୟର ଦାସ ନହୋଇ, ସମୟୋତ୍ତର ଅବସ୍ଥାକୁ ଗତିକରି ପ୍ରକୃତ ମଣିଷ ପଦବାଚ୍ୟ ହୋଇପାରିବ ।

ଜୀବନର କୌଣସି କର୍ମ ହୀନକର୍ମ ଅଥବା ଅତି ମହାନ୍ କର୍ମ ପଦବାଚ୍ୟ ନୁହେଁ । (ଏବେ କେରଳର ଜଣେ ସାଂସଦ ଜଣେ ବିମାନଚାଳକକୁ ଉଚ୍ଚପାହିଆ ଗାଡିଚାଳକ ବୋଲି କଟୁକ୍ତି କଲେ । କେହି କେହି ସଚିବସ୍ତରୀୟ ଅଧିକାରୀମାନଙ୍କୁ ଉଚ୍ଚପାହିଆ କିରାଣୀ ଏବଂ କମ୍ପ୍ୟୁଟର ଯନ୍ତ୍ରୀମାନଙ୍କୁ କମ୍ପ୍ୟୁଟର କୁଲି ବୋଲି ଆକ୍ଷେପ କରନ୍ତି) କୌଣସି କାର୍ଯ୍ୟ ଅସମ୍ମାନଜନକ ନୁହେଁ । ପାକଶାଳାରେ ରୋଷେଇ କରୁଥିବା ବ୍ୟକ୍ତିଟି ତା ସ୍ଥାନରେ ଠିକ ଏବଂନାଳନର୍ଦ୍ଦମା ସଫାକରୁଥିବା ବ୍ୟକ୍ତିଟି ତା ସ୍ଥାନରେ ଠିକ୍ । କାହାରି କର୍ମ ନିନ୍ଦନୀୟ ନୁହେଁ, ସବୁରି କର୍ମ ମହାନୀୟ ଓ ସମସ୍ତ କର୍ମ ଦିବ୍ୟକର୍ମ । ସମସ୍ତ କର୍ମ ଯଜ୍ଞକର୍ମ, ଜୀବନ ଏକ ଯଜ୍ଞବେଦୀ, ଏଇଥିପାଇଁ ବୋଧହୁଏ ବେଦାନ୍ତର ସ୍ୱର ପୁସ୍ତକର ପ୍ରଚ୍ଛଦ ପଟରେ ସୌରୀବାବୁ ଯଜ୍ଞବେଦୀର ଚିତ୍ରଦେବାକୁ ପସନ୍ଦ କରିଛନ୍ତି ।

ଉପରୋକ୍ତ ଆତ୍ମଜ୍ଞାନ ଅହଂଭାବଠାରୁ ପୃଥକ୍ । ଯଦି ବା ଅହଂଭାବ ଆତ୍ମଜ୍ଞାନର ଦୃଶ୍ୟମାନ (ମାୟାବିଧୃତ) ଅଂଶ । ଏହାକୁ ଭେଦ କରି ପାରିଲେ ବା ଅତିକ୍ରାନ୍ତ କରିପାରିଲେ ଆତ୍ମଜ୍ଞାନ ଲାଭହୁଏ ଏବଂ ବ୍ୟକ୍ତିତ୍ୱର ବିକାଶ ଘଟେ । ଜ୍ଞାନ ସକଳ ଶକ୍ତିର ଉତ୍ସ କହିଲେ ବୁଝିବାକୁ ହେବ ଯେ ଆତ୍ମଜ୍ଞାନ ହିଁ ସକଳ ଶକ୍ତି ଉତ୍ସ । ଜ୍ଞାନ ପବିତ୍ର ଅର୍ଥାତ ଅଜ୍ଞାନ ନିରାକୃତ । ସାଧକର ପଞ୍ଚପ୍ରାଣ ପବିତ୍ର ନହେଲେ ତାହା ମଧ୍ୟରେ ଜ୍ଞାନର ଉଦ୍‌ଭାସ ହେବ ନାହିଁ । ଆତ୍ମସଂଯମ ପବିତ୍ରତାର ଅନ୍ୟତମ ବିଭାବ, ରାମକୃଷ୍ଣ ପରମହଂସଙ୍କର ଉପଦେଶ ହେଲା, 'ତମେ ସଂସାରରେ ରହ, ସଂସାର ତମ ଭିତରେ ନରହୁ ।' ସୌରୀବାବୁ ଏହି ଅର୍ଥକୁ ମର୍ମେ ମର୍ମେ ଅନୁଭବ କରିଥିବାରୁ ତାଙ୍କ ଲେଖାରେ, କଥା ଓ କାର୍ଯ୍ୟରେ ବ୍ୟକ୍ତିତ୍ୱ ଓ ବ୍ୟବହାରରେ ଫୁଟିଉଠେ । ଏକଦା ମଟର ସାଇକେଲ ଦୁର୍ଘଟଣାରେ ଗୋଡଭାଙ୍ଗି ଶଯ୍ୟାଶାୟୀ ହୋଇଥିବାବେଳେ ସେ ଯେପରି ଶରୀର ଚିନ୍ତାଠାରୁ ନିଜକୁ ଅନ୍ତରୀତ କରି ଆଧ୍ୟାତ୍ମିକ ଚର୍ଚ୍ଚାରେ ଓ ସାହିତ୍ୟ ରଚନାରେ ବ୍ୟସ୍ତ ରହୁଥିଲେ ତାହା ମୁଁ ପ୍ରତ୍ୟକ୍ଷ କରିଛି ।

Digitized by srujanika@gmail.com

ଜ୍ଞାନ ନିମନ୍ତେ ସ୍ୱାଧ୍ୟାୟ ଆବଶ୍ୟକ ବୋଲି ଏଥି ପୂର୍ବେ ସୂଚିତ ହୋଇଛି । ପଲ୍ଲୀକବି ନନ୍ଦ କିଶୋର ବଳଙ୍କ କବିତାରେ 'ଅନ୍ତହୀନ ବିଦ୍ୟା ସାନ୍ତ ହିଁ କାଳ' ଏ ବାର୍ତ୍ତା ଦିଆଯାଇଛି । ସବୁ ଶାସ୍ତ୍ର ପଢିବସିଲେ ଜୀବନ ସରିଯିବ ସିନା ଶାସ୍ତ୍ର ସରିବ ନାହିଁ । ବୁଝିରଖିବାକୁ ହେବ ଯେ ସବୁ ଶାସ୍ତ୍ର ଅଧ୍ୟୟନ ଯୋଗ୍ୟ ନୁହେଁ । ସେହି ଶାସ୍ତ୍ର ଅଧ୍ୟୟନ ଯୋଗ୍ୟ ଯାହା ତତ୍ତ୍ୱଦର୍ଶନ କରାଇ ପାରୁଥିବ ଏବଂ ଅସୀମତ୍ୱ (ଭୂମା) ପ୍ରାପ୍ତିରେ ସହାୟକ ହେଉଥିବ । ଏପ୍ରକାର ଶାସ୍ତ୍ର ଅଧ୍ୟୟନ ସାଧକକୁ ବିବେକୀ ଓ ବିନୟୀ କରାଏ ଏବଂ ତାର ଆଚରଣକୁ ସଂସ୍କୃତ ଓ ସଫଳ କରାଏ । ପ୍ରକୃତ ପକ୍ଷରେ ଜୀବନ ହେଉଛି ଏକ ବିରାଟ ଓ ପ୍ରକୃଷ୍ଟ ଶାସ୍ତ୍ର । ରାମକୃଷ୍ଣ ପରମହଂସ ଏହାକୁ ନିଖୁଣ ଭାବେ ଅଧ୍ୟୟନ କରିଥିଲେ । ଏଥିରେ ରହିଛି ସାର୍ବଜନୀନନତା ଓ ମାନବିକତା । ଏହି ଅନୁଭବରେ ଦୀକ୍ଷିତ ହୋଇଥିଲେ ସ୍ୱାମୀ ବିବେକାନନ୍ଦ ।

ଜୀବନ ବଞ୍ଚିବା ପାଇଁ ଯୋଜନା ଅତ୍ୟାବଶ୍ୟକ, କିନ୍ତୁ ଏହି ଯୋଜନା ବ୍ୟାଙ୍କଜମାର ଉତ୍ତରାଧିକାରୀ ପଞ୍ଜୀକରଣ କରାଇବାରେ ନାହିଁ କିମ୍ବା ସନ୍ନ୍ୟାସ ଅବଲମ୍ବନରେ ନାହିଁ । ଯୋଜନା ସମ୍ବନ୍ଧରେ ଆମେ ସାଧାରଣତଃ ସଚେତନ ନଥାଉ । ଆମର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଆମ ମନରେ ନାନା ପ୍ରଶ୍ନ ଉଠେ, ସେସବୁ ଆମେ ଏଡାଇ ଯାଉ । ନ ଏଡାଇ ସେସବୁ ବୁଝିବସିଲେ, ଜୀବନର ମୂଲ୍ୟ କ'ଣ ତାହା ଆମେ ଜାଣିପାରିବା, ଜୀବନକୁ ଯଥାର୍ଥଭାବେ ନବୁଝି ଜୀବନ ବଞ୍ଚିବା ଶିଶ୍ନୋଦର ହୋଇ ଗଡଡାଳିକା ପ୍ରବାହରେ ଜୀବନ ବାହିନେବା ମନୁଷ୍ୟତ୍ୱ ନୁହେଁ । ତାହା ପଶୁତ୍ୱ । ପଶୁ ଜୀବନରେ ଅହେତୁକ ଭୟ ବ୍ୟସ୍ତ ବିବ୍ରତ ଭାବ ସୃଷ୍ଟିହୁଏ । ଅହଂଭାବ ନିରାକୃତି ହୋଇ ଆତ୍ମଜ୍ଞାନ ଉଦ୍ରେକ ହେଲେ ପଶୁ ଭାବ ସମ୍ଭୂତ ଯନ୍ତ୍ରଣାର ପ୍ରଶମନ ହୁଏ ଓ ମନୁଷ୍ୟ ଭାବର ପ୍ରତିଷ୍ଠା ହୁଏ ।

ଉପରୋକ୍ତ କେତୋଟି କଥା ବନ୍ଧୁ ସୌରୀବଂଧୁ କରଙ୍କ 'ବେଦାନ୍ତର ସ୍ୱର' ପୁସ୍ତକର ନିର୍ଯ୍ୟାସ । ଏହି ପୁସ୍ତକର ପ୍ରବନ୍ଧମାନ ଯିବା ଆସିବା ବାଟରୁ, ସାଙ୍ଗସାଥୀ ମେଳରେ ଆଲୋଚନାରୁ , ଆପଣାଘର ଭିତରୁ ତଥା ଶାସ୍ତ୍ର ଜ୍ଞାନରୁ ଉଦ୍ଭବ ହୋଇଛନ୍ତି ଏବଂ ଲେଖକ ମାନସ ଗର୍ଭରେ ପରିପାଳିତ ହୋଇ ଭାଷାରୂପ ପରିଗ୍ରହ କରିଛନ୍ତି । ସୌରୀବାବୁ ଦୀର୍ଘଜୀବୀ ହୁଅନ୍ତୁ ଓ ତାଙ୍କ ଲେଖନୀ ଅନେକାନେକ ଅମର ଭାବ ପ୍ରସବୀନୀ ହୋଇଥାଉ, ଏହାହିଁ ମୋର ଆନ୍ତରିକ କମନା ।

ରତାୟନୀ, ୩୯୬, ପାଇକନଗର,
ଭୁବନେଶ୍ୱର- ୭୫୧୦୦୩

❖❖

Digitized by srujanika@gmail.com

ମୁଁ ତାଙ୍କୁ ଯେମିତି ଜାଣିଛି

ବଳରାମ ମିଶ୍ର

ସୌରୀବନ୍ଧୁ କରଙ୍କ ନାଆଁ ସହିତ ମୁଁ ବହୁଦିନରୁ ପରିଚିତ । ଯେତେସବୁ ଶ୍ରମିକ ସଙ୍ଗଠନ ସଭାସମିତି ହେଉ ଅବା ବିକ୍ଷୋଭ ଆନ୍ଦୋଳନ ହେଉ ସେଥିରେ ସୌରୀବାବୁଙ୍କର ଯୋଗଦାନ ଥାଏ । ଖବର କାଗଜରେ ତାଙ୍କର ବିସ୍ତୃତ ଅଭିଭାଷଣ ସହିତ ଦୂରଦର୍ଶନରେ ଫଟୋ ଦେଖି ମୁଁ ଭାବି ନେଇଥିଲି, ସୌରୀ ବାବୁ ଜଣେ ବିପ୍ଳବୀ ନେତା ଆଉ କମୁନିଷ୍ଟିଆ ଲୋକ ହୋଇଥିବେ । କିନ୍ତୁ ଏତିକି ତଫାତ୍ ଦେଖେ ଯେ ରାଜନୀତିଆ ଲୋକମାନଙ୍କ ଭଳି ସେ ଗଳା ଫୁଟାଇ ଭାଷଣ ଦିଅନ୍ତି ନାହିଁ । ବରଂ ସେ ନିଜର ବକ୍ତବ୍ୟ ରସେଇ ମଜେଇ ଲୋକଙ୍କୁ ହସେଇ ଯେପରି ଉପସ୍ଥାପନା କରନ୍ତି ତାହା ଶ୍ରୋତାମାନଙ୍କର ହୃଦୟକୁ ସ୍ପର୍ଶ କରିଥାଏ ।

ମୁଁ ତ ଆଗରୁ ତାଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସି ନ ଥାଏ । ତଥାପି ତାଙ୍କର ଦାବୀ ଉପସ୍ଥାପନାର ଶୈଳୀ ଓ ତାତ୍ତ୍ୱିକ ଆଲୋଚନା ମୋତେ ଆକର୍ଷିତ କରିଥାଏ । ମୁଁ ଯେ ତାଙ୍କର ଜଣେ ଉଚ୍ଚ ପ୍ରଶଂସକ ଥିଲି ଏଥିରେ ସନ୍ଦେହ ନାହିଁ । କାରଣ ଜଣେ ସର୍ବଭାରତୀୟ ସ୍ତରରେ ଟ୍ରେଡ୍ ୟୁନିଅନ୍ ନେତା ଭାବରେ ସେ ଆମର ଗୌରବ ଏବଂ ଆମେ ସେଥିପାଇଁ ଗର୍ବିତ । ଶ୍ରମିକ ଓ କର୍ମଚାରୀମାନଙ୍କର ଦାବୀ ଉପସ୍ଥାପନ କରିବା ପାଇଁ ଯାଇ ସେ ଦେଶର ଶ୍ରମନୀତି ଓ ଅର୍ଥନୀତି ଉପରେ ଯେପରି ଆଲୋଚନା କରନ୍ତି ସେଥିରେ ମନେହୁଏ ସୌରୀବାବୁ ଜଣେ ମହାନ୍ ଅର୍ଥନୀତିଜ୍ଞ । ମାର୍କ୍ସବାଦ ହେଉ ଅବା ସମାଜବାଦ ହେଉ, ବାମପନ୍ଥୀ ହେଉ ଅବା ଦକ୍ଷିଣପନ୍ଥୀ ହେଉ ସେ ବାସ୍ତବରେ ଜଣେ ମାନବବାଦୀ ମଣିଷ ।

ସୌରୀବାବୁ ଜଣେ ବ୍ୟାଙ୍କ ଅଫିସର ଓ ଟ୍ରେଡ୍ ୟୁନିଅନ ନେତା ବୋଲି ମୋର ଧାରଣା ଥିଲା । ସେ ଜଣେ ସଂସ୍କୃତି ସମ୍ପନ୍ନ ଉଚ୍ଚକୋଟୀର ସାହିତ୍ୟିକ ବୋଲି ଜାଣିନଥିଲି । ଦିନେ ମୋର ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯେପରି ଉଦ୍‌ବୋଧନ ଦେଲେ ସେଥିରେ ଉପସ୍ଥିତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ, ଓ

Digitized by srujanika@gmail.com

ଛାତ୍ରୀମାନେ ମୁଗ୍ଧହୋଇ ଯାଇଥିଲେ । ତାଙ୍କ ବକ୍ତବ୍ୟର ମୁଖ୍ୟ ଆଧାର ଥିଲା ଅଧୁନାତନ ପ୍ରଚଳିତ ଶିକ୍ଷା ଓ ଶିକ୍ଷା ସମସ୍ୟା ଏବଂ ଶିକ୍ଷାୟତନ ଓ ଶିକ୍ଷକମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବୋଧ ।

ସୌରୀବାବୁଙ୍କ ସହିତ ମୋର ପ୍ରତ୍ୟକ୍ଷ ସମ୍ପର୍କ ଅଳ୍ପ ଦିନର । ମୁଁ ଯେତେବେଳେ ଓଡ଼ିଶା ଲେଖକ ସମବାୟ ସମିତିର ସଭ୍ୟ ହେଲି ସେତେବେଳେ ଜାଣିଲି ସୌରୀବାବୁଙ୍କର ସମିତିରେ ସକ୍ରିୟ ଭୂମିକା ସମ୍ପର୍କରେ । ତା'ପରେ ମୋର ଆଗ୍ରହ ହେଲା ତାଙ୍କର ସାହିତ୍ୟ ରଚନା ସମ୍ପର୍କରେ ଜାଣିବା ପାଇଁ । ସାହିତ୍ୟିକ ଭାବରେ ତାଙ୍କର ରଚନା ବହୁମୁଖୀ । ଗଳ୍ପ, ପ୍ରବନ୍ଧ, ଜୀବନୀ ଓ ଅନୁବାଦ ଠାରୁ ଆରମ୍ଭ କରି ଶିଶୁ ସାହିତ୍ୟ ଓ ଆଧ୍ୟାତ୍ମିକ ସୃଷ୍ଟି ପ୍ରତ୍ୟେକ କ୍ଷେତ୍ରରେ ସେ ଜଣେ ସିଦ୍ଧ ହସ୍ତ ଲେଖକ ।

ବାସ୍ତବରେ ଶ୍ରମିକ ନେତା, ସାହିତ୍ୟ ସାଧନା ସହିତ ସୌରୀବାବୁଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଦେଖିଲେ ସେ ଜଣେ ମହାନ୍ ସିଦ୍ଧ ସାଧକ ବୋଲି ମନେହୁଏ । ରାମକୃଷ୍ଣ ବିବେକାନନ୍ଦଙ୍କ ଠାରୁ ଆରମ୍ଭକରି ଶ୍ରୀମା, ଅରବିନ୍ଦ ଓ ମହାତ୍ମା ଗାନ୍ଧୀଙ୍କ ଭଳି ଚେତନଶୀଳ ମହାପୁରୁଷମାନଙ୍କ ସମ୍ବନ୍ଧରେ ତାଙ୍କର ତାତ୍ତ୍ୱିକ ଆଲୋଚନା ତାଙ୍କ ଉଚ୍ଚ ମାନବିକତାର ପରିଚୟ ଦିଏ ।

ସୌରୀବାବୁଙ୍କର ଆଦର୍ଶ ଓ ବ୍ୟକ୍ତିତ୍ୱ ଅନନ୍ୟ । ସେ ଯାହା କହନ୍ତି ତାହା କାର୍ଯ୍ୟରେ ପ୍ରତିଫଳନ କରି ଦେଖାଇ ଥାଆନ୍ତି । ତାଙ୍କ ଜୀବନର ମୂଳମନ୍ତ୍ର ବୋଧହୁଏ ତିନୋଟି ଶବ୍ଦ ମଧ୍ୟରେ ପର୍ଯ୍ୟବେସିତ - ଆସ୍ଥା, ବିଶ୍ୱାସ ଓ ଶ୍ରଦ୍ଧା । ସେ କୁହନ୍ତି- ଆସ୍ଥା ହେଉଛି ଅବଲମ୍ବନ ଅର୍ଥାତ୍ କୌଣସି କଥାକୁ ଆଦର କରିବା ବା ଭରସା କରିବା । ବିଶ୍ୱାସ ଅର୍ଥ ହେଲା ଯାହା ଆତ୍ମବଳ ପ୍ରଦାନ କରେ । ସେଥିରେ ଛନ୍ଦ କପଟ ନଥାଏ । ଯାହା ଉପରେ ମନୁଷ୍ୟ ଭରସା ବା ବିଶ୍ୱାସ କରି ନପାରେ ତାହାକୁ ବିଶ୍ୱାସଘାତକ କୁହାଯାଏ । ଶ୍ରଦ୍ଧା ଶବ୍ଦର ଅର୍ଥ ହେଉଛି - ହୃଦୟରେ ଧାରଣ କରିବା । ଶ୍ରଦ୍ଧା ଉନ୍ନତ ଚେତନାରୁ ଆସେ ଏବଂ ତାହା ମନୁଷ୍ୟର ଅନ୍ତର ଭିତରୁ ଜନ୍ମନିଏ । ଆସ୍ଥା ସ୍ଥୂଳ ହେଲେ ବିଶ୍ୱାସ ସୂକ୍ଷ୍ମ ଏବଂ ଶ୍ରଦ୍ଧା ସୂକ୍ଷ୍ମତମ ଅବସ୍ଥା । ଏହି ପରିପ୍ରେକ୍ଷୀରେ ଆମେ ନିଜ ଚେତନାକୁ ଜାଗ୍ରତ କରି ପାରିଲେ ଏକ ସୁସ୍ଥ ଓ ଶାନ୍ତିର ସମାଜ ଗଠନ କରିବା ସମ୍ଭବ ହେବ ।

❖❖

Digitized by srujanika@gmail.com

ସୌରୀବନ୍ଧୁ କର : ଏକ ଅମ୍ଳାନ ବ୍ୟକ୍ତିତ୍ୱ

ଭାସ୍କର ଜେନା

ଏ ମୁଣ୍ଡ ମାଳ ମାଳ ସଭ୍ୟତା ମଧ୍ୟରେ, ମଣିଷ ମାନଙ୍କର ହାଉ ଯାଉ ଭିଡ଼ ମଧ୍ୟରେ ପ୍ରକୃତ ମଣିଷଟିଏ ଖୋଜିଲେ ମିଳେନାହିଁ, ଯେଉଁ ମଣିଷଟି ପାଖରେ ମଣିଷପଣିଆ ଥାଏ, ମାନବିକତା ଥାଏ, ମହାନୁଭବତା ଥାଏ, ତ୍ୟାଗ, ଆଦର୍ଶ ଥାଏ, ମଣିଷଙ୍କୁ ଭଲ ପାଇବାର ନିଛକ ସହାନୁଭୂତି ଥାଏ, ସେଇମିତି ଏକ ଅତି ପରିଚିତ, ଆପଣାର ମଣିଷ ସୌରୀବଂଧୁ କର । ଯିଏ ନିଜର ଜୀବନକୁ ଅନ୍ୟମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବାକୁ ବ୍ରତ କରିଛନ୍ତି । ତାଙ୍କ ମହନୀୟତାର ଆଦିଅନ୍ତ ନାହିଁ । ତାଙ୍କ ହୃଦୟରେ ଗରୀବ, ଅସହାୟ ଶ୍ରମିକ, ସାଧାରଣ ନିଷ୍ପେସିତ ମଣିଷମାନଙ୍କ ପାଇଁ କରୁଣାର ଅଶ୍ରୁ ଝରିପଡ଼ୁଛି ।

ସୌରୀବଂଧୁ କର ।

ଏକ ଅମ୍ଳାନ ବ୍ୟକ୍ତିତ୍ୱ । ଏକ ମହିମାମୟ ଆଦର୍ଶର ଅଧିକାରୀ । ଆଜିର ସ୍ୱାର୍ଥସ୍ୱର୍ବସ୍ୱ ସଂସାରରେ ଏଠି କିଏ କାହାକଥା ବୁଝୁଛି ସତେ ? ସମସ୍ତେ ନିଜ ନିଜ ସ୍ୱାର୍ଥ, ସୁଖ, ସମୃଦ୍ଧିକୁ ନେଇ ବ୍ୟସ୍ତ । ଗରୀବ, ଅସହାୟମାନଙ୍କୁ ଶୋଷଣ କରି ଏକ ସାମନ୍ତବାଦୀ ଚିନ୍ତାଧାରା ନେଇ ଅନ୍ୟକୁ ସର୍ବସ୍ୱାନ୍ତ କରିବାରେ ବ୍ୟସ୍ତ । ଏଠି କେହି କାହାର ନୁହନ୍ତି । କେବଳ ନିଜେ ନିଜର । ନିଜ ନିଜର ସ୍ୱାର୍ଥ ହାସଲ କରିବାପାଇଁ ଗରୀବଙ୍କ ତଣ୍ଡି କାଟିବାରେ ଶେଷ ନାହିଁ । ସତେ ଯେମିତି ମଣିଷଟା ଏକ ହିଂସ୍ର ପଶୁ ପାଲଟି ଯାଇଛି । ତା' ପାଖରେ ଆଜି ଜଣେ ସାମାଜିକ ମଣିଷ ହିସାବରେ ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, କୁଆଡ଼େ ଉଭେଇ ଗଲାଣି । ଆମେ ଏ ସମାଜର, ଏ ଦେଶର, ଜଣେ ଜଣେ ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟକ୍ତି ଏବଂ ଆମର ସମାଜ ପ୍ରତି, ଏ ଦେଶ ଦୁନିଆ ପ୍ରତି, ସମ୍ପର୍କିତ ମଣିଷମାନଙ୍କ ପାଇଁ କିଛି କର୍ତ୍ତବ୍ୟବୋଧ ଅଛି, ଏକଥା ଆମେ ଭୁଲି ଯାଇଛୁ ।

ହେଲେ ସୌରୀବଂଧୁ କର ନିଆରା ମଣିଷଟିଏ । ଏକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ, ଆଜିର କଳୁଷିତ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାପାଇଁ ସେ ଅହରହ ଚେଷ୍ଟିତ । ତେଣୁ ସେ ଗରୀବ, ଖଟିଖିଆ, ଦିନ ମଜୁରିଆ, ଅସହାୟମାନଙ୍କ

Digitized by srujanika@gmail.com

ସେବାରେ ନିଜକୁ ହଜେଇ ଦେଇଛନ୍ତି । ଲେବର ୟୁନିଅନ, ଟ୍ରେଡ୍ ୟୁନିୟନ, ବିଭିନ୍ନ ଏମ୍ପ୍ଲଇଜ ୟୁନିଅନ ମାଧ୍ୟମରେ ସେମାନଙ୍କ ସୁଖ, ଦୁଃଖରେ ନିଜକୁ ସାମିଲ କରି ସେମାନଙ୍କ ଉନ୍ନତି କଳ୍ପେ ଦିନରାତି ଅଣନିଃଶ୍ୱାସୀ ହୋଇ ଧାଇଁଛନ୍ତି । ଜୀବନର ପ୍ରତିଟି ମୁହୂର୍ତ୍ତ ସେମାନଙ୍କ ସେବାରେ ଉତ୍ସର୍ଗ କରିଛନ୍ତି । ବାମ ଚିନ୍ତାଧାରରେ ନିଜକୁ ହଜେଇ ଦେଇ ଏକ ଶୋଷଣ ମୁକ୍ତ ସମାଜ ଗଠନର ସ୍ୱପ୍ନ ଦେଖିଛନ୍ତି ।

ତାଙ୍କ ସାହିତ୍ୟିକ ଜୀବନ ମଧ୍ୟ ଆମପାଇଁ ଏକ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବନି । ସେ ଜଣେ ସମକାଳୀନ ନିଛକ ବାସ୍ତବବାଦୀ ସାହିତ୍ୟିକ । ତାଙ୍କ ବକ୍ତବ୍ୟ ଖୁବ୍ ସ୍ପଷ୍ଟ । ଚିନ୍ତାଧାରା ଖୁବ୍ ବ୍ୟାପକ । ତାଙ୍କ ଲେଖାର କୋଣ ଅନୁକୋଣରେ ଫୁଟିଉଠେ ଏକ ସୁସ୍ଥ ସମାଜ ଗଠନ କରିବାର ନକ୍ସା । ହଜି ଯାଉଥିବା ସମାଜିକ ମୂଲ୍ୟବୋଧକୁ ସାଉଁଟି ଆଣି ସେ ଗଳ୍ପ, କବିତା, ପ୍ରବନ୍ଧ ମାଧ୍ୟମରେ ସମାଜକୁ ଅନେକ ଦିଗ୍‌ଦର୍ଶନ ଦେଇଅଛନ୍ତି । ସେ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ, ଲଳିତ ନିବନ୍ଧ ଲେଖି ଓଡ଼ିଶାର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧି କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି । ଗାନ୍ଧୀ, ରାମକୃଷ୍ଣ, ବିବେକାନନ୍ଦ, ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଅଛି । ତେଣୁ ସେ ଗାନ୍ଧୀ, ବିବେକାନନ୍ଦ, ରାମକୃଷ୍ଣ, ଆମ୍ବେଦକରଙ୍କୁ ନେଇ ଅନେକ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରିଛନ୍ତି । ଓଡ଼ିଶାର ପୁରପଲ୍ଲୀରେ ବୁଲିବୁଲି ସାହିତ୍ୟକୁ ଜୀବନ ସହିତ ସଂଯୋଗ ସୃଷ୍ଟିକରି ଏକ ମହାର୍ଘ୍ୟ ଜୀବନ ସୃଷ୍ଟି କରିବାକୁ ଅହରହ ଲାଗିପଡ଼ିଛନ୍ତି । ସେ ଜଣେ ପ୍ରତିଷ୍ଠିତ ସ୍ତମ୍ଭକାର ଅଟନ୍ତି । ବିଭିନ୍ନ ସମ୍ବାଦପତ୍ର ମାଧ୍ୟମରେ ଦେଶ ଦୁନିଆର ତତ୍କାଳୀନ ଘଟଣାବଳୀ ଓ ସାମାଜିକ ସମସ୍ୟାମାନଙ୍କୁ ନେଇ ବହୁ ସ୍ତମ୍ଭ ଲେଖି ସାଧାରଣ ଜନତାଙ୍କ ପାଖରେ ବେଶ ଲୋକପ୍ରିୟ ହୋଇ ପାରିଚନ୍ତି ।

ସୌରୀବାବୁଙ୍କ ସମ୍ପର୍କରେ ଆଲୋଚନା ହେଲାବେଳେ ବିସ୍ମିତ ହେବାକୁ ହୁଏ । ସତେ ଯେମିତି ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ନାହିଁ । ତାଙ୍କ ତ୍ୟାଗ, ଆଦର୍ଶର ବ୍ୟାପକତା ଏତେ ଲମ୍ବା, ଚଉଡ଼ା ଯେ- ଆମଭଳି ସାଧାରଣ ଲୋକମାନଙ୍କ ପକ୍ଷରେ କଳନା କରିବା କଷ୍ଟ ହୋଇପଡ଼େ । ସେ ଏମିତି ଏକ ବିଶାଳ ବରଗଛ, ଯାହାର ଛାଇତଳେ ଆଶ୍ରୟ ନେଲେ କିଛି ଭରସାର ଆତ୍ମସନ୍ତୋଷ ମିଳେ । ଯେକୌଣସି ମୁହୂର୍ତ୍ତରେ ଯିଏ ତାଙ୍କ ପାଖକୁ ଯାଇଛି, ସେ ତତ୍‌କ୍ଷଣାତ୍ ଶ୍ରଦ୍ଧାର ହାତଟିଏ ବଢ଼ାଇ ଦେଇ ସ୍ନେହରେ କୋଳେଇ ନେଇଛନ୍ତି । କେତେବେଳେ କାହାକୁ ନିରାଶ କରି ନାହାନ୍ତି । କିମ୍ବା ଆଜି କାଲିର କପଟୀ ମଣିଷମାନଙ୍କ ପରି ନିଜର ଦ୍ୱୈତ୍ୟ ବ୍ୟକ୍ତିତ୍ୱର ଅଭିନୟ ଦେଖାଇ ନାହାନ୍ତି ।

Digitized by srujanika@gmail.com

ଏଠି ମଣିଷ ମାନଙ୍କର ହାଟ ଲାଗିଛି, ହେଲେ ମଣିଷ ପଣିଆ ଥିବା ମଣିଷ ସେ ହାଟରେ କେତେଜଣ ମିଳନ୍ତି ? ଯାହାଙ୍କ ହୃଦୟର କାନ୍‌ଭାସରେ କେବଳ ସ୍ନେହ, ମମତା, ଦୟା, ମାୟା, ଉଦାରତାର ପ୍ରତିଛବି ଲିପିବଦ୍ଧ ହୋଇରହିଛି । ଗରୀବ, ଅସହାୟ ମଣିଷମାନଙ୍କୁ ସାହାଯ୍ୟ କରିବାର ଅଦମ୍ୟ ଇଚ୍ଛା ଭରି ରହିଛି । ସେ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱ । ଆମଭଳି ସାଧାରଣ ମଣିଷଟିଏ ହୋଇ ମଧ୍ୟ ସେ ଏକ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇ ପାରିଛନ୍ତି । ଯାହା ଫଳରେ ସମଗ୍ର ଭାରତ ବର୍ଷର ଶ୍ରମିକ ଶ୍ରେଣୀର ଗରୀବ, ନିଷ୍ପେସିତ, ଅବହେଳିତ ଲୋକମାନଙ୍କର ଖୁବ୍ ନିକଟତର ବ୍ୟକ୍ତିତ୍ୱ ଭାବରେ ପୂଜା ପାଉଛନ୍ତି ।

କାନରା ବ୍ୟାଙ୍କର ଜଣେ ଦାୟିତ୍ୱସମ୍ପନ୍ନ କର୍ମଚାରୀ ହୋଇ ମଧ୍ୟ ସେ ବହୁ ସାହିତ୍ୟ, ସଂସ୍କୃତି, ଶ୍ରମିକ ସଂଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ହସି ହସି ସମ୍ଭାଳି ନେଇଛନ୍ତି । ସେଥିପାଇଁ ଆମେ ବେଳେ ବେଳେ ସୈରୀ ବାବୁଙ୍କୁ ଅନୁଷ୍ଠାନଟିଏ କହିଥାଉଁ, ସେ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି, ଗୋଟିଏ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନି । ତାଙ୍କ ବହୁମୁଖୀ ପ୍ରତିଭାର ଜ୍ୱଳନ୍ତ ନମୁନା ହେଉଛି - ତାଙ୍କୁ ସାହିତ୍ୟ ସଭାମାନଙ୍କରେ ଦେଖିଲେ ଖୁବ୍ ମେଧାବୀ, ଗୁଣିବାନ, ବ୍ୟକ୍ତିତ୍ୱ ଭାବରେ ଜାଣିହୁଏ । ଧର୍ମ, ସଂସ୍କୃତି ସଭାମାନଙ୍କରେ ଭାଷଣ ଦେଲାବେଳେ ଖୁବ୍, ନମ୍ର, ଉଦାର, ବିନୟ ମନେ ହୁଅନ୍ତି । କେବେ କେବେ ଶ୍ରମିକ ୟୁନିଅନ, ଟ୍ରେଡ୍ ୟୁନିଅନ୍‌ରେ ଭାଷାଣ ଦେଉଥିବାର ଦେଖିଲେ ତାଙ୍କ ଗୁରୁଗମ୍ଭୀର ଭାଷଣ ଜଣେ ନିଆରା ଶ୍ରମିକ ନେତା ଭାବରେ ଦେଖିବାକୁ ମିଳେ ।

ଅନେକ ସମୟରେ ନିରୋଳାରେ ଭେଟହେଲେ ଆମ୍ଭମାନଙ୍କ ମନ ଭିତରେ ଲୁଚି ରହିଥିବା ଅନେକ ଅଛିଡ଼ା ପ୍ରଶ୍ନ ତାଙ୍କ ଉପରେ ଅଜାଡ଼ି ଦେଇଥାଉଁ । ହେଲେ ସେ ଖୁବ୍ ନିର୍ବିକାର ଚିତ୍ତରେ ସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇଥାଆନ୍ତି ଏବଂ ସେ ଆମକୁ ସବୁବେଳେ ସେଇ ଗୋଟିଏ କଥା କୁହନ୍ତି - ତୁମେ ପ୍ରଥମେ ନିଜକୁ ଚିହ୍ନ । ତାପରେ ଦେଶ ଦୁନିଆକୁ ଆଖିମେଲି ଚାହଁ । ଦେଖିବ ତୁମ ଚାରିପଟେ ବହୁ ଦୁଃଖୀ, ରଙ୍କି, ଗରୀବ ଲୋକମାନେ ବଞ୍ଚିବା ପାଇଁ ଜୀବନ ସହିତ, ସମୟ ସହିତ ସଂଗ୍ରାମ କରୁଛନ୍ତି । ସେମାନଙ୍କ ପାଖକୁ ଯାଅ । ଶ୍ରଦ୍ଧାରେ ହାତଟିଏ ବଢ଼ାଇ ଦିଅ । ସାହାଯ୍ୟ କର । ସେମାନଙ୍କ ମୁହଁରେ ଭାଷା ଦିଅ । ପେଟକୁ ମୁଠେ ଦାନା ଦିଅ । ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ମିଶାଇ ମଥା ସଳଖି ବାଟ ଚାଲିବାକୁ ପ୍ରେରଣା ଦିଅ । ଦେଖିବ ତୁମ ଜୀବନ ଧନ୍ୟ ହେବ । ଏମିତି ସାଧାରଣ ଭାବରେ ଖାଇପିଇ ବଞ୍ଚିବା ଜୀବନ ନୁହେଁ, ତୁମ ଜୀବନର ମହାନତା ପ୍ରତିପାଦିତ କର । ମଣିଷ ସହିତ ମଣିଷକୁ

Digitized by srujanika@gmail.com

ଏକ ସ୍ନେହ, ଶ୍ରଦ୍ଧାର ଅଠାରେ ଯୋଡ଼ । ଦେଖିବ ଏ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ । ଗାନ୍ଧିଜୀଙ୍କ ସ୍ୱପ୍ନର ରାମରାଜ୍ୟ ପ୍ରତିଷ୍ଠା ହେବ ।

ସେକଥା ଛଳରେ କୁହନ୍ତି- ସଂସାରରେ କିଛି ଅସମ୍ଭବ ନୁହେଁ । ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ, ନେତାଜୀ ସୁବାସ ଚନ୍ଦ୍ର ବୋଷ ଆମଭଳି ମଣିଷ ଥିଲେ । ନିଜର ଇଚ୍ଛାଶକ୍ତି, କଠିନ ଅଧ୍ୟବସାୟ, କାର୍ଯ୍ୟଦକ୍ଷତା, ପ୍ରଜ୍ଞାଶକ୍ତି ଓ ପ୍ରତୀଭା ବଳରେ ସେମାନେ ଜଣେ ଜଣେ ଯୁଗପୁରୁଷ ହୋଇ ପାରିଛନ୍ତି । ତୁମ୍ଭେମାନେ ସେମାନଙ୍କ ବଂଶଧର । ତାଙ୍କରି ମାର୍ଗ ଦର୍ଶନରେ ଉଦ୍‌ବୁଦ୍ଧ ହୋଇ କଠିନ ପରିଶ୍ରମ କଲେ ତୁମ୍ଭେମାନେ ବି ସେଇ ମାର୍ଗରେ ଯାଇ ଏକ ଇତିହାସ ସୃଷ୍ଟି କରିପାରିବ ।

ଦୁନିଆଟା ଗୋଟିଏ ରଙ୍ଗମଞ୍ଚ । ଆମେସବୁ ଜଣେ ଜଣେ ଅଭିନେତା । ତେଣୁ ଦୁନିଆ ରଙ୍ଗମଞ୍ଚରେ ଆମେ ରାମଚନ୍ଦ୍ର ଭୂମିକାରେ ଅଭିନୟ ନ କରି ରାବଣ ଭୂମିକାରେ କାହିଁକି ଅଭିନୟ କରିବା ? ଆମେ ସିନା ଗାନ୍ଧୀ, ଗୋପବନ୍ଧୁ ହୋଇ ପାରିବାନି, ହେଲେ ସମାଜରେ ତାଙ୍କରି ଆଦର୍ଶକୁ ତ ବଞ୍ଚେଇ ରଖି ସମାଜର ଲୋକମାନଙ୍କ ସତ୍‌ମାର୍ଗରେ ରାସ୍ତା ଦେଖାଇ ପାରିବା ?

ସୌରୀ ବାବୁ ଆମ ଦେଶ ପାଇଁ, ଜାତି ପାଇଁ ଏକ ବିରଳ ପ୍ରତିଭା । ଆଜିର ଏହି ଶୁଭ ଆବସରରେ ଆମେ ତାଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରୁଛୁ । ସେ ଦୀର୍ଘଜୀବି ହୁଅନ୍ତୁ । ତାଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି ହେଉ, ଏହାହିଁ ଆମର ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

Qrs No. 2RB-95, Road No-1,
Unit-9, Bhubaneswar, Ph.- 2396910

❖❖

Digitized by srujanika@gmail.com

ଚିହ୍ନି ଚିହ୍ନାଇବାର ସଫଳ ଉଦ୍ୟମ : ହରେକୃଷ୍ଣ ମହତାବ

ସମୀକ୍ଷା

ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଭାରତୀୟ ସାହିତ୍ୟର ସଫଳ ରୂପାୟନ କ୍ଷେତ୍ରରେ ଜାତୀୟ ପୁସ୍ତକ ନ୍ୟାସର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ପ୍ରାଦେଶିକ ସ୍ତରର ଭାଷା ମଧ୍ୟରେ ଏକ ସଂଯୋଗର ସେତୁ ଭାବରେ କାର୍ଯ୍ୟ କରିବା ସହିତ ବହୁ ମୂଲ୍ୟବାନ ପୁସ୍ତକର ପ୍ରକାଶନ ଦାୟିତ୍ୱ ଗ୍ରହଣ କରି ଏହା ଏକ ମର୍ଯ୍ୟାଦାବନ୍ତ ଆସନରେ ଅଧିଷ୍ଠିତ ହୋଇପାରିଛି । ଶିଶୁ ସାହିତ୍ୟଠାରୁ ବିଦଗ୍ଧ ସାହିତ୍ୟ ଯାଏ ପ୍ରତ୍ୟେକ କ୍ଷେତ୍ରରେ ନ୍ୟାସର ଭୂମିକା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଏଇ କେତେବର୍ଷ ଧରି ଓଡ଼ିଶାର ବରପୁତ୍ରମାନଙ୍କର ଜୀବନୀ ପୁସ୍ତକ ପ୍ରକାଶନରେ ନ୍ୟାସ ଏକ ନୂତନ ଭୂମିକା ଗ୍ରହଣ କରିଛି । ତନ୍ମଧ୍ୟରେ ହରେକୃଷ୍ଣ ମହତାବ ପୁସ୍ତକଟି ଆମର ହସ୍ତଗତ ହୋଇଛି । ଓଡ଼ିଶାର ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ତଥା ଧୂରୀଣ ରାଜନୀତିଜ୍ଞ, ସର୍ବୋପରି ଓଡ଼ିଆ ସାହିତ୍ୟର ଅନ୍ୟତମ ପୃଷ୍ଠପୋଷକ ଡକ୍ଟର ହରେକୃଷ୍ଣ ମହତାବଙ୍କର ଜୀବନର ପ୍ରତ୍ୟେକଟି କାର୍ଯ୍ୟାବଳୀକୁ ନେଇ ଓଡ଼ିଶାର ଆଗଧାଡିର ସ୍ତମ୍ଭକାର ତଥା ପ୍ରବନ୍ଧିକ ସୌରୀବଂଧୁ କର ଏ ମୂଲ୍ୟବାନ ପୁସ୍ତକଟି ରଚନା କରିଛନ୍ତି । ଅବଶ୍ୟ ଡଃ ମହତାବଙ୍କର ଆତ୍ମଜୀବନୀ ସାଧନାର ପଥେ ଓ ଆରବ ସାଗରରୁ ଚିଲିକା ପୁସ୍ତକ ଦୁଇଟି ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରକାଶ କରିଥିଲେ । ଅନେକ ଓଡ଼ିଆ ପାଠକ ଏ ବହି ଦେଖିବାର ସୁଯୋଗଲାଭ କରିନାହାଁନ୍ତି । ପରବର୍ତ୍ତୀ କାଳରେ ଡକ୍ଟର ମହତାବଙ୍କର ଜୀବନୀ ମଧ୍ୟ ଅନେକ ଲେଖିଛନ୍ତି । ତେବେ ଏ ଜୀବନୀର ସ୍ୱାଦ ଭିନ୍ନ ଧରଣର । ଡଃ ମହତାବଙ୍କର କର୍ମମୟ ଜୀବନର ଇତିହାସ ହିଁ ତତ୍କାଳୀନ ଓଡ଼ିଶାର ଇତିହାସ । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ହେଉ, ଓଡ଼ିଶାର ନିର୍ମାଣ ଧାରା ହେଉ ଅଥବା ଓଡ଼ିଶାର ସଂସ୍କୃତିକ ପରିମଣ୍ଡଳ ସୃଷ୍ଟି ହେଉ, କେଉଁଥିରେ ଡଃ ମହତାବଙ୍କର ସଫଳତାର ସ୍ପର୍ଶଲାଗି ନାହିଁ ଏକଥା ଯେକେହି ମୁକ୍ତ କଣ୍ଠରେ ସ୍ୱୀକାର କରିବେ । ପୁସ୍ତକଟିରେ

Digitized by srujanika@gmail.com

ଚଉଦଟି ପରିଚ୍ଛେଦ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଥମ ପରିଚ୍ଛେଦଟି ପ୍ରାକ୍‌ଭାଷା । ଏଥିରେ ବାଲ୍ୟ ଜୀବନରୁ ଆଦ୍ୟ କର୍ମମୟ ଜୀବନର ସଫଳ ରୂପାୟନ କରାଯାଇଛି । ଦ୍ୱିତୀୟ ପରିଚ୍ଛେଦ- ସ୍ୱାଧୀନତା ଆନ୍ଦୋଳନର ରଥୀ ଶୀର୍ଷକରେ ବାଲେଶ୍ୱର ଜିଲ୍ଲାର କଂଗ୍ରେସ ସଂପାଦକ ଭାବରେ ମହତାବଙ୍କର କାର୍ଯ୍ୟାବଳୀ ସହିତ ସର୍ବଭାରତୀୟ ସ୍ତରରେ ଅସହଯୋଗ ଆନ୍ଦୋଳନ, କନିକା ପ୍ରଜା ଆନ୍ଦୋଳନ, ଜେଲ୍ ଜୀବନ, କୃଷକ ଆନ୍ଦୋଳନ, ପ୍ରଜାମଣ୍ଡଳ ଆନ୍ଦୋଳନ, ରଣପୁର ପ୍ରଜା ଆନ୍ଦୋଳନ, ବ୍ୟକ୍ତିଗତ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ପ୍ରଭୃତିରେ ତାଙ୍କର ପ୍ରତ୍ୟକ୍ଷ ସଂପୃକ୍ତି ସଂପର୍କରେ ବିଶଦ ଆଲୋଚନା ଦେଖିବାକୁ ମିଳେ ।

ତୃତୀୟ ପରିଚ୍ଛେଦଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ରାଜନୀତିରେ ମହତାବଙ୍କର ଭୂମିକା ସଂପର୍କୀୟ ଆଲୋଚନାକୁ ନେଇ ରାଜନୈତିକ ନେତୃତ୍ୱ ନୂତନ ଓଡ଼ିଶା ଗଠନରେ ବ୍ରତୀ ଶୀର୍ଷକରେ ଉପସ୍ଥାପନ କରାଯାଇଛି । ନବ ଉତ୍କଳର ଅନ୍ୟତମ ବିଧାତା ଭାବରେ ସ୍ୱାଧୀନତା ପରେ ମହତାବ ଯେଉଁ ଲୋକହିତକର କାର୍ଯ୍ୟମାନ କରିଥିଲେ, ତାର ବିଶଦ ବିବରଣୀ ଏହି ଅଧ୍ୟାୟରେ ହିଁ ରୂପାୟିତ ହୋଇଛି । ହୀରାକୁଦ ବନ୍ଧ ନିର୍ମାଣ, ଗଡ଼ଜାତ ମିଶ୍ରଣ, ଷଢେଇକଳା ଓ ଖରସୁଆଁ, ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, କେନ୍ଦ୍ରରେ ମନ୍ତ୍ରୀପଦ ଗ୍ରହଣ ତଥା ବମ୍ବେର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ ଆଦି ବହୁ ଘଟଣାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜୀବନୀକାର ଶ୍ରୀ କର ଉପସ୍ଥାପନ କରିଛନ୍ତି । ଚତୁର୍ଥ ପରିଚ୍ଛେଦରେ ଶୀର୍ଷକ ଗାନ୍ଧୀ ଦର୍ଶନର ଏକାନ୍ତ ଅନୁରକ୍ତ ରଖାଯାଇଛି । ନିଜର ଛାତ୍ର ଜୀବନରୁ ମହତାବ ଗାନ୍ଧୀଜୀଙ୍କର ଆଦର୍ଶ ତଥା ବିଚାର ଧାରାରେ ଅନୁପ୍ରାଣିତ ହୋଇଛନ୍ତି । ତତ୍ ସଂପର୍କୀୟ ଆଲେଖ୍ୟ ଏ ଅଧ୍ୟାୟରେ ସଂକ୍ଷେପରେ ପ୍ରଦାନ କରାଯାଇଛି । ସେହିପରି ୫ମ ଅଧ୍ୟାୟରେ ଧୁରୀଣ ରାଜନୀତିଜ୍ଞ ଓ ନବଉତ୍କଳର ନିର୍ମାଣ, ଷଷ୍ଠ ଅଧ୍ୟାୟରେ ନିଜର ମାନସ ସନ୍ତାନ ପ୍ରଜାତନ୍ତ୍ରର ଜନ୍ମ କଥା ସଂପର୍କରେ ପ୍ରଜାତନ୍ତ୍ର ଓ ପ୍ରଜାତନ୍ତ୍ର ପ୍ରଚାର ସମିତିର ସ୍ରଷ୍ଟା କ୍ରମରେ ଆଲୋକପାତ କରାଯାଇଛି ।

ଓଡ଼ିଆ ସାହିତ୍ୟର ଆନ୍ଦୋଳନରେ ଝଙ୍କାର ତଥା ବିଷୁବ ମିଳନ ମହତାବଙ୍କର ଦୂରଦୃଷ୍ଟିରୁ ଅନନ୍ୟ ନିଦର୍ଶନ । ବହୁ ସାହିତ୍ୟିକଙ୍କୁ ତିଆରି କରିବାରେ ଏ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାହିତ୍ୟିକମାନଙ୍କୁ ଏକତ୍ରିତ କରାଇ ସଂପ୍ରୀତିର ଡୋରି ବାନ୍ଧିବାର ଅଭିନବ କୌଶଳ ଥିଲା ବିଷୁବ ମିଳନ । ଏହି ସଂପର୍କରେ ଏ ପୁସ୍ତକର ସପ୍ତମ ଅଧ୍ୟାୟରେ ଆଲୋକପାତ କରାଯାଇଛି । ୮ମ ଅଧ୍ୟାୟରେ ମହତାବଙ୍କର ସାହିତ୍ୟ ସାଧନା ସଂପର୍କିତ ବିଶଦ ଆଲୋଚନା, ୯ମ ଅଧ୍ୟାୟରେ ଜଣେ ସଂସ୍କାରକ ଭାବରେ ମହତାବଙ୍କର

Digitized by srujanika@gmail.com

କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରାଯାଇଛି । ୧୦ମ ଅଧ୍ୟାୟରେ ମହତାବଙ୍କର ରାଜନୈତିକ ଦର୍ଶନ ସଂପର୍କୀୟ ଆଲୋଚନା ପ୍ରକାଶ ପାଇଛି । ସତ୍ୟବାଦୀର ସାଧକମାନଙ୍କ ସହିତ ମହତାବଙ୍କର ସଂପର୍କକୁ ନେଇ ୧୧ଶ ଅଧ୍ୟାୟଟି ଗତିଶୀଳ ହୋଇଛି ।

୧୨ଶ ଅଧ୍ୟାୟରେ ମହତାବଙ୍କୁ ଅନ୍ୟମାନେ ଯେପରି ଜାଣିଛି, ତାର ପରିପ୍ରକାଶ ଅନ୍ୟମାନଙ୍କ ଦୃଷ୍ଟିରେ ଶୀର୍ଷକରେ ରୂପାୟିତ ହୋଇଛି । ବଲ୍ଲଭଭାଇ ପଟେଲ, ସି. ରାଜଗୋପାଳଚାରୀ, ଲେଡି ମାଉଣ୍ଟ ବ୍ୟାଟେନ, ପଣ୍ଡିତ ନେହେରୁ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ନନ୍ଦକିଶୋର ଦାସ, ଚିନ୍ତାମଣି ମିଶ୍ର, ଫତୁରାନନ୍ଦଙ୍କ ଭଳି ଭାରତ ତଥା ଓଡ଼ିଶାର ବହୁ ପ୍ରଖ୍ୟାତ ବ୍ୟକ୍ତି ମହତାବ ସଂପର୍କରେ ଯେଉଁ ନିରାଟ ସତ୍ୟକଥା ଉଲ୍ଲେଖ କରିଛନ୍ତି, ତାର ଏକ ସଫଳ ସଂଯୋଜନା ଜୀବନୀକାର ଏଥିରେ ଉପସ୍ଥାପନ କରିବାକୁ ଭୁଲିନାହାଁନ୍ତି । ୧୯୮୭ ମସିହା ଜାନୁଆରୀ ୨ ତାରିଖରେ ଡକ୍ଟର ମହତାବଙ୍କର କର୍ମମୟ ଜୀବନର ଅବସାନ ଘଟେ । ଏହି ମହାନାୟକଙ୍କର ମହାଯାତ୍ରାସଂପର୍କୀୟ ପୂର୍ଣ୍ଣ ବିବରଣୀ । ମହାନ୍‌ର ମହାଯାତ୍ରା କ୍ରମରେ ୧୩ଶ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ।

ଚତୁର୍ଦ୍ଦଶ ଅଧ୍ୟାୟଟି ଉପସଂହାର ନାମରେ ନାମିତ । ଡଃ. ମହତାବଙ୍କର ବ୍ୟକ୍ତିତ୍ୱକୁ ଆକଳନ କରିବାର ପ୍ରଚେଷ୍ଟା ଜୀବନୀକାର କରିଛନ୍ତି । ନିନ୍ଦା ପ୍ରଶଂସାର ବହୁ ଉର୍ଦ୍ଧ୍ୱରେ ରହି ଡ଼ଃ ମହତାବ କିପରି ଉଜ୍ଜ୍ୱଳ ହୋଇଉଠିଛନ୍ତି ତାହା ଏଥିରେ ପ୍ରତିଫଳିତ ହୋଇଛି । ପୁସ୍ତକଟିର ଅନ୍ୟତମ ବୈଶିଷ୍ଟ୍ୟ ହେଲା ପରିଶିଷ୍ଟ ଅଧ୍ୟାୟ । ଏଥିରେ ଡ଼ଃ ମହତାବଙ୍କର ଜୀବନର କ୍ରମିକ ଘଟଣାବଳୀ, ତାଙ୍କ ଲିଖିତ ତଥା ପ୍ରକାଶିତ ସମସ୍ତ ପୁସ୍ତକର ତାଲିକା, ତାଙ୍କର ଅନୁଷ୍ଠାନ ଓ ସେ ଲାଭ କରିଥିବା ଉପାଧି ସଂପର୍କୀୟ ବିଶଦ ବିବରଣୀ ଏଥିରେ ସ୍ଥାନ ପାଇଛି । ଯାହାକି ପାଠକ ତଥା ଗବେଷକଙ୍କୁ ବେଶ୍‌ସହାୟତା ଯୋଗାଇବ । ବହୁ ଗ୍ରନ୍ଥକୁ ଅନୁଶୀଳନକରି ଲେଖକ ସୌରୀବଂଧୁ କର ଆମ ପାଇଁ ଯେଉଁ ହରେକୃଷ୍ଣ ମହତାବ ପୁସ୍ତକଟି ଉପହାର ଦେଇଛନ୍ତି, ବାସ୍ତବରେ ସେ ପ୍ରଶଂସାର ଯୋଗ୍ୟ । ମହତାବଙ୍କୁ ଚିହ୍ନି ଚିହ୍ନାଇବାରେ ପୁସ୍ତକ ଯେ ପ୍ରମୁଖ ଭୂମିକା ଗ୍ରହଣ କରିବ ଏଥିରେ ଦ୍ୱିମତ ହେବାର ପ୍ରଶ୍ନ ଉଠୁନାହିଁ । ଏ ବହି ସର୍ବଭାରତୀୟ ସ୍ତରରେ ଅନ୍ୟାନ୍ୟ ଭାଷାରେ ଅନୂଦିତ ହେବା ଆବଶ୍ୟକ । ନ୍ୟାସ ତରଫରୁ ପ୍ରକାଶିତ ସମସ୍ତ ବହିର ପ୍ରଦର୍ଶନ ଓଡ଼ିଶାର ବ୍ଲକସ୍ତରରେ କରାଗଲେ ଗ୍ରାମାଞ୍ଚଳର ବହୁପାଠକ ଉପକୃତ ହେବେ ।

ଅନୁପମ ଭାରତ , ତା ୨୭/୦୫/୦୭

Digitized by srujanika@gmail.com

ଗଦ୍ୟସ୍ରଷ୍ଟା ସୌରୀବଂଧୁଙ୍କ ଶ୍ରୀମା ସାରଦାଦେବୀ

ବିରାଜ ମୋହନ ଦାସ

ସୌରୀବଂଧୁ କର ଓଡ଼ିଆ ଗଦ୍ୟ ସାହିତ୍ୟ କ୍ଷେତ୍ରରେ ଏକ ପରିଚିତ ନାମ । ଶ୍ରୀ ଶ୍ରୀ ପରମହଂସ ରାମକୃଷ୍ଣ, ଶ୍ରୀମା ସାରଦାଦେବୀ, ବିବେକାନନ୍ଦ, ରାଷ୍ଟ୍ର ନିର୍ମାତା ନେହେରୁ ଓ ହରେକୃଷ୍ଣ ମହତାବ ଆଦି ଜୀବନୀ ପୁସ୍ତକ, ବେଦାନ୍ତର ସ୍ୱର, ବିବେକାନନ୍ଦ ବିଚାରଧାରା-୧, ବିବେକାନନ୍ଦ ବିଚାର ଧାରା-୨ ଓ ଗାନ୍ଧି ବିଚାର ଧାରା ଆଦି ତତ୍ତ୍ୱ ଧର୍ମୀ ପୁସ୍ତକ, ମୋଭାଷା ମୋ ସାହିତ୍ୟ ପ୍ରବନ୍ଧ ପୁସ୍ତକ ସମେତ ପ୍ରଥମା, ନିଷ୍ପ୍ରଭ ଏକଲବ୍ୟ, ନରୋତ୍ତମ ଷଡଙ୍ଗୀର ଡାଏରୀ ଆଦି କ୍ଷୁଦ୍ରଗଳ୍ପ ସଙ୍କଳନ ତାଙ୍କ ସାରସ୍ୱତ ସାଧନାର ସ୍ୱାକ୍ଷର ବହନ କରିଛି । ସେ ମଧ୍ୟ ବାମପନ୍ଥୀ କର୍ମଚାରୀ ସଂଘ ଏବଂ ଶ୍ରମିକ ସଂଗଠନର ଜଣେ ଆଗଧାଡ଼ିର ନେତା । ସେଥିପାଇଁ ଜନ ସାଧାରଣ, ଶ୍ରମିକ ଏବଂ କର୍ମଚାରୀମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପରେ ବିତର୍କ ଆଧାରିତ, "ବ୍ୟାଙ୍କ ଘରୋଇକରଣ କାହା ସ୍ୱାର୍ଥରେ ? ଗୁଜୁରାଟର ନିଆଁ ମାନବତାବାଦର ଜୁଇ, ଜଗତୀକରଣ ଅର୍ଥନୀତିରେ ନିଯୁକ୍ତି ଓ ଓଡ଼ିଶାର ବିକାଶ, ବିସ୍ଥାପନର ସ୍ଥିତି ଓ ଗତି ଆଦି କ୍ଷୁଦ୍ର ପୁସ୍ତିକାର ରଚୟିତା ମଧ୍ୟ ସେ । ତାଙ୍କ ସହିତ ମୋର ସଂପର୍କ ଦୀର୍ଘ ପଚିଶବର୍ଷର । ପୁଣି ଏହି ସଂପର୍କ ଅଧିକ ଗଭୀର ହୋଇଛି କଥାକାର କୃଷ୍ଣ ପ୍ରସାଦ ମିଶ୍ରଙ୍କ ଇହଧାମ ତ୍ୟାଗ ବର୍ଷ, ୧୯୯୪ ମସିହାଠାରୁ । କାରଣ କୃଷ୍ଣ ପ୍ରସାଦଙ୍କ ସ୍ମୃତି ଦିବସ, ଫେବୃୟାରୀ ୧୩ ତାରିଖ ଦିନ ସେ ଓ ମୁଁ ମିଶି ଆୟୋଜନ କରି ଆସୁଛୁ ପ୍ରିୟଲେଖକଙ୍କ ଉଦ୍ଦେଶ୍ୟରେ ସାହିତ୍ୟ ସଭାଟିଏ ।

ଜଣେ ସୁସଂଗଠକ ରୂପେ ପରିଚିତ ସୌରୀବଂଧୁଙ୍କ ଠାରେ ପରିଲକ୍ଷିତ ହୋଇଥାଏ ବିବେକାନନ୍ଦଙ୍କ ବିଚାରଧାରା ପ୍ରତି ମମତ୍ୱ ଯାହାର ଭିତ୍ତି ଶ୍ରୀ ରାମକୃଷ୍ଣ

Digitized by srujanika@gmail.com

ପରମହଂସ ଏବଂ ଶ୍ରୀମା ସାରଦାଦେବୀଙ୍କ ଦ୍ୱାରା ସ୍ଥାପିତ ତଥା ପ୍ରସାରିତ । ଅନେକଙ୍କ ମନରେ ଏକ ସ୍ୱାଭାବିକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ ଯେ ବାମପନ୍ଥୀ ମତାଦର୍ଶକୁ କାର୍ଯ୍ୟପନ୍ଥା ଭାବରେ ଗ୍ରହଣ କରିଥିବା ସୌରୀବଂଧୁ ଏପଟେ କିପରି ଆଧ୍ୟାତ୍ମିକ ଚେତନା ପ୍ରତିମଧ୍ୟ ଆସ୍ଥାବାନ୍ ହୋଇପାରିଛନ୍ତି । ବାମପନ୍ଥୀ ମତାଦର୍ଶ ଏବଂ ଆଧ୍ୟାତ୍ମିକ ଚେତନା ଅର୍ଥାତ୍ ଈଶ୍ୱର ବିଶ୍ୱାସ ଦୁଇଟି ସମାନ୍ତରାଳ ସରଳରେଖା ରୂପେ ବିବେଚିତ ହୋଇଥାନ୍ତି । ଏ ଦୁଇଟିର ସମନ୍ୱୟ କ'ଣ ସମ୍ଭବ ? ଏଥିପାଇଁ ହୁଏତ ମହାପୁରୁଷମାନଙ୍କ ମତାଦର୍ଶ, ଆଧ୍ୟାତ୍ମିକ କ୍ଷେତ୍ରରେ ବାଣୀଠାରୁ ଜୀବନ ମହତ୍ତର ସେ ଯଥାର୍ଥରେ ଉପଲବ୍ଧି କରିଛନ୍ତି ଯେ ଭାରତୀୟ ପରମ୍ପରା ଓ ସାମାଜିକ ଜୀବନର ମେରୁଦଣ୍ଡ ହେଉଛି ଆଧ୍ୟାତ୍ମିକତା । ସେହି ଆଧ୍ୟାତ୍ମିକତାକୁ ଠିକ୍ ଭାବରେ ହୃଦୟଙ୍ଗମ ନକଲେ ଏଠାରେ କୌଣସି ଆନ୍ଦୋଳନ ସାଧାରଣ ଜନମାନସକୁ ପ୍ରଭାବିତ କରିବା ତଥା ତିଷ୍ଠି ରହିବା ସମ୍ଭବ ନୁହେଁ । ତାଙ୍କରି ଭାଷାରେ, "ଯେ କୌଣସି ଆଧ୍ୟାତ୍ମିକ ଆନ୍ଦୋଳନ ପାଇଁ ଧର୍ମନୀତି ଓ ଦର୍ଶନ ଉଭୟ ଆବଶ୍ୟକ । ଏହି ଦୁଇଟିରେ ସମାନତା ଓ ସମନ୍ୱୟ ରକ୍ଷା କରି ପାରିଲେ ଆଧ୍ୟାତ୍ମିକ ପୁଷ୍ଟ ଓ ବର୍ଦ୍ଧିତ ହୁଏ । ଧର୍ମନୀତି ଆଧ୍ୟାତ୍ମିକ ଆନ୍ଦୋଳନର ହୃଦୟ ହେବା ବେଳେ ଦର୍ଶନ ବା ସଂସ୍କୃତି ଏହାର ପଞ୍ଜରା ହାଡ଼ ।" (ଶ୍ରୀମା ସାରଦା ଦେବୀ, ପୃ-୧୧୮) । ନେତୃତ୍ୱ ନେଉଥିବା କର୍ମଚାରୀ ସଂଗଠନ ଓ ଶ୍ରମିକ ସଂଘର ନ୍ୟାଯ୍ୟ ହାସଲ ପାଇଁ ବାମପନ୍ଥୀ ମତାଦର୍ଶର ଅନୁବର୍ତ୍ତୀ ହୋଇଥିବା ସୌରୀବଂଧୁ ଚେତନା ଉତ୍ତରଣ ନିମିତ୍ତ ଆଧ୍ୟାତ୍ମିକତାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରନ୍ତି । ତାଙ୍କ ଦ୍ୱାରା ଲିଖିତ ଶ୍ରୀମା ସାରଦା ଦେବୀ ପୁସ୍ତକ ସଂପର୍କରେ ସୂଚନା ଦେବା ଏହି ଆଲୋଚନାର ଉଦ୍ଦେଶ୍ୟ ।

"ଶ୍ରୀ ଶ୍ରୀ ମାଙ୍କଧ୍ୟାନ'ରୁ ଆରମ୍ଭ ହୋଇ ' ଶ୍ରୀ ଶ୍ରୀ ମା'ଙ୍କର ଉପଦେଶ' ପରିଚ୍ଛେଦରେ ଶେଷ ହୋଇଛି ପୁସ୍ତକଟି । ପରିଶିଷ୍ଟରେ ସଂଯୁକ୍ତ ହୋଇଛି ସାରଦା ଦେବୀଙ୍କର ଜନ୍ମଜାତକ, ପିତୃକୁଳର ବଂଶ ପରିଚୟ ଏବଂ ତାଙ୍କ ଘଟଣାବହୁଳ ଜୀବନର ସମୟ । ଶ୍ରୀମା ସାରଦାଦେବୀ ଜଣେ ସାଧାରଣ ଗୃହିଣୀ ହୋଇ ମଧ୍ୟ ଶ୍ରୀରାମକୃଷ୍ଣ ପରମହଂସଙ୍କ ସାନ୍ନିଧ୍ୟ ଲାଭକରି କିପରି ଉଚ୍ଚତର ଆଧ୍ୟାତ୍ମିକ ଶକ୍ତିର ଅଧିକାରିଣୀ ହୋଇ ପାରିଥିଲେ ସେସବୁର ପୁଙ୍ଖାନୁପୁଙ୍ଖ ଆଲୋଚନା ଏଥିରେ ସନ୍ନିବେଶିତ । ଶ୍ରୀ ରାମକୃଷ୍ଣ, ସ୍ୱାମୀ ତୁରିୟାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ

Digitized by srujanika@gmail.com

ଯୋଗାନନ୍ଦ, ସ୍ୱାମୀ ଅଭୟାନନ୍ଦ ଓ ସ୍ୱାମୀ ଈଶାନନ୍ଦ ପ୍ରଭୃତି ଶ୍ରୀ ରାମକୃଷ୍ଣଙ୍କ ଦ୍ୱାରା ପ୍ରଦର୍ଶିତ ତଥା ନିର୍ଦ୍ଦେଶିତ ଆଧ୍ୟାତ୍ମିକ ମାର୍ଗରେ ଆସ୍ଥାବାନ୍ ସନ୍ନ୍ୟାସୀ ଏବଂ ଶିଷ୍ୟଗଣଙ୍କ ସମେତ ଏଲିଜାବେଥ ଡେଭିଡସନ, ଯୋଆନ ଲାଇନ, ଆନ୍ନା ନାଇଲୁଣ୍ଡ ଓ ରେଭରଣ୍ଡ ଆଣ୍ଟୁବି. ଲେମ୍‌କେ ଆଦି ତାଙ୍କ ସମ୍ପର୍କରେ ପ୍ରଦାନ କରିଥିବା ମତ ବା ଉକ୍ତି ଆଧାରରେ ସାରଦାଦେବୀଙ୍କ ଚରିତ୍ରାୟନ ଉପକ୍ରମଣିକା ପରିଚ୍ଛେଦର କରାଯାଇଛି । ଏହି ମତ ସବୁର ସାରକଥା ହେଉଛି, ସତ୍ୟ ଉପରେ ପର୍ଯ୍ୟବସିତ ଶ୍ରୀମାଙ୍କ ଜୀବନ ହେଉଛି ବିଶ୍ୱ ଓ ଦିବ୍ୟମାତୃତ୍ୱର ଜୀବନ, ତ୍ୟାଗ ତାଙ୍କ ଆଧାତ୍ମିକ ଚେତନାର ମୁଖ୍ୟ ଆଧାର ।

ସଦାଚାରୀ ପିତା ରାମଚନ୍ଦ୍ର ଏବଂ ସାଧାସିଧା କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ମାତା ଶ୍ୟାମା ସୁନ୍ଦରୀ ଦେବୀଙ୍କ କନ୍ୟା ଥିଲେ ସାରଦା ଦେବୀ । ତାଙ୍କର ନାମଥିଲା ଠାକୁର ମଣି ତଥା ଡାକନାମ ଥିଲା କ୍ଷେମଙ୍କରୀ । ଖୁଡ଼ୀଙ୍କର ସାରଦା ନାମ୍ନୀ ଝିଅର ମୃତ୍ୟୁ ହେବାରୁ ତାଙ୍କୁ କନ୍ୟାଶୋକ ଭୁଲାଇବା ନିମିତ୍ତ ଠାକୁର ମଣିଙ୍କୁ ସେହି ସାରଦା ନାମରେ ଡକା ଯାଇଥିଲା ଯେଉଁ ନାମରେ ସେ ସର୍ବତ୍ର ପରିଚିତା । ସେ ଲେଖାପଢ଼ା ଜାଣି ନଥିଲେ ବି ତାଙ୍କ ଆଧ୍ୟାତ୍ମିକ ସାଧନାର ଭିତ୍ତି ସଂପର୍କରେ ଯଥାର୍ଥରେ କୁହାଯାଇଛି । ‘ ଭାରତରେ ସଂସ୍କୃତି ସହିତ ସାକ୍ଷରତାର କୌଣସି ସଂପର୍କ ନଥିଲା । ଝିଅମାନଙ୍କର ଜୀବନ, ପରିବାରରେ ଧାର୍ମିକ ଜୀବନର ପରିବେଶ, ମନ୍ଦିରରେ ଉତ୍ସବ, ପୁରାଣ ଶ୍ରବଣ, ଗାଁରେ ଅଭିନୀତ ହେଉଥିବା ଆଧାତ୍ମିକ ନାଟକ ପ୍ରଭୃତି ଦେଖି ଓ ଶୁଣି ପୂର୍ଣ୍ଣତା ଲାଭ କରୁଥିଲା ।” (ପୃ-୨୩) ଏହା କେବଳ ସାରଦା ଦେବୀଙ୍କ କ୍ଷେତ୍ରରେ ନୁହେଁ ଏହି କଥା ଅନେକ ଭାରତୀୟ ଜ୍ଞାନୀ ଗୁଣୀଙ୍କ କ୍ଷେତ୍ରରେ ପ୍ରତିପାଦିତ । ଆନୁଷ୍ଠାନିକ ଶିକ୍ଷା ବା ସାକ୍ଷରତା ନଥିଲେ ମଧ୍ୟ ସେମାନେ ଉଚ୍ଚତର ଆଧାତ୍ମିକ ଜ୍ଞାନର ଅବଗାହୀ ହୋଇ ପାରିଛନ୍ତି ଏହିପରି ପାରିପାର୍ଶ୍ୱିକ ସଂସ୍କାରର ସହାୟତାରେ ।

ମାତ୍ର ପାଞ୍ଚବର୍ଷ ବୟସ ବେଳେ ତେଇଶିବର୍ଷ ବୟସ୍କ ରାମକୃଷ୍ଣଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ସାରଦା ଦେବୀ । ପରେ ଶ୍ୱଶୁରାଳୟ କାମାର ପୁକୁରରେ ସେ ତେରବର୍ଷ ବୟସ ହୋଇଥିଲା ବେଳେ ଦେଢମାସ ଓ ଚଉଦବର୍ଷ ବୟସ ବେଳେ ସାତମାସ ସମୟ ସ୍ୱାମୀ ଶ୍ରୀରାମକୃଷ୍ଣଙ୍କ ସହିତ କଟାଇଥିଲେ ।

Digitized by srujanika@gmail.com

ସେତିକିବେଳେ ଶ୍ରୀ ରାମକୃଷ୍ଣ ତାଙ୍କୁ ଈଶ୍ୱର ଏବଂ ଭକ୍ତିପୂତ ଜୀବନଧାରା ସମ୍ପର୍କରେ କିଛି ଶିକ୍ଷା ଦେଇଥିଲେ । ପରବର୍ତ୍ତୀ କାଳରେ ଈଶ୍ୱର ଚେତନାରେ ନିମଜ୍ଜିତ ଶ୍ରୀରାମକୃଷ୍ଣ ଭୁଲିଯାଇଛନ୍ତି ସାରଦା ଦେବୀଙ୍କ କଥା । ତାଙ୍କର ହାବଭାବ ତାଙ୍କୁ ଜଣେ ପାଗଳ ଭାବରେ ପ୍ରଚାରିତ କରଛି । ଫଳରେ ସାରଦା ଦେବୀଙ୍କ ପିତା ତାଙ୍କୁ ସାଙ୍ଗରେ ନେଇ ଦକ୍ଷିଣେଶ୍ୱର ଯାଇଛନ୍ତି ଶ୍ରୀରାମକୃଷ୍ଣଙ୍କ ପାଖକୁ । ସେଠାରେ ରହି ସ୍ୱାମୀ ଓ ଶାଶୂଙ୍କ ସେବାକରିବା ତାଙ୍କର ପରମ କର୍ତ୍ତବ୍ୟ ବୋଲି ସେ ସ୍ଥିର କରିଛନ୍ତି । ପ୍ରକୃତ ପକ୍ଷେ ଶ୍ରୀ ରାମକୃଷ୍ଣଙ୍କ ସାଧନାର ସିଦ୍ଧି ପାଇଁ ଶ୍ରୀ ମା' ସାରଦାଙ୍କ ତ୍ୟାଗ , ତପସ୍ୟା ଆଦି ଯେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ଏକଥା ନିଃସନ୍ଦେହରେ କୁହାଯାଇପାରେ । ପତି ପତ୍ନୀ ଦୁହେଁ ଆଧ୍ୟାତ୍ମିକ- ଉତ୍ତରଣ ନିମିତ୍ତ ପରସ୍ପରର ପରିପୂରକ ହୋଇ ଯାଇଛନ୍ତି । କାରଣ ଅନ୍ୟ ସାଧାରଣ ସ୍ତ୍ରୀମାନଙ୍କ ପରି ସାରଦାଦେବୀ ନିଜ କାମନା ଏବଂ ବାସନାର ଚରିତାର୍ଥ ପାଇଁ ସ୍ୱାମୀଙ୍କୁ ମାଧ୍ୟମ ରୂପେ ଗ୍ରହଣ ନକରି ତାଙ୍କ ଆଧ୍ୟାତ୍ମିକ ସିଦ୍ଧି ନିମିତ୍ତ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିଛନ୍ତି । ଅନୁରୂପ ଭାବରେ ଶ୍ରୀରାମକୃଷ୍ଣ ମଧ୍ୟ ତାଙ୍କୁ ଗ୍ରହଣ କରିଛନ୍ତି । ଏପରିକି ଶ୍ରୀରାମକୃଷ୍ଣ ତାଙ୍କୁ 'ଦେବୀ ଷୋଡଶୀ' ରୂପେ ପୂଜା କରିଛନ୍ତି । (ପୃ- ୨୮ରୁ ୩୯)

ଶ୍ରୀରାମକୃଷ୍ଣଙ୍କ ସାହଚର୍ଯ୍ୟରେ ସାରଦାଦେବୀ ଉଚ୍ଚ ଆଧ୍ୟାତ୍ମିକ ମାର୍ଗରେ ତାଲିମ ଲାଭ କରିଥିଲେ । ହିନ୍ଦୁ ସମାଜରେ ସ୍ତ୍ରୀମାନେ ନିଜ ନିଜର ସ୍ୱାମୀମାନଙ୍କୁ ଦେବତା ଜ୍ଞାନ କରିଥାନ୍ତି । ଏହାହିଁ ପ୍ରତିଫଳିତ ହୋଇଛି ସାରଦା ଦେବୀଙ୍କର ଜୀବନାଦର୍ଶରେ । ସେ ସଂପର୍କରେ କୁହାଯାଇଛି, "ଶ୍ରୀମା' ସାରଦା ଦେବୀଙ୍କର ଶ୍ରୀରାମକୃଷ୍ଣଙ୍କ ପ୍ରତି ସେବା ଅତି ଉଚ୍ଚ ଆଧ୍ୟାତ୍ମିକ ସ୍ତର ଦେଇ ଅତିକ୍ରମ କରିଛି । ଶ୍ରୀରାମକୃଷ୍ଣଙ୍କର ସେବା ଅର୍ଥ ତାଙ୍କ ପ୍ରତି ଆକର୍ଷିତ ହେବା, ତାଙ୍କ ଆଦର୍ଶକୁ ନିଜ ଭିତରେ ସମ୍ପୂର୍ଣ୍ଣଭାବେ ସମାହିତ କରିବା ଏବଂ ଭବିଷ୍ୟତ ବଂଶଧରମାନଙ୍କୁ ସେହି ଆଦର୍ଶର ବାଟ ଦେଖାଇବା । ସେବା ଦରକାର କରେ ଭକ୍ତି ଓ ଧ୍ୟାନ । ଶ୍ରୀରାମକୃଷ୍ଣ ଶ୍ରୀମା'ଙ୍କୁ ଯେଉଁ ତାଲିମ ଦେଲେ ସେଥିରେ ଭକ୍ତି ଓ ଧ୍ୟାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା' (ପୃ- ୪୦) । ଶ୍ରୀମାଙ୍କୁ ବିଭିନ୍ନ ଉପଦେଶ ଦେବା ସହିତ ଆଧ୍ୟାତ୍ମିକ ଜାଗରଣ ପାଇଁ ଜପ ଓ ଧ୍ୟାନରେ ମଧ୍ୟ ତାଙ୍କୁ ଦୀକ୍ଷିତ କରାଇଥିଲେ । ଆଧ୍ୟାତ୍ମିକ

Digitized by srujanika@gmail.com

ଅପରୋକ୍ଷାନୁଭୂତି ସମ୍ପର୍କରେ ନିଜର ଅନୁଭୂତି ବଖାଣିବାକୁ ଯାଇ ଗୋଟିଏ ଉଦାହରଣ ସହ ଶ୍ରୀମା କହିଛନ୍ତି ' ଅଧ୍ୟାତ୍ମିକ ଅପରେ କ୍ଷାନୁଭୂତି ହେଲେ ଉପଲବ୍ଧି ହେବ ଯେ ଯେଉଁ ଈଶ୍ୱର ଜଣକର ହୃଦୟରେ ବାସ କରନ୍ତି, ସେ ମଧ୍ୟ ଅନ୍ୟ ହୃଦୟରେ ବାସ କରନ୍ତି ଏପରିକି ଅଛୁଆଁ, ଅଜାତି, ଦରିଦ୍ର ଓ ନିଷ୍ପେସିତ ମଧ୍ୟରେ । ଏହି ଅନୁଭୂତି ଜଣକୁ ନମ୍ର କରିଥାଏ ।" 'ସକଳ ଘଟେ ନାରାୟଣ'ର ସେହି ଅନନ୍ୟ ଅନୁପମ ଉପଲବ୍ଧିର ବାର୍ତ୍ତା ଏହା ବହନ କରିଛି ।

ଶ୍ରୀରାମକୃଷ୍ଣଙ୍କ ପାର୍ଥିବ ଶରୀର ତ୍ୟାଗ ପରେ ସାରଦା ଦେବୀ ବିଭିନ୍ନ ପର୍ଯ୍ୟାୟରେ ତୀର୍ଥାଟନରେ ଯାଇଛନ୍ତି । ବର୍ଷାଧିକ କାଳ ବୃନ୍ଦାବନରେ ରହଣି ବେଳେ ରାଧାରମଣ ମନ୍ଦିରରେ ସେ ପ୍ରାର୍ଥନା କରିଥିଲେ ଯେ ତାଙ୍କ ଠାରେ ଯେମିତି ଅନ୍ୟର ଦୋଷ ଦେଖିବାର ପ୍ରବୃତ୍ତି ନରହୁ ।

ଏହି ବର ମଧ୍ୟ ସେଠାରୁ ବୋଧହୁଏ ସେ ପାଇଲେ ଯେଉଁଥିପାଇଁ ପରବର୍ତ୍ତୀ କାଳରେ ତାଙ୍କଠାରେ ଏହି ଦୋଷ ପରିଲକ୍ଷିତ ହୋଇନାହିଁ । ବୃନ୍ଦାବନ, ଦେଓଘର, ଅଯୋଧ୍ୟା, ହରଦ୍ୱାର, ବିଷ୍ଣୁପୁର, ରାମେଶ୍ୱର ଓ ବନାରସ ସମେତ ସେ ପୁରୀ ମଧ୍ୟ ତୀର୍ଥାଟନରେ ଯାଇଥିଲେ । ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ଆଗମନର ବିଷୟବସ୍ତୁକୁ ଲେଖକ 'ଓଡ଼ିଶା ମାଟିରେ ଦିବ୍ୟ ସ୍ପର୍ଶ' ଶୀର୍ଷକ ପରିଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ଶ୍ରୀମା ପ୍ରଥମେ ପୁରୀ ଆସିଥିଲେ ୧୯୮୮ ମସିହା ନଭେମ୍ବର ମାସ ଶେଷ ଆଡ଼କୁ । ସେତେବେଳେ ଶ୍ରୀମା ଓ ତାଙ୍କ ସହ ଆସିଥିବା ଭକ୍ତ ମାନଙ୍କୁ ସସମ୍ମାନେ ପାଲିଙ୍କି ଯୋଗେ ପାଛୋଟି ନେବା ନିମିତ୍ତ ପଣ୍ଡା ଗୋବିନ୍ଦ ସିଂହାରୀ ଦେଇଥିବା ପ୍ରସ୍ତାବକୁ ସେ ଅଗ୍ରାହ୍ୟ କରି ଦେଇଥିଲେ । ପଣ୍ଡାଙ୍କ ପଛେ ପଛେ ସେ ଜଣେ ଦୀନ ଭିକାରୀ ମହିଳା ପରି ଯାଇ ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବେ ବୋଲି ମତ ପ୍ରଦାନ କରିଥିଲେ । ଏହା ତାଙ୍କ ବିଭୁଗତ ପ୍ରାଣର, ଦେବତାଙ୍କ ଠାରେ ସଂପୂର୍ଣ୍ଣ ସମର୍ପଣ ଭାବର ପରିଚୟ ଦେଇଥାଏ । ଶ୍ରୀରାମକୃଷ୍ଣ ପୁରୀ ଆସିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିନଥିଲେ ବୋଲି ଶ୍ରୀମା ଲୁଗାରେ ଗୁଡାଇ ଆଣିଥିବା ଠାକୁରଙ୍କ ଫଟୋ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ସମ୍ମୁଖରେ ଟେକି ଧରିଥିଲେ । (ପୃ-୬୫) ଏହା ଜଗନ୍ନାଥଙ୍କ ଠାରେ ଥିବା ତାଙ୍କ ଅଚଳଭକ୍ତିର ଅନ୍ୟତମ ନିଦର୍ଶନ । ସେ ଜଗନ୍ନାଥଙ୍କ ରୂପ ମଧ୍ୟରେ ଶିବଙ୍କ ଦର୍ଶନ ଲାଭ

Digitized by srujanika@gmail.com

କରିଛନ୍ତି । ୧ ୯ ୧ ୧ ମସିହାରେ ରାମେଶ୍ୱରମ୍ ଅଭିମୁଖେ ଯାତ୍ରା କରୁଥିବା ବେଳେ ଓଡ଼ିଶାର ଅନ୍ୟତମ ପ୍ରାକୃତିକ ଶୋଭାର ଭଣ୍ଡାର ଚିଲିକା ହ୍ରଦର ଦୃଶ୍ୟରାଜିରେ ସେ ମୁଗ୍ଧ ହୋଇଛନ୍ତି । ସେଠାରେ ଆକାଶରେ ଉଡିଯାଉଥିବା ନୀଳକଣ୍ଠ ପକ୍ଷୀକୁ ଦେଖି ସେ ନମସ୍କାର କରିଥିଲେ । ପୁରୀ ଆଗମନ କାଳରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଏବଂ ବର୍ତ୍ତମାନ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଥିବା କୋଠାର ଠାରେ ସେ ଅବସ୍ଥାନ କରିଥିଲେ । ସେତିକିବେଳେ କେତେଜଣ ତାଙ୍କ ଶିଷ୍ୟତ୍ୱ ଲାଭର ସୁଯୋଗ ପାଇଥିଲେ ।

ଶ୍ରୀରାମକୃଷ୍ଣଙ୍କ ଦେହରକ୍ଷା ପରେ କିଛିଦିନ ଶ୍ରୀମାଙ୍କୁ ଘୋର ଦାରିଦ୍ର୍ୟ ଭିତରେ ରହିବାକୁ ପଡିଛି । ଦାରିଦ୍ର୍ୟ ଓ ଏକାକୀତ୍ୱ ତାଙ୍କୁ ଚିନ୍ତିତ କରିଥିବା ବେଳେ ଶ୍ରୀରାମକୃଷ୍ଣଙ୍କ ମାର୍ଗଦର୍ଶନ ତାଙ୍କୁ ଏପରି ଦୁଃସ୍ଥିତି ସମ୍ଭାଳିବାକୁ ସାହସ ଦେଇଛି । ଠାକୁରଙ୍କ ପୂର୍ବ ନିର୍ଦ୍ଦେଶାନୁଯାୟୀ ସେ କାମରପୁକୁର ଯାଇଥିଲେ । ସେଠାରେ ନିଜ ହାତରେ ଫାଉଡାରେ ମାଟି ଖୋଳି ପରିବା ଚାଷ କରି ଦୈନନ୍ଦିନ ଆହାର ଯୋଗାଡ କରିଛନ୍ତି । ସେଇ ମାଟିରେ ପରିବା ପୂର୍ବରୁ ଧାନ ଉପୁଯାଇଛନ୍ତି । ବେଳେ ବେଳେ ଏପରି ଦୁଃସ୍ଥିତି ଆସିଛି ଯେ ସାମାନ୍ୟ ଲୁଣ ମଧ୍ୟ କିଣିବାର ସାମର୍ଥ୍ୟ ରହିନାହିଁ ।

ଉଚ୍ଚତର ଆଧ୍ୟାତ୍ମିକ ଜୀବନ ଚର୍ଯ୍ୟାରେ ବ୍ରତୀ ଥିଲେ ମଧ୍ୟ ଗୃହସ୍ଥ ଜୀବନର ସମସ୍ତ ଦାୟିତ୍ୱ ସେ ନିର୍ବାହ କରୁଥିଲେ । ଜୟରାମବାଟୀ ପିତୃଗୃହରେ ଅବସ୍ଥାନ କାଳରେ ମା ବା ଅଳ୍ପବୟସ୍କା ଭାଉଜମାନଙ୍କୁ କାମ କରିବାକୁ ନ ଦେଇ ଧାନ ଉଁଷାଇବା , କୁଟିବା, ଗୋଷାଇ କରିବା ଏବଂ ପିଲାମାନଙ୍କର ଯତ୍ନ ନେବା ଆଦି କାର୍ଯ୍ୟ ନିଜେ କରୁଥିଲେ । ଭାଇମାନଙ୍କର ସ୍ୱାର୍ଥପରତା, ଭାଉଜମାନଙ୍କ ମଧ୍ୟରେ ବୈରୀଭାବ, ସାନଭାଇ ଅଭୟ ଚରଣଙ୍କ ବିଧବା ପତ୍ନୀ ସୁରବାଳାଙ୍କ ପାଗଳାମି ଓ ଅଭୟଚରଣ ଏବଂ ସୁରବାଳାଙ୍କ କନ୍ୟା ରାଧୁର ଏକଜିଦିଆ ସ୍ୱଭାବ ଯୋଗୁଁ ତାଙ୍କର ପାରିବାରିକ ଜୀବନ ଦୁର୍ବିସହ ହୋଇଥିଲା । କିନ୍ତୁ ଧୈର୍ଯ୍ୟ ଓ ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀମା ଏହି ଗୁରୁ ଦାୟିତ୍ୱକୁ ତୁଲାଇବା ସଂଗେ ସଂଗେ ଶହ ଶହ ଭକ୍ତମାନଙ୍କର ଆଧ୍ୟାତ୍ମିକ ମାର୍ଗର ପଥ ପ୍ରଦର୍ଶିକା ମଧ୍ୟ ସାଜିଥିଲେ । ସାଂସାରିକ ଜୀବନ ସହିତ ଆଧ୍ୟାତ୍ମିକଧାରାର ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୋଇଥାଏ ତାଙ୍କ ଜୀବନ ଚର୍ଯ୍ୟାରେ ।

Digitized by srujanika@gmail.com

ଜଣେ ଆଧ୍ୟାତ୍ମିକ ଗୁରୁ ଭାବରେ ଶ୍ରୀମା ସାରଦା ଦେବୀଙ୍କ ଭୂମିକା ମଧ୍ୟ ଅତୁଳନୀୟ । ଏ ସମ୍ପର୍କରେ କୁହାଯାଇଛି, ତାଙ୍କ ମଧ୍ୟରେ ଥିବା ପୂର୍ଣ୍ଣ ମାତୃତ୍ୱର ପୂର୍ଣ୍ଣ ପ୍ରକାଶ ଘଟି ଦିବ୍ୟ ମାତୃତ୍ୱରେ ରୂପାନ୍ତରିତ ହୋଇଛି । ସେଥିଲାଗି ସେ ନିଃସ୍ୱାର୍ଥପର, କ୍ଷମାଶୀଳା ଓ ଦୟାର୍ଦ୍ରଚିତ୍ତ ହୋଇ ସେବା କରିବା ପାଇଁ ସଦା ସର୍ବଦା ଆଗ୍ରହ ପ୍ରକାଶ କରିଛନ୍ତି । ତାହାହିଁ ତାଙ୍କୁ ବିଶ୍ୱର ଅନ୍ୟତମ ବରେଣ୍ୟ ଆଧ୍ୟାତ୍ମିକ ଗୁରୁର ଆସନ ପ୍ରଦାନ କରିଛି । (ପୃ-୮୭) ଶ୍ରୀମାଙ୍କ ବ୍ୟକ୍ତିତ୍ୱ ସଂପର୍କରେ ତାଙ୍କ ସଂସର୍ଗରେ ଆସିଥିବା ଅନେକଙ୍କ ମତ ଉଦ୍ଧାର କରାଯିବା ସଙ୍ଗେ ସଙ୍ଗେ କୁହାଯାଇଛି, " ତାଙ୍କର ଉପସ୍ଥିତି ଶାନ୍ତି ଓ ପ୍ରେମର ଫଲ୍‌ଗୁ ବିଞ୍ଚି ପାରୁଥିଲା । ସେ ଭକ୍ତମାନଙ୍କ ମଧ୍ୟରେ ବିଶ୍ୱାସ ଓ ସାହସ ସ୍ଥାପନ କରିବା ସହିତ ଦୁର୍ବଳ ମଧ୍ୟରେ ସୃଷ୍ଟି କରି ପାରୁଥିଲେ ଆତ୍ମ ବିଶ୍ୱାସ । ଭକ୍ତମାନଙ୍କ ମନରୁ ଦୂର କରି ଦେଉଥିଲେ ଅସହାୟତାର କଳା ବାଦଲ । ମାତୃ ହୃଦୟର ପ୍ରେମ ପ୍ରଦାନ କରୁଥିଲା ଆଶ୍ୱାସନା । ତାଙ୍କର ମାତୃ ହୃଦୟ କାହାରି ଦୋଷ ନ ଦେଖି ସମସ୍ତଙ୍କୁ ଅକାତରରେ ଗ୍ରହଣ କରୁଥିଲେ" (ପୃ-୧୦୧) । ଏ କ୍ଷେତ୍ରରେ ସେ ଥିଲେ ରକ୍ଷଣଶୀଳ ମନୋଭାବର ବିରୋଧୀ । ସେଇଥିପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କ ପ୍ରେମ ସ୍ରୋତର ସାନିଧ୍ୟ ଲାଭ କରିଥିଲେ । ଶ୍ରୀରାମକୃଷ୍ଣଙ୍କ ପରେ ରାମକୃଷ୍ଣ ସଂଘ ଗଠନରେ ମଧ୍ୟ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଭାରତୀୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଧାରାର ଏହି ଅନ୍ୟତମ ପ୍ରମୁଖ କର୍ଣ୍ଣଧାରଙ୍କର ମହାସମାଧି ୧୯୨୦ ମସିହା ଜୁଲାଇ ୨୦ ତାରିଖ ଦିନ ସଂଘଟିତ ହୋଇଥିଲା ।

ସଂପ୍ରତି ଭାରତୀୟ ପରମ୍ପରା ଏବଂ ସାଂସ୍କୃତିକ ଧାରା ଅବକ୍ଷୟ ପରିଲକ୍ଷିତ ହେଉଥିବା ବେଳେ ମୂଲ୍ୟବୋଧର ସଂକଟ ଅନୁଭୂତ ହେଉଥିବା ବେଳେ ଶ୍ରୀରାମକୃଷ୍ଣ ପରମହଂସ, ଶ୍ରୀମା ସାରଦାଦେବୀ ଓ ବିବେକାନନ୍ଦଙ୍କ ବହୁ ଶିଷ୍ୟ, ଶିଷ୍ୟା, ଭକ୍ତଗଣ ତଥା ବିଦ୍ୱାନ ମଣ୍ଡଳୀଙ୍କ ମତ ଏବଂ ଅନୁଭୂତିର ଅବଲମ୍ବନରେ ସୁଖପାଠ୍ୟ ଗଦ୍ୟଶୈଳୀରେ ରଚିତ ଶ୍ରୀମା ସାରଦା ଦେବୀଙ୍କ ଜୀବନୀ ପୁସ୍ତକ ଓଡ଼ିଆ ପାଠକ ପାଠିକାମାନଙ୍କୁ ପଠନତୃପ୍ତି ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଉଭୟ ସାଂସାରିକ ଏବଂ ପାରମାର୍ଥିକ ଜୀବନଚର୍ଯ୍ୟାକୁ ସମୁନ୍ନତ କରିବାରେ ସହାୟକ ହୋଇ ପାରିବ ବୋଲି ଆଶା ଓ ବିଶ୍ୱାସ ।

Digitized by srujanika@gmail.com

ଆଲୋଚ୍ୟ ପୁସ୍ତକ: ଶ୍ରୀମା ସାରଦା ଦେବୀ,
ଲେଖକ : ସୌରୀବଂଧୁ କର,
ଏଫ- ୯୫, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର
ପ୍ରକାଶକ:- କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ,
(ବାଣୀବିହାର, ଭୁବନେଶ୍ୱର-୪)
ପ୍ରଥମ ସଂସ୍କରଣ - ୨୦୦୪
ପ୍ରକାଶକ - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ,
ପ୍ରଥମ ସଂସ୍କରଣ ୨୦୦୪

❖❖

Digitized by srujanika@gmail.com

ପରମ ଆତ୍ମୀୟତାରେ ଶୀତଳ ଓ ଉଷ୍ମ
"ଶ୍ରୀ ଶ୍ରୀ ପରମହଂସ ରାମକୃଷ୍ଣ"
ଏକ ସମୀକ୍ଷା

ସଂଘମିତ୍ରା ମିଶ୍ର

'ଶ୍ରୀ ଶ୍ରୀ ପରମହଂସ ରାମକୃଷ୍ଣ' ଶୀର୍ଷକ ଜୀବନୀ ଗ୍ରନ୍ଥ ସଂପର୍କରେ କିଛି ଲେଖିବାକୁ ହେବ । ପ୍ରଥମେ ଶ୍ରୀ ରାମକୃଷ୍ଣଙ୍କୁ ଶିରଲୋଟା ପ୍ରଣାମ । ତାପରେ ଲେଖକ ଶ୍ରୀ ସୌରୀବଂଧୁ କରଙ୍କୁ ସଭକ୍ତି ନମସ୍କାର । ଉଭୟ ମୋ ପାଇଁ ସ୍ୱତନ୍ତ୍ର । ଶ୍ରୀ ରାମକୃଷ୍ଣଙ୍କୁ ନେଇ ମୋର ସ୍ୱର୍ଗତ ପିତାଥିଲେ ରୀତିମତ ପାଗଳ । ସେ ଶ୍ରୀ ରାମକୃଷ୍ଣଙ୍କର ଝିଆରୀ ଲକ୍ଷ୍ମୀଦେଈଙ୍କଠାରୁ ଦୀକ୍ଷା ନେଇଥିଲେ । ରାମକୃଷ୍ଣ କଲେଜ ତାଙ୍କର ଉଚ୍ଚଶିକ୍ଷାପାଇଁ ପରିବେଶ ସୃଷ୍ଟି କରିଥିଲା । ସେଠାକୁ ଆସୁଥିବା ଏକାଧିକ ସନ୍ୟାସୀଙ୍କଠାରୁ ସେ ଜୀବନର ରହସ୍ୟ ସଂପର୍କରେ ପରିଚୟ ପାଇଥିଲେ । କଟକର ରାମକୃଷ୍ଣ ଆଶ୍ରମ ଓ ମଠରେ ହେଉଥିବା ଜାନୁୟାରୀ ପହିଲା କଳ୍ପତରୁ ଉତ୍ସବରେ ଯୋଗ ଦେବାପାଇଁ ସେ ଧାଇଁଯାଉଥିଲେ ପରିଣତ ବୟସରେ । କୃଷ୍ଣଚନ୍ଦ୍ର ସେନ୍‌ଗୁପ୍ତାଙ୍କ ବୋଲମାନି କଳ୍ପତରୁ ଉତ୍ସବପାଇଁ ସେ ସ୍ୱତନ୍ତ୍ର ଭାବରେ ସଂଗୀତ ଲେଖୁଥିଲେ ଓ ଗାନ କରୁଥିଲେ । ପିଲାଦିନୁ ରାମକୃଷ୍ଣ ଚରିତାମୃତ ମୁଁ ବାରମ୍ବାର ପଢିଛି ଓ ଉଦ୍‌ବୁଦ୍ଧ ମଧ ହୋଇଛି । ବଂଗଳାରେ ରଚିତ ରାମକୃଷ୍ଣ ଲୀଳାମୃତ ମୋ ବାପା ପାଠ କରିବାର ମୁଁ ଦେଖିଛି । ବିବେକାନନ୍ଦ ଶତବାର୍ଷିକୀରେ ଆମ ସ୍କୁଲରେ ଅନୁଷ୍ଠିତ ରଚନା ପ୍ରତିଯୋଗିତାରେ ମୁଁ ପୁରସ୍କାର ମଧ ପାଇଛି । " ଅବତାର ବରିଷ୍ଠାୟ ରାମକୃଷ୍ଣାୟତେ ନମଃ" ପଢି ମୋ ବାପାଙ୍କ ମୁଣ୍ଡ ଉପରେଥିବା ରାମକୃଷ୍ଣପରମହଂସ, ବିବେକାନନ୍ଦ ଓ ଭବତାରିଣୀ କାଳୀମୂର୍ତ୍ତିଙ୍କୁ ପ୍ରଣାମ କରିଛୁ । ନନା (ବାପା)ଙ୍କ ଠାରୁ ବଂଗଳାର ରାମପ୍ରସାଦ ଓ କମଳାକାନ୍ତଙ୍କ ଭଳି ଦେଶଭକ୍ତଙ୍କ ପ୍ରାର୍ଥନା ଶିଖିଗାଇଛୁ । ପରିଣତ ବୟସରେ ନନାଙ୍କୁ ରିକସାରେ ନେଇ

Digitized by srujanika@gmail.com

ଭୁବନେଶ୍ୱର ରାମକୃଷ୍ଣ ମଠକୁ ଏକାଧିକ ଥର ଯାଇଛି ସତ କିନ୍ତୁ ପୁନର୍ବାର ସେହି ଦିବ୍ୟଚେତନା ସହିତ ମୋତେ ଜଡିତ କରି ଦେଇଛନ୍ତି ମାନନୀୟ ସୌରୀବଂଧୁ କର ମହାଶୟ । ସେ ମୋର ସହପାଠୀ ପ୍ରଫେସର ବାଉରୀବଂଧୁ କରଙ୍କର ବଡଭାଇ । ତେଣୁ ସୌରୀ ଭାଇନାଙ୍କୁ ଭାଇନା ଡାକିବାରେ ସଂକୋଚ ନୁହେଁ ବରଂ ଆପଣାପଣର ଆବ୍‌ଦାରି ଥାଏ । ସେ ମୋତେ ଜୋର୍‌କରି ଧରେଇ ଦିଅନ୍ତି ମାଆ ସାରଦା ଦେବୀଙ୍କ ଜୀବନୀ ଆଉ ଆଦେଶ ଦିଅନ୍ତି । "ତୁମକୁ ସାରଦା ମାଆଙ୍କ ସଂପର୍କରେ କହିବାକୁ ପଡିବ ।" ତାଙ୍କ ଆଦେଶ ଭିତରେ ମୋ ନନାଙ୍କର ଇଛା ରୂପପରିଗ୍ରହ କରେ ଓ ମୁଁ ଏକାଧିକ ବାର ରାମକୃଷ୍ଣ ମଠରେ ଶାରଦା ମାଆଙ୍କ ସଂପର୍କରେ କିଛି କହିବାର ସୁଯୋଗ ପାଏ । ସମବେତ ରାମକୃଷ୍ଣ ଚିନ୍ତା ଚେତନାରେ ଅବଗାହୀ ବ୍ୟକ୍ତିମାନଙ୍କ ସମ୍ମୁଖରେ ଠିଆ ହୋଇ ମାଆ ଆଗରେ ମାମୁଁଘର କଥା କହିବା ଭଳି କହିଯାଏ ସିନା ଭାରି ଭଲ ଲାଗେ ସେ ପରିବେଶ ।

ଭାବେ ମୋ ବାପାଙ୍କର ହୁଏତ ଏହା ସ୍ୱପ୍ନଥିବ ଯାହାବଡଭାଇଙ୍କ ସସ୍ନେହ ଆଦେଶରେ ସାକାର ହେଉଛି । ତାଙ୍କ ସାଂଗରେ ଯାଜପୁର ମଧ ଯାଇଛି ସେଇ ଶାରଦାମାଆଙ୍କ ସଂପର୍କରେ କିଛି କହିବାକୁ । ବାଣୀବିହାର ପରିସରରେ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହେଲେ ସେଠାରେ ଉପସ୍ଥିତ ରହିଛି । ଅତୀତ ଓ ବର୍ତ୍ତମାନକୁ ଏକାକାର କରି ମୋତେ ମୋର ପ୍ରାୟ ବିସ୍ମୃତ ପରଂପରା ସହିତ ଯୋଡି ଦେଇଛନ୍ତି ପୂଜ୍ୟ ସୌରୀ ଭାଇନା । ତାଙ୍କ ଲେଖା ସାରଦାଦେବୀଙ୍କ ଜୀବନୀ ଉନ୍ମୋଚନ ଉତ୍ସବରେ ରାମକୃଷ୍ଣ ଆଶ୍ରମର ସିଦ୍ଧସାଧକ ମାନଙ୍କ ସହିତ ମୁଁ ମଞ୍ଚରେ ବସିଛି ଓ ପୁସ୍ତକ ସଂପର୍କୀୟ ମତାମତ ପ୍ରକାଶ କରିଛି ।

କୁହାଯାଏ ଯୁବକମାନେ ପ୍ରଥମେ ଚିହ୍ନନ୍ତି ବିବେକାନନ୍ଦଙ୍କୁ । ବିବେକାନନ୍ଦଙ୍କ ଆଂଗୁଠି ଧରି ସେମାନେ ରାମକୃଷ୍ଣଙ୍କୁ ଚିହ୍ନନ୍ତି ଆଉ ତାପରେ ମାଆ ସାରଦାମଣିଙ୍କୁ । ମୁଁ ତ ପିଲାଦିନୁ ଭାବିଲି ସମସ୍ତେ ମୋତେ ଦେଖୁଛନ୍ତି । ରାମ ଓ କୃଷ୍ଣ ଉଭୟ ଭାରତୀୟ ମନୀଷାର ଦୁଇ ମହାନ ବିଭୂତି । ରାମକୃଷ୍ଣ ଏ ଉଭୟଙ୍କର ସମନ୍ୱିତ ରୂପ । ଭାରତରେ ଆଧାତ୍ମିକ ନବଜାଗରଣ କାଳରେ ବ୍ରାହ୍ମସମାଜ, ଆର୍ଯ୍ୟସମାଜ, ପ୍ରାର୍ଥନା ସମାଜ ଥିଓସୋଫିକ ସୋସାଇଟି ଭଳି ରାମକୃଷ୍ଣଙ୍କୁ ନେଇ ଗଢିଉଠିଥିଲା ଏକ ସ୍ୱତନ୍ତ୍ର ଧାରା ଯାହା ପରବର୍ତ୍ତୀ କାଳରେ ରାମକୃଷ୍ଣ ମିଶନ ନାମରେ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା । ହିନ୍ଦୁରମନ ଧର୍ମଗ୍ରନ୍ଥ ଶ୍ରବଣରେ ରୁଚି ରଖେ ମାତ୍ର ଉପଲବ୍‌ଧିରେ ଗୁରୁତ୍ୱଦିଏ । ପୁଣି ଆଚରଣରେ ଈଶ୍ୱରାନୁଭୂତି ପ୍ରତ୍ୟକ୍ଷ କରିବାପାଇଁ ଚେଷ୍ଟିତ ଥାଏ । ତାଙ୍କର ପିତୃଦତ୍ତ ନାମଥିଲା ଗଦାଧର ।

Digitized by srujanika@gmail.com

ବାଲ୍ୟକାଳରୁ ପିତୃହୀନ ହୋଇଥିବା ଗଦାଧର ମାଆଙ୍କପ୍ରତିଥିଲେ ଅତିଶୟ ଶ୍ରଦ୍ଧାଶୀଳ । ଚାକିରୀ କରି ରୋଜଗାର କରି ପରିବାର ପାଳିବାରେ ତାଙ୍କର ଆଗ୍ରହ ନଥିଲା । ବଡଭାଇର ରାମ କୁମାରଙ୍କ ଆଗ୍ରହ ଫଳରେ କଲିକତା ଯାଇ ଦକ୍ଷିଣେଶ୍ୱରରେ ପହଞ୍ଚି, ରାଣୀ ରାସମଣି ଗଢିଥିବା ମନ୍ଦିରରେ ଭବତାରିଣୀ କାଳୀଙ୍କ ଉପାସନା କରିବା ପର୍ଯ୍ୟନ୍ତ ସେ ଥିଲେ ଦିଶାହୀନ । କ୍ରମେ ମାଆକାଳୀଙ୍କୁ ଭେଟିବାର ବ୍ୟାକୁଳତାରେ ସେ ବାହ୍ୟଜ୍ଞାନ ଶୂନ୍ୟ ହେଉଥିଲେ । ପ୍ରକୃତିର ସୌନ୍ଦର୍ଯ୍ୟ ଅବଲୋକନ, ସଂଗୀତ ଶ୍ରବଣ ଓ ଧ୍ୟାନ ଇତ୍ୟାଦି କରି ସେ ଭାବସମାଧି ଅନୁଭବ କରୁଥିଲେ । ଅନେକ ଜଟିଳ ଶାସ୍ତ୍ରସଂପର୍କରେ ଯୁକ୍ତିର ସେ ସରଳ ସମାଧାନ କରି ଦେଉଥିଲେ । ଦକ୍ଷିଣେଶ୍ୱରରେ ପ୍ରଥମେ ସେ ହାତରେ ରାନ୍ଧି ଖାଉଥିଲେ ହେଁ ପରେ କାଳୀ ପାଲଟିଗଲେ ତାଙ୍କପାଇଁ ଚିନ୍ମୟୀ ଜନନୀ । ରାସମଣିଙ୍କ ଜ୍ୱାଇଁ ମଥୁର ମୋହନ, ରାମକୃଷ୍ଣଙ୍କ ଭଣଜା ହୃଦୟ ଓ ପରେ ରାମତାରକ ଉପାଧ୍ୟାୟ ଦକ୍ଷିଣେଶ୍ୱରରେ ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସିଥିଲେ ।

ସନ୍ୟାସୀ ତୋତାପୁରୀ , ଭୈରବୀ ବ୍ରାହ୍ମଣୀ, ସାଧୁ ଜଟାଧାରୀଙ୍କ ଭଳି ଦୈବୀକୃପା ଲାଭ କରିଥିବା ଭକ୍ତମାନେ ରାମକୃଷ୍ଣଙ୍କ ସାନ୍ନିଧ ପାଇଁ ସତେ ଯେପରି ଅପେକ୍ଷା କରିଥିଲେ । ଶାସ୍ତ୍ରାଲୋଚନା ସହିତ ବିଭିନ୍ନ ସାଧନା ସଂପର୍କରେ ରାମକୃଷ୍ଣ ଏହି ଭକ୍ତମାନଙ୍କଠାରୁ ଶିକ୍ଷା କରିଥିଲେ ।

ଶ୍ରୀ ରାମକୃଷ୍ଣ କହୁଥିଲେ ଈଶ୍ୱରଙ୍କର ଯେ କୌଣସି ରୂପ ଉପରେ ବିଶ୍ୱାସ କରାଯାଇପାରେ । ତୁମେ ନିରାକାର ଈଶ୍ୱରଙ୍କ ଉପରେ ବିଶ୍ୱାସ କରିପାର । ତାହା ମଧ୍ୟ ଠିକ୍ । ମାତ୍ର କେତେବେଳେ ହେଲେ ଭାବନାହିଁ ଯେ ତୁମର ବିଶ୍ୱାସ ହିଁ ସତ୍ୟ ଏବଂ ଅନ୍ୟ ସବୁ ମିଥ୍ୟା । ଭଗବାନ୍ ସାକାର ଯେପରି ନିରାକାର ମଧ୍ୟ ସେପରି । ନିଜର ବିଶ୍ୱାସକୁ ଦୃଢ ଭାବରେ ଧରିରଖ । (ପରମହଂସ ଶ୍ରୀ ଶ୍ରୀ ରାମକୃଷ୍ଣ- ପୃ- ୪୬)

ରାମକୃଷ୍ଣ ଥିଲେ ସରଳ ଶିଶୁତୁଲ୍ୟ ମାତ୍ର ବିଚାରରେ ପ୍ରବୀଣ ଓ ଦୃଢ । ସେ ଭଣଜା ହୃଦୟକୁ ମନୁଷ୍ୟ ଜୀବନର ଯେଉଁ ଆଠଗୋଟି ବନ୍ଧନ କଥା କହିଥିଲେ ତାହା ହେଉଛି ଘୃଣା, ଲାଜ, କୁଳ, ଶୀଳ, ଭୟ, ମାନ, ଜାତି ଓ ଅଭିମାନ । ଏହା ମଣିଷକୁ ସଂସାର ଭିତରକୁ ଠେଲିଦିଏ ଓ ତାର ଆଧ୍ୟାତ୍ମିକତା ଲାଭରପଥ ଅବରୁଦ୍ଧ କରିଥାଏ । ରାମକୃଷ୍ଣ ରଘୁବୀରଙ୍କୁ ପୂଜା କରୁଥିବା ସମୟରେ ଜଗଜ୍ଜନନୀ ସୀତାଙ୍କୁ ଦେଖିଥିଲେ । ତାନ୍ତ୍ରିକ ସାଧନା ଓ ଅଦ୍ୱୈତ ସାଧନା ମଧ୍ୟ କରିଥିଲେ । ମୁସଲମାନ ଓ ଖ୍ରୀଷ୍ଟଧର୍ମର ସାଧନା ମଧ୍ୟ ସେ କରିଥିଲେ । ବୈଷ୍ଣବଚରଣ ଓ ଗୌରୀପଣ୍ଡିତଙ୍କ ସହିତ ଶାସ୍ତ୍ର ଚର୍ଚ୍ଚାକରି ସେ ଉଭୟଙ୍କୁ ପରାସ୍ତ କରିଥିଲେ । ଉଭୟ ତାଙ୍କୁ ଅବତାର ପୁରୁଷ ବୋଲି ଗ୍ରହଣ

Digitized by srujanika@gmail.com

କରି ନେଇଥିଲେ । ଯୋଗେଶ୍ୱରୀ ଭୈରବୀ ଜନନୀ ଯଶୋଦାଙ୍କ ସ୍ନେହରେ ରାମକୃଷ୍ଣଙ୍କୁ ବାନ୍ଧିଥିଲେ ଓ ରାମକୃଷ୍ଣ ସ୍ୱୟଂ ଗୋପାଳ ଭଳି ଭୈରବୀଙ୍କ ସାହଚର୍ଯ୍ୟ କାମନା କରୁଥିଲେ । ୨୩ବର୍ଷ ବୟସରେ ସେ ପାଞ୍ଚବର୍ଷିୟା ସାରଦାମଣିଙ୍କ ପାଣିଗ୍ରହଣ କରିଥିଲେ । ବୟସ୍ପ୍ରାପ୍ତି ପରେ ସାରଦାମଣି ଦକ୍ଷିଣେଶ୍ୱର ଯାଇ ପତି ଓ ଶାଶୁଙ୍କ ସେବା ମଧ୍ୟ କରିଥିଲେ । ମାତ୍ର ନିଜ ସାଧନାର ସିଦ୍ଧିପାଇଁ ସେ ପତ୍ନୀ ସାରଦାମଣିଙ୍କୁ ଷୋଡଶୀ ଭାବେ ପୂଜା କଲେ ଓ ତାଙ୍କର ମତ ନେଇ ସଂସାରିକ ଜୀବନର ସୀମା ଅତିକ୍ରମ କରି ଭାବରାଜ୍ୟରେ ବିଚରଣ କରିଥିଲେ ।

ଯେଉଁ ଆତ୍ମା ସଂପୂର୍ଣ୍ଣ ଭାବରେ ଯାବତୀୟ ସଂସାରିକ ବନ୍ଧନରୁ ମୁକ୍ତିପାଇଛି ସେହି କେବଳ ପରମହଂସ । ମୁଣ୍ଡକ ଉପନିଷଦରେ ବର୍ଣ୍ଣିତ ତୁରୀୟ ଅବସ୍ଥାକୁ ପରମହଂସ ଗତି କୁହାଯାଏ । ଏହି ଅବସ୍ଥା ଜାଗୃତି । ସୁଷୁପ୍ତି ଓ ଧ୍ୟାନାବସ୍ଥାଠାରୁ ଉର୍ଦ୍ଧ୍ୱରେ । ଅର୍ଥାତ ସେ ସତ୍ୱରଜ ଓ ତମର ଅତୀତ, ମୁକ୍ତ ଆତ୍ମା । ସେ ଇଶ୍ୱରଙ୍କ ସହିତ ସର୍ବଦା ସଂଯୁକ୍ତ ହୋଇ ରହନ୍ତି । ସିଦ୍ଧିପାଇଁ ବିଭିନ୍ନ ଆଧ୍ୟାତ୍ମିକ ମାର୍ଗ ଅବଲମ୍ବନ କରିଛନ୍ତି । ଶିଶୁଭଳି ସରଳ ପାଳଟିଛନ୍ତି । ବିବେକ ଓ ନୈରାଶ୍ୟ ଦେଇ ଯୁକ୍ତିଶୀଳ ଯୁବକ ନରେନ୍‌ଙ୍କୁ ବିବେକାନନ୍ଦରେ ପରିବର୍ତ୍ତିତ କରି ଦେଇଛନ୍ତି । ନିର୍ବିକଳ୍ପ ସମାଧିରୁ ପୁନରାୟ ବାହ୍ୟଜ୍ଞାନ ଫେରିପାଇ ସମସ୍ତ ମାନବ ଜାତିର କଲ୍ୟାଣପାଇଁ 'ଭାବମୁଖ' ହୋଇ ରହିଛନ୍ତି । ତାଙ୍କର ବିଚାରରେ 'ଯେତେମତ ସେତେ ପଥ' ହିଁ ମନୁଷ୍ୟପାଇଁ ଉଭରତାର ମାର୍ଗ ଖୋଲିଦିଏ । ଶିବଜ୍ଞାନରେ ଜୀବସେବା ଥିଲା ତାଙ୍କ ଜୀବନର ବାଣୀ । ସମଦୃଷ୍ଟିରେ ସେ ତାଙ୍କର ଅନୁରାଗୀ ଭକ୍ତମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଧ୍ୟାତ୍ମିକତାର ମାର୍ଗରେ ଚଳାଉଥିଲେ ।

ତାଙ୍କର ପାରିବାରିକ ଜୀବନ ଦିବ୍ୟଜୀବନପଥର ବାଧକ ନଥିଲା ବରଂ ସହାୟକଥିଲା । ମା ସାରଦା ଦେବୀ ଭାରତୀୟ ମାତୃଭାବର ଶ୍ରେଷ୍ଠ ପ୍ରତୀକ । ଯିଏ କି ପ୍ରଭୁ ରାମକୃଷ୍ଣଙ୍କ ଦେହାବସାନ ପରେ ମଧ୍ୟ ଶ୍ରୀରାମକୃଷ୍ଣ ସଂଘର ସୁପରିଚାଳନା କରି ତାଙ୍କୁ ଦେଶ ବିଦେଶରେ ପରିବ୍ୟାପ୍ତ କରାଇଥିଲେ । କେଶବ ଚନ୍ଦ୍ର ସେନ ପ୍ରଭୃତି ରାମକୃଷ୍ଣଙ୍କ ସଂପର୍କରେ ଆସି ନିଜକୁ ନୂଆ ଭାବରେ ଚିହ୍ନିଥିଲେ । ଶ୍ରୀ ରାମକୃଷ୍ଣଙ୍କର ଜୀବନବ୍ୟାପି ସାଧନାର ଶ୍ରେଷ୍ଠ ପଂକଶୃତି ଥିଲେ ସ୍ୱାମୀ ବିବେକାନନ୍ଦ ।

କଠିନ ଗଳା କର୍କଟ ରୋଗରେ ଆକ୍ରାନ୍ତ ହୋଇ ମଧ୍ୟ ସେ ଇଶ୍ୱର ଉପଲବ୍ଧିପାଇଁ ଆଗ୍ରହୀ ମାନଙ୍କୁ ଦୀକ୍ଷାପ୍ରଦାନ କରୁଥିଲେ । କୁହାଯାଏ ଯେ ଅନେକ ପାପୀତାଙ୍କର ରୋଗ ଓ ପାପକୁ ଗ୍ରହଣ କରି ସେ ରୋଗ ଭୋଗ କରୁଥିଲେ । ସମାଧିସ୍ଥ ହେବା

Digitized by srujanika@gmail.com

ତାଙ୍କ ପାଇଁ ଶୁଭଲକ୍ଷଣ ନୁହେଁ ବୋଲି ଡାକ୍ତରମାନେ ବାରମ୍ବାର ବାରଣ କରୁଥିଲେ ହେଁ ସେ ବାରମ୍ବାର ଭାବସମାଧିରେ ବୁଡିଯାଉଥିଲେ, କାଳିପୂଜା ସରିବାପରେ ସେ ଜାନୁୟାରୀ ପହିଲା ୧୮୮୬ରେ 'କଳ୍ପତରୁ' ଭାବରେ ଆବିଷ୍ଟ ହେଲେ । ସେହିବର୍ଷ ଅଗଷ୍ଟ ୧୬ ତାରିଖରେ ସେ ମହାସମାଧି ଲାଭ କରି ଦେହତ୍ୟାଗ କଲେ । ନିଜର ଶରୀରକୁ ଈଶ୍ୱରାର୍ପଣ କରି ଦେଇଥିବା ଶ୍ରୀରାମକୃଷ୍ଣ ଈଶ୍ୱରଙ୍କ ଇଚ୍ଛାପୂରଣ ହେଉ ଏହି କାମନାରେ ଦିବ୍ୟଧାମକୁ ଯାତ୍ରା କରିଥିଲେ । ମାଆ ସାରଦାମଣିଙ୍କୁ ସେ ଅଳଂକାର ମାନ ତ୍ୟାଗ କରିବାକୁ ସ୍ୱଶରୀରରେ ଉପସ୍ଥିତ ହୋଇ ବାରଣ କରିଥିଲେ ଓ ସେ ସର୍ବଦା ତାଙ୍କ ଭକ୍ତମାନଙ୍କ ସହିତ ରହିବେ ବୋଲି ଭରସା ମଧ୍ୟ ଦେଇଥିଲେ ।

ଭଗବାନ ରାମକୃଷ୍ଣ ଭାବେ- ଅବତାର ପୁରୁଷ ହେଲେ ହେଁ ସାଧାରଣ ଜୀବନ ଅତିବାହିତ କରି ସେ ସମଗ୍ର ମାନବସମାଜକୁ ତ୍ୟାଗ ଓ ସଦିଚ୍ଛାର ବାର୍ତ୍ତା ଦେଇଯାଇଛନ୍ତି । ସାଧାରଣ ଭିତରେ ସେଥିଲେ ଅସାଧାରଣ । ମନୁଷ୍ୟ ଭିତରେ ସେଥିଲେ ମହାପୁରୁଷ । ଯଥାର୍ଥରେ ଦାର୍ଶନିକ ରୋମାଁରୋଲାଙ୍କ ମତରେ ତିରିଶି କୋଟି ଭାରତୀୟଙ୍କର ଦୁଇହଜାର ବର୍ଷର ଆଧାତ୍ମିକ ସାଧନାର ସେ ଥିଲେ ପରିପୂର୍ଣ୍ଣ ବିଗ୍ରହ ।

୧୭୫ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକର ଶେଷ ଭାଗରେ ରାମକୃଷ୍ଣ ପରମହଂସଙ୍କର ୩୫ଟି ମହାନ୍‌ବାଣୀର ଉଲ୍ଲେଖ ରହିଛି । ଏହି ବାଣୀଗୁଡିକର ବକ୍ତବ୍ୟ ଚିରଦିନ ଭାରତୀୟ ଜନଜୀବନକୁ ଆଲୋକରେ ଉଦ୍‌ଭାସିତ କରି ରଖିବ । ଗୋଟିଏ ମତ ଓ ଗୋଟିଏ ପଥକୁ ଜାବୁଡି ଧରି ପାରିଲେ ହିଁ ମାୟାର ପଟଳ ଅପସରି ଯିବ । ଏହି ପୁସ୍ତକ ୧୯୮୭ରେ ପ୍ରଥମେ ମୁଦ୍ରିତ ହୋଇଥିଲା । ୧୯୯୭ରେ ଦ୍ୱିତୀୟ ଓ ୨୦୦୩ରେ ତାର ତୃତୀୟ ମୁଦ୍ରଣ ହୋଇଛି । ଯାହା ଏ ପୁସ୍ତକର ଲୋକପ୍ରିୟତାର ପ୍ରମାଣ । ଏହି ପୁସ୍ତକର ଶୈଳୀ ସୁଖପାଠ୍ୟ ଓ ତଥ୍ୟପୂର୍ଣ୍ଣ । ମହାପୁରୁଷଙ୍କ ଜୀବନୀ ସଂସାରର ବୀଚିବିକ୍ଷୁବ୍‌ଧ ସାଗର ତୀରର ବତୀଘର ସଦୃଶ, ଯାହା ଆମକୁ ମାର୍ଗଦର୍ଶନ ଦେଇଥାଏ ।

ଏବେ ଜୀବନୀ ରଚନାର ଦିଶା ପ୍ରସାରିତ ହୋଇଛି । ଅନେକ ରାଜନେତା , ଶିଳ୍ପପତି, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ଚିକିତ୍ସକ, ପ୍ରଶାସକ ଏପରିକି ଡକାୟତମାଙ୍କର ଜୀବନୀ ମଧ୍ୟ ରଚିତ ହେଲାଣି । କିନ୍ତୁ ମହାପୁରୁଷମାନଙ୍କ ଜୀବନୀ ଆମକୁ ବିଭିନ୍ନ ଭାବରେ ପ୍ରଭାବିତ କରେ । ତାହା ପାଠକର ପଠନ ଆଗ୍ରହ ଚରିତାର୍ଥ କରେ । ସତ୍ ଜୀବନ ଯାପନ ପାଇଁ ଆମକୁ ଅନୁପ୍ରେରିତ କରେ । ଗୋଟିଏ ସମୟର ରାଷ୍ଟ୍ରୀୟ ସାମାଜିକ ତଥା ମନସ୍ତାତ୍ତ୍ୱିକ ଦିଗର ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦାନ କରେ ଓ ଆମକୁ ପ୍ରଭାବିତ କରିବାରେ ସମର୍ଥ ହୋଇଥାଏ । ଏହି ଜୀବନୀପୁସ୍ତକ 'ଶ୍ରୀ ଶ୍ରୀ ପରମହଂସ ରାମକୃଷ୍ଣ' ଏକ

Digitized by srujanika@gmail.com

ଉନ୍ନତମାନର ଜୀବନୀ ପୁସ୍ତକ ଯାହାର ପାଠକସଂଖ୍ୟା ଅଧିକ ଓ ଯାହାର ସିଦ୍ଧି ତାଠାରୁ ଅଧିକ । ମାନନୀୟ ସୌରୀବଂଧୁ କର ମହାଶୟ ଏତାଦୃଶ ଜୀବନୀର ରଚୟିତା ଭାବରେ ସମସ୍ତଙ୍କର ପ୍ରଶଂସାହାରୁଚି ଓ ଶୁଚିର ସମନ୍ୱୟରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି ।

ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

Digitized by srujanika@gmail.com

ବିବେକାନନ୍ଦ ବିଚାର ଧାରା (ଦ୍ୱିତୀୟ ଭାଗ) : ଏକ ଅନୁଶୀଳନ

ଡଃ ଶରତ ଚନ୍ଦ୍ର ରଥ

ବ୍ୟକ୍ତିଟିଏ କେବଳ ବ୍ୟକ୍ତିଟିଏ ମାତ୍ର ନୁହେଁ, ସତ୍ତାଟିଏ, ପ୍ରମୂର୍ତ୍ତ ଚେତନାଟିଏ । ନିଜ ଭାବତରଙ୍ଗର ବଳୟରେ ବେଷ୍ଟିତ ହୋଇ ସେ ରହିଥାଏ । ଜୀବନ ତା'ର ବିଶ୍ୱଜୀବନର ଏକ ଏକକ, କର୍ମ ତା'ର ବିଶ୍ୱକ୍ରିୟାଶୀଳତାର ଏକ ପ୍ରତୀକ । ତା'ର ମୁଖରୁ ଉଚ୍ଚାରିତ ଶବ୍ଦମାନଙ୍କରେ ତା'ର ଅନୁଭବର ବୈଭବ, ଆତ୍ମାଭିବ୍ୟକ୍ତିର ମଧୁର ସୌରଭ ପହଁରିଯାଏ । ଲେଖକ ହୋଇଥିଲେ ଲେଖନୀ ମୁନରେ ଶବ୍ଦମାନେ ତା'ର ବ୍ୟକ୍ତିତ୍ୱରେ ଜାରିତ ହୋଇ ଅନନ୍ୟ ହୁଅନ୍ତି । ଏହି ପରିପ୍ରେକ୍ଷୀରେ ବିଚାର କଲେ ଶ୍ରୀ ସୌରୀବଂଧୁ କର ଏକ ସ୍ୱତନ୍ତ୍ର ସତ୍ତା ଯାହାଙ୍କ ଭିତରେ ରହିଛି ଜୀବନକୁ ଖୋଜିବାର ଅମ୍ଳାନ ପ୍ରୟାସ, ଜୀବନକୁ ବୁଝିବାର ଅଦମ୍ୟ ପ୍ରବଣତା, ପୁଣି ଅନ୍ୟକୁ ବୁଝାଇ ଦେବାର କଳାମଞ୍ଜୁଳ ମାନସିକତା, ସ୍ମିତହାସ୍ୟର ମାଧୁରିମାରେ ଅନ୍ୟମାନଙ୍କ ମଧ୍ୟରେ ଜଣେ ହୋଇଯିବାର ଅସୀମ ଆନ୍ତରିକତା । ଜୀବନ ପ୍ରତି ସ୍ନେହଶୀଳ, ଜଗତ ପ୍ରତି ଆସ୍ଥାଶୀଳ ସର୍ବୋପରି ପରିବେଶ ପ୍ରତି ସମ୍ବେଦନଶୀଳ ଶ୍ରୀ କରଙ୍କ ପ୍ରତି ଗଭୀର ସମ୍ମାନବୋଧ କାହିଁ କେତେଦିନରୁ ମୋ ମନରେ ସ୍ଥାନିତ । ବହୁ ସାହିତ୍ୟିକ ଅନୁଷ୍ଠାନର ସକ୍ରିୟ ସଭ୍ୟ ଭାବରେ ତାଙ୍କର ସୁନାମ ରହିଛି । ଜଣେ ସୁସଙ୍ଗଠକ, ସୁବକ୍ତା ତଥା ସୁଲେଖକ ଭାବରେ ତାଙ୍କର କୃତିତ୍ୱ ଅବିସମ୍ବାଦିତ । ବହୁ ପୁସ୍ତକର ପ୍ରଣେତା ହିସାବରେ ତାଙ୍କର ପରିଚୟ ସ୍ୱତନ୍ତ୍ର । ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଚେତନାର ପରମ ପୂଜାରୀ ହେବାର ସୌଭାଗ୍ୟ ତାଙ୍କର ରହିଛି ।

ସୁଲେଖକ ଶ୍ରୀ ସୌରୀବଂଧୁ କରଙ୍କର ପୁସ୍ତକ ବିବେକାନନ୍ଦ ବିଚାର ଧାରା (ଦ୍ୱିତୀୟ ଭାଗ)ର ବିଚାର ଓ ବିଶ୍ଳେଷଣ ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ଭାରତୀୟ ସଂସ୍କୃତିର ଏକ ମାନବିକ ରୂପାୟନ । ସମୟର ବେଳାଭୂମିରେ ସମଗ୍ର ମାନବ ଜାତି ପାଇଁ ଏକ ସମୁଜ୍ଜ୍ୱଳ ଆଲୋକମିନାର । ଆଧୁନିକ ଭାରତର

Digitized by srujanika@gmail.com

ନବନିର୍ମାଣ ଥିଲା ତାଙ୍କର ସୁମହତ ଲକ୍ଷ୍ୟ ଓ ଆଭିମୁଖ୍ୟ । ପାଶ୍ଚାତ୍ୟର ବିଜ୍ଞାନ ଓ ପ୍ରାଚ୍ୟର ବେଦାନ୍ତର ସମନ୍ୱୟ ହେବ ଏଇ ନବନିର୍ମାଣର ଭିତ୍ତି ବୋଲି ସେ ଉଦ୍‌ଘୋଷଣା କରିଥିଲେ । ବିଶ୍ୱଭାତୃତ୍ୱ ହିଁ ବିଶ୍ୱନାଗରିକତ୍ୱର ମୂଳମନ୍ତ୍ର-ଏକଥା ସେ ସମଗ୍ର ବିଶ୍ୱଦରବାରରେ ଘୋଷଣା କରିଥିଲେ । ବିଶ୍ୱ ଗ୍ରାମ ଗଠନର ଅରୁଣାଭାସରେ ତାଙ୍କ ଚିନ୍ତା ଓ ଚେତନାର ଆକାଶ ରଞ୍ଜିତ ହୋଇଥିଲା, କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ବିକାଶରେ ବିଶ୍ୱବିକାଶର ପଥ ପ୍ରଶସ୍ତ ହେବ, କାରଣ ଭାରତ ହେଉଛି ବିଶ୍ୱର ଆତ୍ମା - ଏକଥାର ମହତ୍ତ୍ୱ ସେ ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ତେଣୁ 'ଉଠ, ଜାଗ୍ରତ ହୁଅ' ବୋଲି ଅହରହ ସେ ପ୍ରତ୍ୟେକ ଭାରତୀୟଙ୍କୁ ଉଦ୍‌ବୋଧନ ଦେଉଥିଲେ । ତାଙ୍କର ପ୍ରୟାସ, ପ୍ରଚେଷ୍ଟା, ଅବଦାନ, କୃତି ଓ କୃତିତ୍ୱର ଏକ ସଂକ୍ଷିପ୍ତ ଆକଳନର ଫଳଶ୍ରୁତି ହେଉଛି ଶ୍ରୀ କରଙ୍କ ପ୍ରଣୀତ ପୁସ୍ତକ 'ବିବେକାନନ୍ଦ ବିଚାରଧାରା' (ଦ୍ୱିତୀୟ ଭାଗ) ।

ଉକ୍ତ ପୁସ୍ତକରେ ସ୍ୱାମୀଜୀଙ୍କ ଚିନ୍ତାକାର୍ଯ୍ୟକୁ ଲେଖକ ମୁଖ୍ୟତଃ ଚାରିଗୋଟି ଭାଗରେ ବିଭାଜନ କରିଛନ୍ତି । ଯଥା- (୧) ଜାତୀୟତା ବାଦ, (୨) ସମାଜବାଦୀ ମାନବବାଦ, (୩) ପ୍ରୟୋଗାତ୍ମକ ବେଦାନ୍ତ ଦର୍ଶନ, (୪) ମନୁଷ୍ୟର ସେବା ଓ ମନୁଷ୍ୟ ଗଠନ ଶିକ୍ଷା ।

ଜାତୀୟବାଦ ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ ଲେଖକ କହିଛନ୍ତି ଯେ ସ୍ୱାମୀ ବିବେକାନନ୍ଦ ଥିଲେ ଜାତୀୟତାବାଦର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଭାରତୀୟ ଜାତୀୟତା ଓ ଧାର୍ମିକ ଏକତାକୁ ଗୋଟିଏ ମୁଦ୍ରାର ଦୁଇଟି ପାଖ ବୋଲି ସେ ବିଚାର କରିଥିଲେ । ମାଟି, ଗୋଡ଼ି ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ ଭାରତବର୍ଷ, ଭାଷାର ଏକ ଅଳଙ୍କାର ନୁହେଁ ଭାରତ ବର୍ଷ, ବରଂ ସେ ଏକ ଜୀବନ୍ତ ଦେବୀ, ଜାଗ୍ରତ ଚେତନା । ସେଇ ଦେବୀଙ୍କର ଚିତ୍‌ଭୂମି ପରାଧୀନତାର ଦାରୁଣ କଷାଘାତରେ ବିପର୍ଯ୍ୟସ୍ତ ଓ ଧ୍ୱସ୍ତବିଧ୍ୱସ୍ତ । ଆଖିରେ ଅଶ୍ରୁର ବନ୍ୟା, ଅନ୍ତରରେ ମର୍ମବିଦାରକ କୋହ ବିଚଳିତ କରିଥିଲା ସ୍ୱାମୀଜୀଙ୍କୁ । ପ୍ରତେକ ଭାରତୀୟଙ୍କୁ ଜଡ଼ତାର ଖୋଳପା ଚିରି ଜାତୀୟତାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ନବଜୀବନ ପଥର ପଥିକ ହେବାପାଇଁ ଆହ୍ୱାନ ଦେଇ ସେ କହିଥିଲେ - "ସଦର୍ପରେ କହ, ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତର ଦେବ ଦେବୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ମୋର ବାର୍ଦ୍ଧକ୍ୟର ବାରାଣସୀ, କହ ଭାଇ ଭାରତର ମୃତ୍ତିକା ମୋର ସ୍ୱର୍ଗ" । ପୁନଶ୍ଚ ସେ ମୁକ୍ତକଣ୍ଠରେ କହିଥିଲେ, "ବିଶ୍ୱର ଇତିହାସ

Digitized by srujanika@gmail.com

ପର୍ଯ୍ୟାଲୋଚନା ଦେଖିବାକୁ ପାଇବ ତାହାର ଜନ୍ମ ଭାରତବର୍ଷରେ । ସ୍ମରଣାତୀତ କାଳରୁ ଭାରତ, ମାନବ ସମାଜ ପାଖରେ ମୂଲ୍ୟବୋଧ ସମୂହର ଖଣି ସ୍ୱରୂପ ହୋଇ ରହିଛି ।" ଊନବିଂଶ ଶତାବ୍ଦୀରେ ଭାରତୀୟ ପରିବେଶରେ କୁସଂସ୍କାରର ରାଜତ୍ୱ ଚାଲିଥିଲା ବେଳେ ସ୍ୱାମୀଜୀଙ୍କ ଆହ୍ୱାନ ଉଷା ଲୋକର ସନ୍ଧାନ ଦେଇଥିଲା । ଭାରତର ଅତୀତର ଗୌରବ ଗାଥା ସ୍ୱାମୀଜୀ ସ୍ମରଣ କରିଛନ୍ତି । ଗଣିତ, ଜ୍ୟୋତିଷ, ଜଡ଼ବିଜ୍ଞାନ, ରସାୟନ ବିଜ୍ଞାନ, ଶଲ୍ୟ ଚିକିତ୍ସା କ୍ଷେତ୍ରରେ ପ୍ରାଚୀନ ଭାରତର ସମୃଦ୍ଧି ଥିଲା ଅସାଧାରଣ । ବହୁ ବୈଦେଶିକ ଆକ୍ରମଣ ଫଳରେ ଏବଂ ଅନ୍ୟ କେତେକ କାରଣଯୋଗୁଁ ମଧ୍ୟଯୁଗର ଭାରତରେ ସମୃଦ୍ଧିର ମାନ ହ୍ରାସ ପାଇଲା । ଏଇ ହ୍ରାସ କ୍ଷଣସ୍ଥାୟୀ । ପୁଣି ଭାରତ ଉଠିବ, ବିଶ୍ୱ ଦରବାରରେ ତା'ପାଇଁ ଅଭିପ୍ରେତ ଉଚ୍ଚାସନ ସେ ଅବଶ୍ୟ ପ୍ରାପ୍ତ ହେବ । ଏଇ ଦିବ୍ୟ ଦର୍ଶନକୁ ମନ୍ତ୍ରାୟିତ କରି ସେ ମତାମତ ଦେଇଥିଲେ ଯେ ଭାରତ ପୁନର୍ବାର ଉଠିବ, କିନ୍ତୁ ଜଡ଼ର ଶକ୍ତିରେ ନୁହେଁ, ଶାନ୍ତି ଓ ପ୍ରେମର ପତାକା ଉଡ଼ାଇ ।" ଆମର ଅତୀତର ସମୃଦ୍ଧି ଆଧୁନିକ ଭାରତରେ ବହୁଗୁଣିତ ହେବ - ଏହା କେବଳ କଥାର କଥା ନୁହେଁ, ମହାପୁରୁଷଙ୍କର ବାର୍ତ୍ତାନୁହେଁ ବରଂ ଏହା ଏକ ଜୀବନ୍ତ ବାସ୍ତବତା ଯାହାପାଇଁ ପ୍ରତ୍ୟେକ ଭାରତୀୟ ସଚେତନତା ପ୍ରକଟ କରିବା ଏକାନ୍ତ ଜରୁରୀ । ଏଇ ସଚେତନତାର ଚାବିକାଠି ଧର୍ମର ଉନ୍ନତିରେ ନିହିତ ରହିଛି । ଧର୍ମ କହିଲେ ସମ୍ପ୍ରଦାୟ ନୁହେଁ, ଧାର୍ମିକତା କହିଲେ ସାମ୍ପ୍ରଦାୟିକତାକୁ ବୁଝାଏ ନାହିଁ । ସ୍ୱାମୀଜୀଙ୍କ ମତରେ 'ଅନ୍ୟର ମଙ୍ଗଳ କରିବା ହେଉଛି ଧର୍ମ, ଅନ୍ୟର କ୍ଷତିକରିବା ହେଉଛି ପାପ, ଅନ୍ୟକୁ ଆଦର କରିବା ହେଉଛି ଧର୍ମ, ଅନ୍ୟକୁ ଘୃଣାକରିବା ହେଉଛି ପାପ' । ଏହି ଭାବହିଁ ଯଥାର୍ଥ ଭାରତୀୟତା ଯାହାର ଅଧିକାରୀ ହେବା ପ୍ରତ୍ୟେକ ଭାରତୀୟଙ୍କର ପରମ କର୍ତ୍ତବ୍ୟ । ଉଦାରତା ହେଉଛି ଭାରତୀୟ ଜାତୀୟତାର ଅନ୍ୟତମ ଅମଳିନ ଗୌରବ । ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଜାତି, ପ୍ରତ୍ୟେକ ସମ୍ପ୍ରଦାୟ, ଅନ୍ୟ ବ୍ୟକ୍ତି, ଅନ୍ୟ ଜାତି ଓ ଅନ୍ୟ ସମ୍ପ୍ରଦାୟ ଉପରେ ଗୁରୁତ୍ୱଆରୋପ କରିବା ବାଞ୍ଛନୀୟ । ଏଥିପାଇଁ ଆବଶ୍ୟକ ନିଃସ୍ୱାର୍ଥପର ସହନଶୀଳ ମନୋଭାବ । ଅହଂଭାବର ତ୍ୟାଗଦ୍ୱାରା ଏଇ ସହନଶୀଳତାର ଅଭିଷେକ କେବଳ ସମ୍ଭବ । ବୌଦ୍ଧିକତା ସହିତ ହୃଦୟବତ୍ତାର ସୁରମ୍ୟ ସମନ୍ୱୟ ଏକାନ୍ତ ଜରୁରୀ ବୋଲି ସ୍ୱାମୀଜୀ ଉଦ୍‌ଘୋଷଣା କରିଥିଲେ । ସେ କହିଥିଲେ, 'ଆମେ ଚାହୁଁ ସମନ୍ୱୟ, ଏକପାଖିଆ ବିକାଶ ନୁହେଁ' । ବେଦାନ୍ତ ଓ ବିଜ୍ଞାନର ସମନ୍ୱୟରେ ସଙ୍ଗଠିତ ମାନସିକତା ହିଁ ପ୍ରକୃତ ଭାରତୀୟତା ବୋଲି ସେ ବିଚାର ଓ ବିଶ୍ଳେଷଣ କରିଥିଲେ । ଏହିସବୁ ଦିଗ ଉପରେ ଲେଖକ ଶ୍ରୀଯୁକ୍ତ କର

Digitized by srujanika@gmail.com

ଉକ୍ତ ପୁସ୍ତକରେ ଗୁରୁତ୍ୱାରୋପ କରିଛନ୍ତି । ସରଳ ଭାଷାରେ ପ୍ରବହମାନ ଧାରାରେ ବ୍ୟକ୍ତବ୍ୟ ତାଙ୍କର ଉପସ୍ଥାପିତ ହୋଇ ପୁସ୍ତକଟିକୁ ସୁଖପାଠ୍ୟ କରିପାରିଛି, ଏଥିରେ ସନ୍ଦେହ ନାହିଁ ।

ସମାଜବାଦୀ ମାନବବାଦର ଅବତାରଣା ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ କର ଉଲ୍ଲେଖ କରିଛନ୍ତି ମାର୍କ୍ସବାଦ ଭିତ୍ତିକ ସମାଜବାଦ ସ୍ୱାମୀ ବିବେକାନନ୍ଦଙ୍କର ଉଦ୍‌ଘୋଷିତ ସମାଜବାଦ ସମ୍ପର୍କରେ । ମାର୍କ୍ସବାଦର ଶ୍ରେଣୀସଂଘର୍ଷ, ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ତଥା ଜଡ଼ ଭୌତିକବାଦକୁ ସ୍ୱାମୀଜୀ ଗ୍ରହଣ କରି ନ ଥିଲେ । ସ୍ୱାମୀଜୀଙ୍କର ସମାଜବାଦ ଥିଲା ମାନବବାଦର ଭିତ୍ତିରେ ସଂରଚିତ ଓ ସଙ୍ଗଠିତ । ମାନବିକ ସମାନତା, ମାନବିକ ଆଦର୍ଶ ଏହାର ମୂଳକଥା । ସ୍ୱାଧୀନ ଚିନ୍ତା ଓ ଅଭିବ୍ୟକ୍ତି ହିଁ ଯଥାର୍ଥ ସମାଜବାଦର ମୌଳିକତା ବୋଲି ସ୍ୱାମୀଜୀ କହୁଥିଲେ । ଶ୍ରୀଯୁକ୍ତ କରଙ୍କ ଭାଷାରେ, "ମାନବିକତାବାଦ ହେଉଛି ନୈତିକ ଆଧାତ୍ମିକ ବିଚାର । ବିବେକାନନ୍ଦଙ୍କର ସାମ୍ୟବାଦରେ ମନୁଷ୍ୟ ଓ ବ୍ରହ୍ମ ପରସ୍ପର ଯୁକ୍ତ ଓ ତାହାଦ୍ୱାରା ଚିହ୍ନିତ । ମନୁଷ୍ୟ ମାଧ୍ୟମ ନୁହେଁ । ମଣିଷ ହିଁ ଶେଷକଥା ।" ମାର୍କ୍ସୀୟ ଧାର୍ମିକ ବିଚାର ଓ ସ୍ୱାମୀଜୀଙ୍କ ଧାର୍ମିକ ବିଚାର ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି । ଧର୍ମକୁ ମାର୍କ୍ସ ଅଫିମ ସହିତ ତୁଳନା କଲାବେଳେ ସ୍ୱାମୀଜୀ ଏହାକୁ ଅନ୍ତର ଦିବ୍ୟତ୍ୱ ସହିତ ସମ୍ପର୍କିତ ଏକ ମହନୀୟ ମୂଲ୍ୟବୋଧ ବୋଲି ବିଚାର କରିଛନ୍ତି । ଧର୍ମ ଓ ବିଜ୍ଞାନ ପରସ୍ପର ସହ ସମ୍ବନ୍ଧିତ ଏବଂ ଭବିଷ୍ୟତର ଧର୍ମ ହେବ ଅନ୍ଧବିଶ୍ୱାସ ମୁକ୍ତ ଓ ବୈଜ୍ଞାନିକ ଚିନ୍ତାଯୁକ୍ତ ଏକଥା ସ୍ୱାମୀଜୀ କହିଛନ୍ତି । ମାର୍କ୍ସଙ୍କର ଅନୁଚିନ୍ତା ବିପ୍ଳବ ମାଧ୍ୟମରେ ପ୍ରଚାରିତ ପ୍ରସାରିତ ତଥା କ୍ରିୟାନ୍ୱିତ ହେବାକୁ ଅଭିପ୍ରେତ ଥିବାବେଳେ ସ୍ୱାମୀଜୀଙ୍କର ଅନୁଚିନ୍ତା ସେବା ଅର୍ଥାତ ମାନବ ସେବା ମାଧ୍ୟମରେ ପ୍ରକଟିତ ହେବାପାଇଁ ଅଭିପ୍ରେତ ଥିଲା । ଅତଏବ ସ୍ୱାମୀଜୀଙ୍କ ସମାଜବାଦର ଭିତ୍ତି ହେଉଛି ମାନବିକ ମୂଲ୍ୟବୋଧ, ବ୍ୟକ୍ତିତ୍ୱବାଦ ସର୍ବୋପରି ମାନବବାଦ । ଏହି ପ୍ରସଙ୍ଗରେ ଆଲୋଚ୍ୟ ପୁସ୍ତକରେ ବହୁ ତଥ୍ୟ ଓ ତତ୍ତ୍ୱ ପରିବେଷିତ ହୋଇଛି ।

ପ୍ରୟୋଗବାଦୀ ବେଦାନ୍ତ ଦର୍ଶନ ଉପରେ ଆଲୋକପାତ କରିବାକୁ ଯାଇ ଶ୍ରୀଯୁକ୍ତ କର ଉଲ୍ଲେଖ କରିଛନ୍ତି ସରଳ ଭାଷାରେ ସ୍ୱାମୀଜୀଙ୍କ ଉକ୍ତିକୁ । ମଣିଷ ଏକ ଯାନ୍ତ୍ରିକତାର ବିଗ୍ରହ ନୁହେଁ, ବରଂ ସେ ଏକ ବହୁ ସମ୍ଭାବନା ଗର୍ଭିତ ଏକ ବିଶିଷ୍ଟ ସତ୍ତା । ଏହି ସମ୍ଭାବନାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ।

ବେଦାନ୍ତର ବାର୍ତ୍ତା ଅନୁସାରେ ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ । ଅର୍ଥାତ ନିଜର ଆଧ୍ୟାତ୍ମିକ ଉନ୍ନତି ସହ ଜଗତର କଲ୍ୟାଣ ମଧ୍ୟ କରିବାକୁ ହେବ । ଜଗତକୁ

Digitized by srujanika@gmail.com

ଘୃଣା କରିବାକୁ ହେବନାହିଁ, ଅବମାନନା କରିବାକୁ ହେବ ନାହିଁ, ବରଂ ଜଗତର ମଙ୍ଗଳ ନିମନ୍ତେ ପ୍ରଯତ୍ନ କରିବାକୁ ହେବ । ନିଜର ଉନ୍ନତିକୁ ଉନ୍ନତିର ଅନୁଲମ୍ବ ପ୍ରସାରଣ ବୋଲି ଗ୍ରହଣ କଲାବେଳେ ଜଗତର ଉନ୍ନତିକୁ ସେଇ ଉନ୍ନତିର ଅନୁପ୍ରସ୍ଥ ପ୍ରସାରଣ ବୋଲି ଗ୍ରହଣ କରିବାକୁ ହେବ । ଗୋଟିକ ବିନା ଅନ୍ୟଟି ବ୍ୟର୍ଥ ଓ ଅର୍ଥ ହୀନ । ଉଭୟେ ଏକ ସଙ୍ଗରେ ଗତିଶୀଳ ହେବେ ଏବଂ ତାହାହିଁ ହେବ ବେଦାନ୍ତର ପ୍ରୟୋଗାତ୍ମକ ଦିଗନ୍ତର ବର୍ଣ୍ଣବିଭା । ନିଜ ଭିତରେ ଅନ୍ୟକୁ ଓ ଅନ୍ୟ ଭିତରେ ନିଜକୁ ଦେଖିବାର ମାନସିକତା ହିଁ ପ୍ରୟୋଗବାଦୀ ବେଦାନ୍ତର ଅନ୍ୟ ଏକ ଦିଗ ଯାହା ଉପରେ ସ୍ୱାମୀଜୀ ଗୁରୁତ୍ୱ ପ୍ରଦାନ କରିଥିଲେ । ଉତ୍ତମ ସମାଜ ଗଠନ ନିମନ୍ତେ ଯଥାଯୋଗ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଏକାନ୍ତ ଆବଶ୍ୟକ । ଆତ୍ମବିଶ୍ୱାସ ହିଁ ଭଗବତ ବିଶ୍ୱାସର ଅନ୍ୟନାମ, ବୋଲି ସ୍ୱାମୀଜୀ କହିଥିଲେ । ଶାରୀରିକ ସୁସ୍ଥତାର ଉତ୍କର୍ଷ ପାଇଁ ତାଙ୍କର ଆହ୍ୱାନ ବରଣୀୟ ଓ ଅଭିନନ୍ଦନୀୟ । ତେଣୁ ତ ସେ କହିଥିଲେ "ଗୀତା ପାଠ ଅପେକ୍ଷା ଫୁଟବଲ ଖେଳିଲେ ତୁମେ ସ୍ୱର୍ଗର ଅଧିକ ନିକଟବର୍ତ୍ତୀ ହେବ" । ଅତଏବ ଶରୀର, ମନ ଓ ଆତ୍ମାର ସର୍ବାଙ୍ଗୀନ ବିକାଶ ହିଁ ମଣିଷର ଯଥାର୍ଥ ବିକାଶ । ଏହି ବିକାଶ ହିଁ ପ୍ରୟୋଗାତ୍ମକ ବେଦାନ୍ତ ଦର୍ଶନର ସମୁଚିତ ଫଳଶ୍ରୁତି । ବ୍ୟକ୍ତି ଜୀବନର ପ୍ରଗତି ଏବଂ ବିଶ୍ୱ ଜୀବନର ବିକାଶ ଏହା ମାଧ୍ୟମରେ ଏକ ସମୟରେ ସମ୍ଭବ, ଅର୍ଥନୀତିକ ବିକାଶ, ସାଂସ୍କୃତିକ ବିକାଶ, ଆତ୍ମିକ ବିକାଶ, ସାମାଜିକ ବିକାଶ ପ୍ରଭୃତି ସମସ୍ତ ପ୍ରକାର ବିକାଶ ଦ୍ୱାରା ବେଦାନ୍ତର ସଫଳ ପ୍ରୟୋଗ ହୋଇପାରିବ ବୋଲି ସ୍ୱାମୀଜୀଙ୍କ ଆହ୍ୱାନ ପ୍ରସଙ୍ଗ ଉପରେ ଶ୍ରୀଯୁକ୍ତ କର ଆଲୋଚ୍ୟ ପୁସ୍ତକରେ ଆଲୋକପାତ କରିଛନ୍ତି ।

ମନୁଷ୍ୟର ସେବା ଓ ମନୁଷ୍ୟର ଗଠନ ଶିକ୍ଷା ନିମନ୍ତେ ଯଥୋଚିତ ଦିଗ୍‌ଦର୍ଶନ ଦେଇଥିଲେ ସ୍ୱାମୀ ବିବେକାନନ୍ଦ । ମନୁଷ୍ୟର ସେବାହିଁ ଈଶ୍ୱରଙ୍କ ସେବା କାରଣ ମନୁଷ୍ୟ ହିଁ ଜୀବନ୍ତ ଈଶ୍ୱର । ମଣିଷ ବଡ଼, ସମାଜରୁ ମଣିଷକୁ ବଡ଼ କରିବାକୁ ହେବ । ମଣିଷର ଉନ୍ନତିରେ ସମାଜର ଉନ୍ନତି । ଉତ୍ତମ ମନୁଷ୍ୟ ହିଁ ଜାତି ଦେଶ ତଥା ସମଗ୍ର ବିଶ୍ୱର ଅମୂଲ୍ୟ ରତ୍ନ । ଦରିଦ୍ର, ଅବହେଳିତ ଜନତାର ସେବା ନିମନ୍ତେ ସତତ ଯତ୍ନଶୀଳ ସ୍ୱାମୀଜୀଙ୍କ ଦ୍ୱାରା ଶ୍ରୀରାମକୃଷ୍ଣ ମଠ ଓ ରାମକୃଷ୍ଣ ମିଶନ ଗଠିତ ହୋଇଛି । ଖାଦ୍ୟ ବସ୍ତ୍ର ବାସଗୃହ ସହିତ ଯଥା ଯୁକ୍ତିଶିକ୍ଷା ଅତୀବ ଅପରିହାର୍ଯ୍ୟ । ଶିକ୍ଷା ହିଁ ଆଲୋକ ଯାହା ଅଜ୍ଞାନତାର ଅନ୍ଧକାରକୁ ଦୂରୀଭୂତ କରିବ ଏବଂ ମନୁଷ୍ୟର ଭିତରେ ଥିବା ଦିବ୍ୟ ଭାବନାର ପରିପ୍ରକାଶ କରିବ । ଶିକ୍ଷା କରିବ ଚରିତ୍ର ଗଠନ, ମନୁଷ୍ୟତ୍ୱର ପୂର୍ଣ୍ଣ ସଙ୍ଗଠନ ଯାହା ଆଧୁନିକ ଭାରତର ନବନିର୍ମାଣର ବିଶିଷ୍ଟ ଉପାଦାନ କହିଲେ ବହୁଭାଷଣ ହେବନାହିଁ ।

Digitized by srujanika@gmail.com

ଶିକ୍ଷା ବ୍ୟବସ୍ଥାକୁ ମାନବ ଗଠନ ଦିଗରେ ବ୍ରତୀ କରିବା ପାଇଁ ଆହ୍ୱାନ ଦେଇଥିଲେ ସ୍ୱାମୀଜୀ । ଅନ୍ୟପ୍ରତି ସମ୍ବେଦନଶୀଳତା, ଅନ୍ୟର ମତାମତକୁ ଗୁରୁତ୍ୱ ଦେବା, ଅନ୍ୟକୁ ଆଦର କରିବା, ଜୀବନରେ ଆଶାକୁ ବଳବତ୍ତର କରିରଖିବା, ନିଜକୁ ବିଶ୍ୱମାନବର ଗୌରବରେ ଗୌରବାନ୍ୱିତ କରିବାର ମନୋବୃତ୍ତି ପ୍ରକୃତପକ୍ଷେ ମନୁଷ୍ୟର ଗଠନ ଶିକ୍ଷାର ଅନ୍ତର୍ଭୁକ୍ତ । ସ୍ୱାମୀଜୀଙ୍କର ଏହି ମାର୍ଗଦର୍ଶନ ସମ୍ବନ୍ଧରେ ଆଲୋଚ୍ୟ ପୁସ୍ତକରେ ଶ୍ରୀଯୁକ୍ତ କର ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ପୁସ୍ତକରେ ସ୍ୱାମୀଜୀଙ୍କ ଓ ସୁଭାସ ଚନ୍ଦ୍ର ବୋଷଙ୍କର ଦର୍ଶନର ବିଚାରକୁ ସ୍ଥାନ ଦିଆଯାଇଛି । ନେତାଜୀ ବହୁ ଭାବରେ ସ୍ୱାମୀଜୀଙ୍କ ଚେତନାଦ୍ୱାରା ପ୍ରଭାବିତ ହୋଇଥିଲେ । ବିଶେଷତଃ ସ୍ୱାମୀଜୀଙ୍କ ସେଇ କଥା 'ମାନବ ସମାଜର ସେବାରେ ନିଜର ମୁକ୍ତି ଖୋଜ', ମନୁଷ୍ୟର ସେବାରେ ଈଶ୍ୱରଙ୍କର ପୂଜା ହୁଏ' ପ୍ରଭୃତି ନେତାଜୀଙ୍କୁ ଅନୁପ୍ରାଣିତ କରିଥିଲା । ନେତାଜୀଙ୍କ ମତରେ 'ମୁଁ କେଉଁ ଭାଷାରେ ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଋଣୀ ତାହା ବର୍ଣ୍ଣନା କରିବି । ସେମାନଙ୍କର ପବିତ୍ର ପ୍ରଭାବ ଫଳରେ ମୋ ଜୀବନର ପ୍ରଥମ ଉନ୍ମେଷ ଘଟିଥିଲା" । ଉକ୍ତ ପୁସ୍ତକରେ ବିବେକାନନ୍ଦ ଓ ଗାନ୍ଧୀ ଦର୍ଶନର ଏକ ମୂଲ୍ୟାୟନ ସ୍ଥାନ ପାଇଛି । ଲେଖକଙ୍କ ମତରେ- "ସ୍ୱାମୀଜୀ ଯେଉଁ କାର୍ଯ୍ୟର ଶୁଭାରମ୍ଭ କରିଥିଲେ, ଗାନ୍ଧିଜୀ ତାହାକୁ ଆଗକୁ ବଢ଼ାଇ ଭାରତକୁ ସ୍ୱାଧୀନତା ଦେବାରେ ସକ୍ଷମ ହୋଇଥିଲେ ।" ଅହିଂସା ସମ୍ପର୍କରେ ଉଭୟ ବିବେକାନନ୍ଦ ଓ ଗାନ୍ଧିଜୀଙ୍କର ବିଚାର ସାମ୍ୟ ଥିଲା ବୋଲି ଲେଖକ ଶ୍ରୀଯୁକ୍ତ କର ଉଲ୍ଲେଖ କରିଛନ୍ତି । ଉଭୟେ ସ୍ୱାମୀଜୀ ଓ ଗାନ୍ଧିଜୀ ଥିଲେ ଦେଶପ୍ରେମୀ, ବିଶ୍ୱପ୍ରେମୀ ସର୍ବୋପରି ମାନବ ପ୍ରେମୀ ପୁଣି ବିଭୁ ପ୍ରେମୀ ।

ପୁନଶ୍ଚ ଉକ୍ତ ପୁସ୍ତକରେ ସ୍ୱାମୀଜୀଙ୍କ ଶିଷ୍ୟ ଭଗିନୀ ନିବେଦିତାଙ୍କ ମହାନୁଭବତା ପ୍ରସଙ୍ଗ ଆଲୋଚିତ ହୋଇଛି । ନିବେଦିତାଙ୍କ ପୂର୍ବନାମ ଥିଲା ମିସ୍ ମାର୍ଗରେଟ ଇ.ନୋବେଲ । ସେ ଉତ୍ତର ଆୟାରଲାଣ୍ଡରେ ଜନ୍ମଗ୍ରହଣ କରିଥିଲେ । ସ୍ୱାମୀଜୀ ବିବେକାନନ୍ଦଙ୍କର ପାଶ୍ଚାତ୍ୟ ରହଣି ସମୟରେ ସ୍ୱାମୀଜୀଙ୍କର ଅମୃତମୟ ଉପଦେଶ ଓ ବକ୍ତୃତା ଦ୍ୱାରା ମାର୍ଗାରେଟ ବହୁ ଭାବରେ ପ୍ରଭାବିତ ହେଲେ ଓ ପବିତ୍ର ଭାରତବର୍ଷକୁ ଆସିଲେ । ଭାରତୀୟ ଜୀବନଧାରା, ସଂସ୍କୃତି ତାଙ୍କୁ ବିମୁଗ୍ଧ କଲା । ଭାରତୀୟ ବାତାବରଣରେ ସେ ପାଇଲେ ଶାନ୍ତ ଶୀତଳ ମଧୁର ଦିବ୍ୟସ୍ପର୍ଶ । ବିବେକାନନ୍ଦଙ୍କ ନିର୍ଦ୍ଦେଶରେ ସେ ଭାରତବର୍ଷରେ ଶିକ୍ଷା ଓ ସମାଜର ସଙ୍ଗଠନ କାର୍ଯ୍ୟରେ ଆତ୍ମନିୟୋଗ କଲେ । ସ୍ୱାମୀଜୀ ତାଙ୍କୁ ଜଣାଇଲେ ଯେ, ଭାରତରେ ନାରୀର ଆବଶ୍ୟକ, ବାସ୍ତବ ସିଂହୀ ଯେ କି ଭାରତୀୟ ବିଶେଷ କରି ମହିଳାମାନଙ୍କ ପାଇଁ କାର୍ଯ୍ୟ କରିବ ।

Digitized by srujanika@gmail.com

ଭାରତବର୍ଷକୁ ସଭକ୍ତି ପ୍ରଣାମ ଜଣାଇ ଭାରତୀୟ ସଂସ୍କୃତିର ଜୟଗାନ କରି ନିବେଦିତା କହିଥିଲେ, "ସମସ୍ତ ଧର୍ମର ସର୍ବଶ୍ରେଷ୍ଠ ଓ ସର୍ବୋତ୍ତମ ଜନ୍ମସ୍ଥାନ ଭାବରେ ମୁଁ ଭାରତବର୍ଷକୁ ଭଲପାଏ ।" ଉପଯୁକ୍ତ ଗୁରୁଙ୍କର ଉପଯୁକ୍ତ ଶିଷ୍ୟା ଭାବରେ ଭଗିନୀ ନିବେଦିତାଙ୍କର ସ୍ମୃତି ଭାରତୀୟ ଜନମାନସରେ ଚିର ଜାଜ୍ୱଲ୍ୟମାନ ହୋଇ ରହିବ ।

ସର୍ବୋପରି ଆଲୋଚ୍ୟ ପୁସ୍ତକଟି ଏକାଧାରାରେ ତଥ୍ୟପୂର୍ଣ୍ଣ ଓ ସୁପଠନୀୟ ହୋଇଛି । ସ୍ୱାମୀଜୀଙ୍କ ପ୍ରତିଭାର କେତେ ଦିଗନ୍ତ ଏଥିରେ ସହଜ ସରଳ ଭାଷାରେ ଉନ୍ମୋଚିତ ହୋଇଛି । ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକରୁ କେତେଗୋଟି ପୂର୍ବରୁ ଭିନ୍ନ ଭିନ୍ନ ପତ୍ରିକାରେ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ହୋଇଥିଲା ପୁସ୍ତକାକାରରେ ପ୍ରଣୀତ ହେବାରୁ ତାହା ଅଧିକରୁ ଅଧିକ ଜନପ୍ରିୟତା ଅର୍ଜନ କରିଛି । ପୁସ୍ତକଟି ଭୁବନେଶ୍ୱର ମଠର ସନ୍ନ୍ୟାସୀ ସ୍ୱାମୀ ପ୍ରିୟରୂପାନନ୍ଦ (ସୁଦର୍ଶନ ମହାରାଜ)ଙ୍କୁ ସମର୍ପିତ ହୋଇଛି । ମହାବୀର ପ୍ରକାଶନ ତରଫରୁ ୧୨୦ ପୃଷ୍ଠାର ଏହି ବହିଟି ପ୍ରକାଶିତ ହୋଇଛି । ଏଥିପାଇଁ ଶ୍ରୀ ରମାକାନ୍ତ ମିଶ୍ର ଧନ୍ୟବାଦାର୍ହ । ପ୍ରଚ୍ଛଦପଟ ଅଙ୍କନ କରିଛନ୍ତି ଶ୍ରୀ ବିଜୟ କୁମାର ପ୍ରଧାନ । ପ୍ରଥମ ପ୍ରକାଶ କାଳ ହେଉଛି ୨୦୦୬ ମସିହା । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିଛି ଏବଂ ଭବିଷ୍ୟତରେ ଅଧିକରୁ ଅଧିକ ଆଦୃତ ହେବ ବୋଲି ମୋର ବିଶ୍ୱାସ ରହିଛି । ଜୟ ଜଗନ୍ନାଥ ।

ପ୍ରଫେସର, ଓଡ଼ିଆ ବିଭାଗ, ବାଣୀବିହାର

Digitized by srujanika@gmail.com

COM.S.B.KAR

D.D.Rustagi

India is probably the only civilization whose ancient knowledge and traditions have been kept alive for over five millennia. This would not have been possible without dedicated and committed people in every age and century.

One such personality, who has all along been striving to bring about change in the lives of not only Canara Bank employees, but also disadvantaged people and less fortunate holding a candle of hope to others is none other than Com.Souribandhu Kar, Vice President of our Union. Com.S.B.Kar retires on attaining superannuation on 30.04.2008 after nearly 36 years of service to our beloved Institution and also tireless efforts in espousing the cause of the Canara Bank employees across the country.

Joining the Bank's service on 20-07-1972 as Clerk at Berhampur branch, neither the comforts of decent home, a well-paying job nor his spiritual orientation could hold the fighting spirit of Com.S.B.Kar and he became the Branch Secretary of our Bapuji Nagar, Bhubaneswar unit in 1974. Identifying his talents, he was inducted in the Central Committee during the Madras Conference in 1980 and was elected as Vice President of the Union in the year 1985. Alongside, he has also been serving the State Committee of Orissa as Secretary since 1985.

He spearheaded the mass movements of AITUC and bank

Digitized by srujanika@gmail.com

employees under the banner of AIBEA since 1980. For the employees of Canara Bank, he led many struggles like dharna, gheraoing executives for opening more branches in the State of Orissa, conducting members' meeting in the branch premises despite ban during emergency and faced court case and charge sheet.

Entrustment of the following organizational responsibilities to Com.S.B.Kar is nothing but a recognition of his constant and dedicated service with transparent sincerity in pursuing the trade union activities.

Vice President, AOBEA	1980
General Council Member, AIBEA	1986
General Council Member, AITUC	1994
Course Director, Com.C.S.Memorial Trade Union Institute, Chennai	1995
Deputy General Secretary, AITUC	1997
President, AOBEA	2001
General Secretary, AITUC, Orissa	2002

Hailing from the State of Orissa, the land of Konark Sun Temple and Lord Jagannath Temple, having rich and varied culture, Com.S.B.Kar personified this traditional cultural excellence through his literary outputs. He has published short story collections, essay collections, biographies, translation of children's books, a novel (Subhadra and Ghata) and his other publications earned him the rare honour of felicitation by Orissa Sahitya Academy and the National Book Trust of India. He also writes regular columns in nine major dailies published from Orissa. Indeed, this noble son of Orissa has thus made his State proud

Digitized by srujanika@gmail.com

and we salute him for his literary accomplishments and also greet him for being the recipient of 9 Awards, including Sarala Sahitya Sansad, Oriya Sammelani, Baisakhi Sahitya Sansad to mention a few.

His social activities are equally varied and significant, ranging from Member, Managing Committee, Ramakrishna Mission, Bhubaneswar; Member, General Council, Orissa Sahitya Academy Trustee, NBT, India; Member, AIPSO General Council to name a few.

His capacity to work and willingness to devote time for others welfare is further exemplified by his deep involvement in the people's movements, political arena and trade union movement. The tenacity of purpose born out of political conviction enabled him to dare the powers that be and court arrests in general strikes/ satyagraha in connection with the NALCO and POSCO movements 7 times. He was a delegate to WFTU Conferences at Delhi (2000) and at Cuba (2005) and has attended seminars as delegate at Damascus (WFTU) Hanoi (AAPSO), Moscow and Cairo (AAPSO), World Social Forum (Hyderabad).

His has been a very busy life; purposeful and consciously oriented towards enlightening, enriching and enhancing the level of consciousness of the comrades and people around him. His exhortations in public meetings are such that his speech aimed at instilling a quiet revolution in the mind of the listener, an awareness of his rights and the possibility of changing his destiny. A whirlwind of the trade union struggles and a crusader against social evils, Com.Kar finds contentment in lighting up the lives of the socially marginalised and tribal people of Orissa.

I may seldom come across an eminent personality like Com.S.B.Kar in the organization. But his deeds and immeasurable

Digitized by srujanika@gmail.com

contribution to the working class movement will always be a source of great inspiration to every one in defying adversities to take on the emerging challenges.

I wish this self effacing revolutionary comrade with proletarian outlook a prosperous, healthy and active retired life.

GENERAL SECRETARY

Digitized by srujanika@gmail.com

My Friend and Comrade in Arms S. B. Kar

Abani Baral

An eminent trade union leader of outstanding national repute, leading Orissa and India's All India Bank Employees Association, Canara Bank Employees Union, and holding the post of General Secretary of Orissa State AITUC leading a few lakhs of workers, and in the same breath a noted columnist and writer—Com S. B. Kar as is popularly known all over is a rare personality having all feathers in his cap.

As a trade unionist and a workers' leader of national repute, one ordinarily expects him to write on the problems and issues confronting the workers, or bank employees—and stressing upon the impact of LPG i.e. liberalisation, privatisation and globalisation on economy and working class which he definitely does. But, while I mention that he is a rare combination of writer and working class leader, I mean that, besides his routine work of writing on economic or trade union issues, he writes stories, poems, and is quite known in literary circle. He has been serving as a member of the National Book Trust and Orissa Sahitya Akademy for a pretty long time.

Many may not be knowing that he is also a politician—a leftist politician, who is a part of the state and national leadership of CPI.

As a friend and colleague of mine, I have the opportunities of working with him and observing him from very close quarters.

Digitized by srujanika@gmail.com

He never says 'No' to any task assigned to him, however difficult that may be. When students/ youth meet him and request him to be the general secretary of the State Reception Committee of their Jatha programme, or when publication of party paper ' Nua Dunia' is thrust upon him which he has to undertake along with his routine work of AITUC general Secretary, he accepts all assignments and I have never seen him shirking or failing in fulfilling the task.

Many a times I am surprised, how can he find time to write literature and look after his family?

Com S. B. Kar or Souri babu as people call him, is a pleasing personality, with tremendous love and affection towards almost all whom he knows. During new years, I used to issue Greeting Cards on behalf of Sikshak Mahasangh to all and Souri babu sends us Canara Bank's big lettered Calendar. He was busy this year— I thought he has forgotten – but by the end of February, he asked us to pick up the calendars from his residence, which he has carefully kept for us. This is very small thing, but speaks very big on his affectionate nature. Maybe he does not have any enemy, who might envy him.

He will retire from his Bank Employee job He may come out of AIBEA and AOBEA. But, a still larger world, with many more activities are ready to embrace him. Dimension of his world of activities would be widened. He will lead the CPI, lead the AITUC in more active way and expand it further. He will also continue to write on national and international issues.

I welcome Comrade Kar to a larger, broader world of activities and as a comrade in arms; wish him a long healthy eventful life.

General Secretary, Sikshak Mahasangh, Orissa

❖❖

Digitized by srujanika@gmail.com

The World of Souribandhu Kar

Jatindra Kumar Nayak

I distinctly remember my first meeting with Souri babu although I am not sure if we met sometime in 1991 or 1992. I was familiar with his name, for his articles and columns appeared quite often in newspapers and magazines in Oriya, but we never had had any occasion to meet. The opportunity to meet him came when Professor Ganeswar Mishra took me along to Souri babu's house in Gajapati Nagar one evening while taking his evening walk. We had tea at his house and talked shop for a while. He struck me then as an affable man of cheerful disposition.

Opportunities for more frequent interaction with Souri babu came when I joined Utkal University in 1996. I often ran into him at public meetings, the Ramakrishna Mission and at literary get-togethers. Closer contact with him revealed to me facets of his personality, which enhanced my admiration for him. I learnt that he was active in the trade union movement, a left-leaning intellectual who was also a great admirer of Swami Vivekananda and a voracious reader. I found that he felt most at home in his well-stocked library, which he used not as a retreat from the world but a site where he could effectively exercise his role as an energetic public intellectual.

In 2006, Rupantar, a Centre for Translation with which I am closely associated published a few stories by Souri babu, which were translated into English by his daughter. While editing these,

Digitized by srujanika@gmail.com

one story titled, ' Reminiscences' moved me deeply. It is unmistakably autobiographical and in it unfolds the story of a fatherless child leaving his village to study at a school in a small town. The intimate details of this remembered life are hauntingly vivid and convey a quiet acceptance of suffering and deprivation. They are lit up with the simple joys of being alive. Later, when I talked to Souri babu about this story, he recounted, matter-of-factly and without the slightest trace of self-pity his early struggles for survival as a young man in Bhubaneswar. Ordinarily, experiences he had gone through tend to mark people for life and set them on a relentless pursuit of security— financial and emotional. In Souri babu's case, these struggles made him aware of the need to plunge himself into a larger cause—the cause of the underprivileged the downtrodden. I am sure, the influence of Swami Vivekananda and his social mission must have insulated him against certain harsh preoccupations of Marxist thought.

When I think of Souri babu and his chosen way of living I am reminded of my father, who passed away recently. Souri babu is far more educated than my father, who was a primary teacher, and the world he moves in and labours is much larger than the one in which my father lived and worked. And as I write this I feel yet they share certain similarity at a deeper level. People like my father and Souri babu are possessed of a restlessness energy, which irresistibly draws them away from domesticity. They cannot help getting involved in building institutions, however stressful and disillusioning the process might be. The line deciding the public and the private in their lives get constantly blurred, often to the dismay of the members of their families. Their lives get inextricably entangled with the lives of institutions; countless individuals and the price they have to pay for such involvement

Digitized by srujanika@gmail.com

